ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Vol.26 . No.89 Bhubaneswar Friday May 12 2023 | ୨୬ତମ ବର୍ଷ ସଂଖ୍ୟା-୮୯ ଭୁବନେଶ୍ୱର, ଶୁକ୍ରବାର, ମଇ ୧୨, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) | Member-INS

# ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

## - ପୁରୀ ଇଂଟରନ୍ୟାସନାଲ ଏୟାରପୋର୍ଟ ନେଇ ଆଲୋଚନା - କୌଣସି ରାଜନୈତିକ ଆଲୋଚନା ହୋଇନି : ନବୀନ

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୧।୫ (ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଗୁରୁବାର ଅପରାହ୍ନରେ ନୂଆଦିଲ୍ଲୀରେ ଭେଟିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ପରେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ସହ ପୁରୀ ଇଂଟରନ୍ୟାସନାଲ ଏୟାରପୋର୍ଟ ନେଇ ଆଲୋଚନା ହୋଇଛି । ଯାତ୍ରୀ ଓ ବିମାନ ସଂଖ୍ୟା ବୃଦ୍ଧି ଯୋଗୁ ଭୁବନେଶ୍ୱର ଏୟାରପୋର୍ଟ ଉପରେ ଅଧିକ ଚାପ ପଡୁଛି । ତେଣୁ ଶ୍ରୀଜଗନ୍ନାଥ ଏୟାରପୋର୍ଟ କାମ ସାରିବାକୁ ପ୍ରଧାନମନ୍ତ୍ରୀ ସହଯୋଗ ଲୋଡ଼ା ଯାଇଥିଲା । ଏୟାରପୋର୍ଟ ପାଚେରୀ ପାଇଁ ଚିହ୍ନଟ କାମ ଶେଷ ହୋଇଯାଇଛି । ଏହା ଜାଣିବା ପରେ ପ୍ରଧାନମନ୍ତ୍ରୀ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି କହିଛନ୍ତି । ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ପରେ ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ସହ କୌଣସି ରାଜନୈତିକ ଆଲୋଚନା ହୋଇନି । କେବଳ ପୁରୀରେ ବିମାନବନ୍ଦରକୁ



ନେଇ ଆଲୋଚନା ହୋଇଛି । ସେହିପରି ଆଗାମୀ ନିର୍ବାଚନରେ ଏକାକୀ ଲଢ଼ିବେ କି ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସର୍ବଦା ଏହା ଆମର ମୁଖ୍ୟ ନୀତି ରହିଆସିଛି । ତୃତୀୟ ସାମ୍ମୁଖ୍ୟ ଗଠନ ନେଇ ସେ କହିଛନ୍ତି, ଏବେ ନୁହେଁ । ଏହି ସାମ୍ମୁଖ୍ୟରେ ଆମେ ନାହୁଁ ।ଆଲୋଚନା ବେଳେ ଓଡ଼ିଶାରେ ଅସମ୍ପୂର୍ଣ୍ଣ ଥିବା ଜାତୀୟ ରାଜପଥଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ସହ ଓଡ଼ିଶାର ପଂଚାୟତସ୍ତରରେ ଅଧିକରୁ ଅଧିକ ବ୍ୟାଙ୍କ ସ୍ଥାପନ ପାଇଁ ଦାବି କରାଯାଇଛି । ବର୍ତ୍ତମାନ ଓଡ଼ିଶାର ୬୭୯୮ ପଂଚାୟତ ମଧ୍ୟରୁ ୨୮୪୪ ଗ୍ରାମ ପଂଚାୟତରେ ବ୍ୟାଙ୍କ ସେବା ଅଛି । ଯାହାକି ମାତ୍ର ୪୨ ପ୍ରତିଶତ । ଅନ୍ୟ ପଂଚାୟତଗୁଡ଼ିକୁ ବ୍ୟାଙ୍କ ସେବାରେ ସାମିଲ ପାଇଁ ନବୀନ ମୋଦୀଙ୍କ ନିକଟରେ ଦାବି କରିଛନ୍ତି ।

# ଝାରସୁଗୁଡା ଉପନିର୍ବାଚନ : ଶନିବାର ସକାଳ ୮ଟାରୁ ଭୋଟ୍ ଗଣତି

ଭୁବନେଶ୍ୱର, ୧୧।୫(ପି.ଏନ): ଗତକାଲି ଝାରସୁଗୁଡା ଉପନିର୍ବାଚନ ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଥିବା ବେଳେ ୭୯.୨୧ ପ୍ରତିଶତ ମତଦାନ ହୋଇଛି । ଆସନ୍ତା ୧୩ ତାରିଖ ଶନିବାର ଦିନ ଭୋଟ୍ ଗଣତି ପରେ ଫଳାଫଳ ପ୍ରକାଶ ପାଇବ । ଏନେଇ ଗୁରୁବାର ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ଝାରସୁଗୁଡ଼ା ଉପନିର୍ବାଚନ ଭୋଟଗଣତି ସଂପର୍କରେ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଝାରସୁଗୁଡ଼ା ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ । ଝାରସୁଗୁଡ଼ା ଇଂଜିନିୟରିଂ ସ୍କୁଲ ପରିସରରେ ସକାଳ ୮ ଘଟିକା ସମୟରେ ପ୍ରଥମେ ପୋଷ୍ଟାଲ ବାଲାଟ ଗଣତି ହେବ ଓ ୮.୩୦ ମିନିଟରେ ଇଭିଏମ୍ ଗଣତି ଆରମ୍ଭ ହେବ । ଭୋଟଗଣତି ନିମନ୍ତେ ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ପ୍ରକାରର ସୁବ୍ୟବସ୍ଥା କରାଯାଇଛି । ଭୋଟଗଣତି କେନ୍ଦ୍ର ତଥା ଝାରସୁଗୁଡ଼ା ଇଂଜିନିୟରିଂ ସ୍କୁଲ ଚତୁଃପାଶ୍ୱର୍ରେ ଭୋଟଗଣତି ଦିନ ସମ୍ଭାବ୍ୟ ଜନଗହଳିକୁ ପରିଚାଳନା ସହ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ମୁଖ୍ୟ ନିର୍ବାଚନ ଅଧିକାରୀ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଭୋଟଗଣତି ଦିନ ଯେପରି କୌଣସି ପ୍ରକାରର ଅସୁବିଧା ନହେବ, ସେଥି ଲାଗି ପ୍ରସ୍ତୁତ ରହିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳ ଆଭାସୀ ବୈଠକରେ ଉପସ୍ଥିତ ଥିବା ସମସ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ଝାରସୁଗୁଡ଼ା ଜିଲ୍ଲାପାଳ ଆବୋଲି ଏସ୍ ନରୱାଣେ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସ୍ମିଥ୍ ପି. ପୁରୁଷୋତ୍ତମ ଦାସ, ଅତିରିକ୍ତ ଜିଲ୍ଲାପାଳ ପ୍ରବୀର କୁମାର ନାୟକ ଓ ଲଙ୍କେଶ୍ୱର ଅମାତ, ଉପଜିଲ୍ଲାପାଳ ରିଟର୍ଣ୍ଣିଂ କିଶୋର ଚନ୍ଦ୍ର ସ୍ୱାଇଁ, ଝାରସୁଗୁଡ଼ା ଡି.ଆଇ.ଓ, ଏନ୍‌ଆଇସି ଅକ୍ଷୟ କୁମାର ମିଶ୍ର, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର, ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ସାହୁ, ଓଏସ୍‌ଡି ଭବାନୀ ପ୍ରସାଦ ରାୟ, ଉପମୁଖ୍ୟ ନିର୍ବାଚନ ଅଧିକାରୀ ପଦ୍ମଜା ଦାଶ, ବିତ ଅଧିକାରୀ ସଂଜୟ କୁମାର ଲୁଗୁନ୍, ଆଇଟି ନୋଡାଲ ଅଧିକାରୀ ଦେବରାଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ଉଦ୍ଧବ ଠାକରେଙ୍କୁ କାଉଣ୍ଟର କଲା ବିଜେପି: ସିନ୍ଦେ ଇସ୍ତଫା ଦେବେନି କହିଲେ ଫଡନାଭିସ

ନୂଆଦିଲ୍ଲୀ, ୧୧।୫(ପି.ଏନ): ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ କ୍ଷମତା ପାଇଁ ବିଚାରଧାରାକୁ ଛାଡିଥିଲେ । କିନ୍ତୁ ତାଙ୍କ ଉତ୍ତରାଧିକାରୀ ଏକନାଥ ସିନ୍ଦେ କ୍ଷମତା ବଦଳରେ ବିଚାରଧାରାକୁ ବାଛିଥିଲେ । ତେଣୁ ସେ କୌଣସି ପ୍ରକାରରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବେ ନାହିଁ ବୋଲି ମହାରାଷ୍ଟ୍ରର ଉପ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ କହିଛନ୍ତି । ଏଥିସହ ଶିବସେନାରେ ଗତବର୍ଷ ଠାରୁ ଚାଲିଥିବା ବିବାଦକୁ ନେଇ ସୁପ୍ରିମକୋର୍ଟ ଦେଇଥିବା ରାୟକୁ ମଧ୍ୟ ଶ୍ରୀ ଫଡନାଭିସ ସ୍ୱାଗତ କରିଛନ୍ତି ।ସୁପ୍ରିମକୋର୍ଟ ଉଦ୍ଧବ ଠାକରେଙ୍କ ସରକାରକୁ ପୁନଃ ସ୍ଥାପିତ କରିବାକୁ ମନା କରିଛନ୍ତି । ଠାକରେ ଇସ୍ତଫା ଦେଇଥିବାରୁ ସିନ୍ଦେଙ୍କୁ



ସରକାର ଗଠନ ପାଇଁ ଆମନ୍ତ୍ରଣ କରିବାର ଅଧିକାର ରାଜ୍ୟପାଳଙ୍କ ରହିଥିଲା । ତେଣୁ ସିନ୍ଦେ ଇସ୍ତଫା ଦେବାର କୌଣସି ଆବଶ୍ୟକ ନାହିଁ ବୋଲି ଫଡନାଭିସ କହିଛନ୍ତି ।ସୁପ୍ରିମକୋର୍ଟଙ୍କ ରାୟ ପରେ ଉଦ୍ଧବ ଠାକରେ ସାମ୍ବାଦିକ ସମ୍ମିଳନୀ କରି ସିନ୍ଦେଙ୍କ ଇସ୍ତଫା ଦାବି କରିଥିଲେ । ଏଥିସହ ଏପରି ରାୟ ନୈତିକ ବିଜୟ ବୋଲି ଉଦ୍ଧବ ଦାବି କରିଥିଲେ । ଏହାକୁ କାଉଣ୍ଟର କରିବା ପାଇଁ ଏକନାଥ ସିନ୍ଦେ ଓ ଫଡନାଭିସ ଏକାଠି ସାମ୍ବାଦିକ ସମ୍ମିଳନୀ କରିଥିଲେ । ଏହି ସମୟରେ ଫଡନାଭିସ କହିଛନ୍ତି, "ଆଜି ଉଦ୍ଧବ ଠାକରେ କହୁଛନ୍ତି ଯେ ସେ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେଇଥିଲେ ।

### ୫୦ ହଜାରରୁ ଅଧିକ ଭୋଟ ବ୍ୟବଧାନରେ ଜିତିବେ ଦୀପାଳି - ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, ୧୧।୫(ପି.ଏନ): ଝାରସୁଗୁଡ଼ା ଭୋଟ୍ ପରେ ଦଳୀୟ ପ୍ରାର୍ଥୀ ଦୀପାଳି ଦାସ ୫୦ ହଜାରରୁ ଅଧିକ ଭୋଟ ବ୍ୟବଧାନରେ ବିଜୟୀ ହେବେ ବୋଲି ଦାବି କରାଯାଇଥିଲା । ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି, ଦୀପାଳି ଦାସ ୫୦ ହଜାରରୁ ଅଧିକ ଭୋଟ ବ୍ୟବଧାନରେ ଜିତିବେ । ସେ ଆହୁରି କହିଛନ୍ତି, ଦୀପାଳି ଲୋକଙ୍କ ଦ୍ୱାରା ଆଦୃତ ହୋଇଛନ୍ତି । ମତଦାନ ପାଇଁ ଲୋକଙ୍କ ଆଗ୍ରହ ବଢ଼ିଛି । ମତଦାନ ପ୍ରତିଶତ ବଢ଼ିବା ବିଜେଡିକୁ ସୁହାଇବ । ଲୋକ ୫ ଥର ବିଜେଡି ସରକାରଙ୍କୁ ଭରସା କରିଛନ୍ତି । ସାଧାରଣ ନିର୍ବାଚନରେ ବିଜେଡି ଭଲ ବ୍ୟବଧାନରେ ଜିତିବ ।

### ବିଦେଶ ମନ୍ତ୍ରୀ ଜୟଶଙ୍କର ବଙ୍ଗଳାଦେଶ, ସ୍ୱୀଡେନ ଏବଂ ବେଲ୍‌ଜିୟମର ଯାତ୍ରାରେ

ନୂଆଦିଲ୍ଲୀ, ୧୧।୫(ପି.ଏନ): ବିଦେଶ ମନ୍ତ୍ରୀ ଡା. ଏସ୍. ଜୟଶଙ୍କର ଗୁରୁବାରରୁ ବଙ୍ଗଳାଦେଶ(୧୧-୧୨ ମଇ), ସ୍ୱୀଡେନ(୧୩-୧୫ ମଇ) ଏବଂ ବେଲ୍‌ଜିୟମ୍(୧୫-୧୬ ମଇ)ର ଆଧିକାରିକ ଯାତ୍ରା କରିବେ ।ବିଦେଶ ମନ୍ତ୍ରାଳୟ ଅନୁଯାୟୀ ବିଦେଶ ମନ୍ତ୍ରୀ ହିନ୍ଦ୍ ମହାସାଗାର ସମ୍ମିଳନୀର ୬ତମ ସଂସ୍କରଣରେ ଭାଗନେବା ପାଇଁ ୧୧-୧୨ ମଇ ପର୍ଯ୍ୟନ୍ତ ଢାକା ଗସ୍ତ କରିବେ ।

# ରାଜ୍ୟରେ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ସରକାର ପ୍ରସ୍ତୁତ

ଭୁବନେଶ୍ୱର, ୧୧।୫(ପି.ଏନ): ରାଜ୍ୟରେ ଅନୁଭୂତ ହେଉଥିବା ଗ୍ରୀଷ୍ମପ୍ରବାହର ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ସ୍ୱତନ୍ତ୍ର ରିଲିଫ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଛନ୍ତି । ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ ରାଜ୍ୟରେ ଆଗାମୀ ୪ରୁ ୫ ଦିନ ପାଇଁ ତାପମାତ୍ରା ବୃଦ୍ଧିଯୋଗୁ ଗ୍ରୀଷ୍ମପ୍ରବାହ ଅନୁଭୂତ ହେବ । ପୂର୍ବାନୁମାନ ଅନୁଯାୟୀ ଅନୁଗୋଳ, ବୌଦ୍ଧ, ବଲାଙ୍ଗିର, ବରଗଡ଼, ଭଦ୍ରକ, କଟକ, ଦେଓଗଡ଼, ଢେଙ୍କାନାଳ, ଗଜପତି, ଜଗତସିଂହପୁର, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, କେନ୍ଦୁଝର, ମାଲକାନଗିରି, ମୟୂରଭଞ୍ଜ, ନୟାଗଡ଼, ନୂଆପଡ଼ା, ସମ୍ବଲପୁର, ସୋନପୁର ଓ ସୁନ୍ଦରଗଡ଼ ଜିଲ୍ଲାରେ ତାପମାତ୍ରା ଅଧିକ ହେବାର ସମ୍ଭାବନା ଅଛି । ଏହାକୁ ଦୃଷ୍ଟିରେ ରଖି ପରିସ୍ଥିତିର ସଫଳ ମୁକାବିଲା ନିମନ୍ତେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଗ୍ରାମାଂଚଳ ଏବଂ ସହରାଂଚଳର ସମସ୍ତ ବଜାର, ବସ୍ ଷ୍ଟାଣ୍ଡ ଓ ଜନଗହଳିପୂର୍ଣ୍ଣ ସ୍ଥାନମାନଙ୍କରେ ପାନୀୟଜଳ ସେବା କେନ୍ଦ୍ରର ବ୍ୟବସ୍ଥା କରାଯିବ । ଏତଦ୍ ବ୍ୟତୀତ ଜଳକ୍ଲିଷ୍ଟ ଅଂଚଳମାନଙ୍କରେ ଟ୍ୟାଙ୍କର ମାଧ୍ୟମରେ ପାନୀୟଜଳ ଯୋଗାଣର ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସମସ୍ତ ନଳକୂପ ଏବଂ ପାଇପ ଯୋଗେ ଜଳଯୋଗାଣ ବ୍ୟବସ୍ଥାଗୁଡ଼ିକର ତୁରନ୍ତ ମରାମତି କରି ସେଗୁଡ଼ିକୁ ଶତପ୍ରତିଶତ କାର୍ଯ୍ୟକ୍ଷମ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସମୟରେ ବସ୍ ଓ ଅନ୍ୟାନ୍ୟ ଯାତ୍ରୀବାହୀ ଯାନଗୁଡ଼ିକରେ ପାନୀୟଜଳ ଓ ଓଆରଏସ୍ ମହଜୁଦ୍ ରଖିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି ।

### ୪୦ ଉପରେ ୧୬ ସହରର ତାପମାତ୍ରା

ଭୁବନେଶ୍ୱର, ୧୧।୫(ପି.ଏନ): ରାଜ୍ୟ ତମାମ୍ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ଆକାଶରୁ ନିଆଁ ବର୍ଷୁଛି । ଗରମ ଓ ଗୁଳୁଗୁଳିରେ ସାରା ରାଜ୍ୟ ସନ୍ତୁଳି ହେଉଛି । ଆଗକୁ ମଧ୍ୟ ଏଭଳି ସ୍ଥିତି ଜାରି ରହିପାରେ । ୧୩ ତାରିଖ ପରେ ତାତି ଆହୁରି ବଢ଼ିବ । ଆଗାମୀ ୫ ଦିନ ଯାଏଁ ଆଭ୍ୟନ୍ତରୀଣ ଓଡ଼ିଶାର କେତକ ସ୍ଥାନରେ ୪୦ ଡ଼ିଗ୍ରୀ କିମ୍ବା ଅଧିକ ତାପମାତ୍ରା ରେକର୍ଡ ସହ ଅସ୍ୱାଭାବିକ ପାଣିପାଗ ଅନୁଭୂତ ହେବାର ସମ୍ଭାବନା ରହିଛି ବୋଲି ଆକଳନ କରିଛି ପାଣିପାଗ ବିଭାଗ । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗୁରୁବାର ରାଜ୍ୟର ୧୬ ସହରର ତାପମାତ୍ରା ୪୦ ଡ଼ିଗ୍ରୀ ଅତିକ୍ରମ କରିଛି । ଝାରସୁଗୁଡ଼ା ଓ ବୌଦ୍ଧରେ ସର୍ବାଧିକ ତାପମାତ୍ରା ୪୩.୪ ଡ଼ିଗ୍ରୀ ରେକର୍ଡ କରାଯାଇଛି । ଏହା ତଳକୁ ସମ୍ବଲପୁରରେ ୪୩.୩ ଡ଼ିଗ୍ରୀ ରେକର୍ଡ ହୋଇଥିବା ବେଳେ ଟିଟିଲାଗଡ଼ , ତାଳଚେର ଓ ନୂଆପଡାରେ ୪୧ , ବାରିପଦାରେ ୪୦.୬ , ବରଗଡ ଓ ନୟାଗଡରେ ୪୦.୨, ମାଲକାନଗିରିରେ ୪୦ ଡ଼ିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି ।

# ପ୍ରଫେସର କିଶୋର କୁମାର ବାସା ଏଏସଆଇର ନୂଆ ମହାନିର୍ଦ୍ଦେଶକ

ନୂଆଦିଲ୍ଲୀ, ୧୧।୫(ପି.ଏନ): ନ୍ୟାସନାଲ ମନୁମେଣ୍ଟସ୍ ପ୍ରାଧିକରଣର ଅଧ୍ୟକ୍ଷ ପ୍ରଫେସର କିଶୋର କୁମାର ବାସାଙ୍କୁ ଆଗାମୀ ୬ ମାସ ପାଇଁ ଏଏସଆଇର ନୂଆ ମହାନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି । ଏହା ପୂର୍ବରୁ ପ୍ରଫେସର ବାସା ବାରିପଦାସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ମୟୂରଭଞ୍ଜ ଜିଲ୍ଲା ବାରିପଦାସହରର ମୂଳ ନିବାସୀ ପ୍ରଫେସର ବାସା ଦ୍ୱାଦଶ ବୋର୍ଡ଼ ପରୀକ୍ଷାରେ ୧୯୭୩ ମସିହାରେ



ସମଗ୍ର ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟରୁ ସ୍ନାତକ ଏବଂ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ଇତିହାସରେ ସ୍ନାତକୋତ୍ତର ଉପାଧି ହାସଲ କରିବା ପରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ଭାବେ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ । ୧୯୯୧ ମସିହାରେ ଲଣ୍ଡନ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ହାସଲ କରିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଭାଗର ମୁଖ୍ୟ ତଥା ଭାରତୀୟ ଜାତୀୟ ନୃତତ୍ତ୍ୱ ବିଜ୍ଞାନୀ ସଂଘର ଅଧ୍ୟକ୍ଷ ଭାବେ ମଧ୍ୟ ସେ ସୁଚାରୂପେ କାର୍ଯ୍ୟ ସମ୍ପାଦନ କରିଛନ୍ତି ।

# ଆସନ୍ତାକାଲି ୪ ଦିନିଆ ଓଡିଶା ଗସ୍ତରେ ଆସିବେ ମୋହନ ଭାଗବତ

ଭୁବନେଶ୍ୱର, ୧୧।୫(ପି.ଏନ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରସଂଘଚାଳକ ଡ.ମୋହନ ଭାଗବତ ଆସନ୍ତାକାଲି (ଶୁକ୍ରବାର)୪ ଦିନିଆ ଓଡିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଁଚିବେ । ଏଠାରୁ ସେ କଟକର କେଶବଧାମକୁ ଯାତ୍ରା କରିବେ । ୧୨ ତାରିଖରୁ କେଶବଧାମ, ଗତିରାଉତ ପାଟଣା, କଟକ ଠାରେ ସଂଘର ସଂଘ ଶିକ୍ଷାବର୍ଗ ଅନୁଷ୍ଠିତ ହେଉଛି । ଏହି ପ୍ରଶିକ୍ଷଣ ଶିବିରରେ ଯୋଗଦେବା ପାଇଁ ଡ. ଭାଗବତ ଏଠାରେ ୪ ଦିନ ପାଇଁ ଅବସ୍ଥାନ କରିବେ ।ଏଠାରେ କୌଣସି ସାର୍ବଜନିନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ନାହିଁ । ଏହି ପ୍ରବାସ କେବଳ ସାଂଗଠନିକ କାର୍ଯ୍ୟପାଇଁ ଉଦ୍ଦିଷ୍ଟ । ଏହାପରେ ଡ.ଭାଗବତ ଚାରି ଦିନିଆ ଓଡିଶା ପ୍ରବାସ ସାରି ମେ ୧୫ ତାରିଖ ଦିନ ପ୍ରତ୍ୟାବର୍ତନ କରିବେ ବୋଲି ସଂଘର ଓଡିଶା ପୂର୍ବ ପ୍ରାନ୍ତ ପ୍ରଚାର ପ୍ରମୁଖ ରବିନାରାୟଣ ପଣ୍ଡା ପ୍ରକାଶ କରିଛନ୍ତି ।

# ଇମ୍ରାନ ଖାନଙ୍କ ଗିରଫଦାରୀ ଅବୈଧ, ତୁରନ୍ତ ଛାଡିବାକୁ ନିର୍ଦ୍ଦେଶ ଦେଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୧।୫(ପି.ଏନ): ଦୁର୍ନୀତି ମାମଲାରେ ନାଟକୀୟ ଢଙ୍ଗରେ ଗିରଫ ହୋଇଥିବା ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କୁ ମିଳିଛି ବଡ ଆଶ୍ୱସ୍ତି । ଏନବିଏ ପାକ୍ ? ରେଞ୍ଜର୍ସଙ୍କୁ ଲଗାଇ ଇମ୍ରାନ ଖାନଙ୍କୁ ଇସଲାମାବାଦ ହାଇକୋର୍ଟ ପରିସର ଭିତରୁ ଉଠାଇ ନେଇଥିଲା । ତେବେ ଆଜି ଏହାକୁ ଅବୈଧକ କହିଛନ୍ତି ପାକିସ୍ତାନର ସୁପ୍ରିମକୋର୍ଟ । ଏଥିସହ ତାଙ୍କୁ ତୁରନ୍ତ ଖଲାସ କରିବାକୁ ମଧ୍ୟ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି ।୭୦ ବର୍ଷୀୟ ଇମ୍ରାନ ଖାନ ରାଜନୀତିକ ଦଳ ପିଟିଆଇ ଗିରଫଦାରୀ ବିରୋଧରେ ସୁପ୍ରିମକୋର୍ଟରେ ଆବେଦନ କରିଥିଲା । ଆଜି ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ଉମର ଅଟା ବଣ୍ଡିଆଲ, ଜଷ୍ଟିସ ମହମ୍ମଦ ଅଲୀ ମଝାର ଓ ଜଷ୍ଟିସ ଅଥର



ମିନାଲ୍ଲାହଙ୍କ ଖଣ୍ଡପୀଠ ଏହି ଆବେଦନର ଶୁଣାଣି କରିଥିଲେ ।ଶୁଣାଣି ବେଳେ ଇମ୍ରାନ ଖାନଙ୍କୁ ଯେଉଁଭଳି ଭାବେ କୋର୍ଟ ପରସରରୁ ଉଠାଇ ନେଇ ଗିରଫ କରାଯାଇଥିଲା, ତା'କୁ ନେଇ ଖଣ୍ଡପୀଠ ଅସନ୍ତୋଷ ପ୍ରକାଶ କରିଥିଲେ । ଏଥିସହ ଇମ୍ରାନ ଖାନଙ୍କ ସହ ଯାହା ବି ହୋଇଛି, ସେସବୁ ଅନ୍ୟାୟ ବୋଲି ମଧ୍ୟ କୋର୍ଟ କହିଛନ୍ତି ।

# ଅଳ୍ପକେ ବର୍ତ୍ତିଗଲା ସିନ୍ଦେ ସରକାର, ଆଗୁଆ ଇସ୍ତଫା ଦେବା ଉଦ୍ଧବଙ୍କୁ ମହଙ୍ଗା ପଡିଲା

ରାଜ୍ୟପାଳ, ୧୧।୫(ପି.ଏନ) ରାଜ୍ୟପାଳଙ୍କ ତ୍ରୁଟିପୂର୍ଣ୍ଣ ଯୋଗୁ ବିଜେପି ସହ ମିଶି ସରକାର ଗଠନ କରିଥିବା ଏକନାଥ ସିନ୍ଦେ ପୂର୍ବ ପରି ଶାସନ ଗାଦିରେ ରହିବେ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ପଦରୁ ଉଦ୍ଧବ ଠାକରେ ନିଜ ଆଡୁ ଇସ୍ତଫା ଦେଇଥିବାରୁ ତାଙ୍କୁ ଆଉ ପୁନଃ ଅବସ୍ଥାପିତ କରାଯାଇ ପାରିବ ନାହିଁ । ଯଦି ସେ ଇସ୍ତଫା ନ ଦେଇ ଥାଆନ୍ତେ, ତା'ହେଲେ ଆଉ କିଛି ଘଟିଥାଆନ୍ତା ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି ।ଗତବର୍ଷ ଜୁନ



ମାସରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେଙ୍କ ବିରୋଧରେ ବିଦ୍ରୋହ କରିଥିବା ଏକନାଥ ସିନ୍ଦେ ଓ ଅନ୍ୟ ୧୫ ଜଣ ବିଧାୟକଙ୍କୁ ସୁପ୍ରିମକୋର୍ଟ ଅଯୋଗ୍ୟ କରିପାରିବେ ନାହିଁ ବୋଲି କହିଛନ୍ତି । ଏହା ଉପରେ ବୃହତ୍ତମ ସାମ୍ବିଧାନିକ ବେଞ୍ଚ ନିଷ୍ପତ୍ତି ନ ନେବା ଯାଏ ଅଯୋଗ୍ୟ କରିବାର କ୍ଷମତା ବାଚସ୍ପତିଙ୍କ ହାତରେ ରହିବ ।ଠାକେର ସରକାରଙ୍କୁ ପୁନଃ ଅବସ୍ଥାପିତ କରିବା ପାଇଁ ହୋଇଥିବା ଆବେଦନକୁ ମଧ୍ୟ ସର୍ବୋଚ୍ଚ ଅଦାଲତ ଅଗ୍ରାହ୍ୟ କରି ଦେଇଛନ୍ତି । ଉଦ୍ଧବ ଠାକରେ ?ଆସ୍ଥା ଭୋଟର ସମ୍ମୁଖୀନ ନ ହୋଇ ଆଗୁଆ ଇସ୍ତଫା ଦେଇଥିଲେ । ତେଣୁ ଏପରି ସ୍ଥିତିରେ ସର୍ବୋଚ୍ଚ ଅଦାଲତ କିଛି କରିପାରିବେ ନାହିଁ ବୋଲି କହିଛନ୍ତି ।

# ବଲାଙ୍ଗିର ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ୨୫ କୋଟି ରୁ ଅଧିକ ଅନୁଦାନ ଖର୍ଚ୍ଚ ନ ହେଇ ପଡ଼ି ରହିଛି: କାମ ଶୀଘ୍ର ସାରିବାକୁ ଦାବି

ବଲାଙ୍ଗିର, ୧୧।୫(ପି.ଏନ): ବଲାଙ୍ଗିର ଜିଲ୍ଲାର ଏକମାତ୍ର ସରକାରୀ ଆୟୁର୍ବେଦିକ ମହାବିଦ୍ୟାଳୟରେ ଅର୍ଥ ଥାଇ ହେଉନି ଉନ୍ନୟନମୂଳକ କାମ । ଅନୁଦାନ ଆସୁଛି କିନ୍ତୁ ଖର୍ଚ୍ଚ ନ ହୋଇ ପଡିରହୁଛି । କଲେଜ କର୍ତ୍ତୃପକ୍ଷଙ୍କ ଅବହେଳା ଓ ନିର୍ମାଣ ସଂସ୍ଥା ଯୋଗୁଁ ଆୟୁର୍ବେଦିକ ମହାବିଦ୍ୟାଳୟର ଉନ୍ନତିମୂଳକ କାମ ହେଉ ନଥିବା ବେଳେ ଏହାକୁ ନେଇ କ୍ଷୋଭ ପ୍ରକାଶ କରିଛି ପୁରାତନ ଛାତ୍ର ସଂଗଠନ । ଏନେଇ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରି ଏହାର ସୂଚନା ଦେଇଛନ୍ତି ପୁରାତନ ଛାତ୍ର ସଂଘର ସଭାପତି ଡାକ୍ତର ବାସୁଦେବ ପତି । ସୂଚନା ଅନୁସାରେ ସରକାରୀ ଆୟୁର୍ବେଦିକ କଲେଜ ବଲାଙ୍ଗିର ରେ ସୋଲାର ଲାଇଟ୍ ଲାଗିବା ପାଇଁ ୨୨ ଲକ୍ଷ ୫୦ ହଜାର, ପଂଚକର୍ମ ଚିକିତ୍ସା ପାଇଁ କୋଠା ନିର୍ମାଣ ବାବଦକୁ ୯୬ ଲକ୍ଷ ୯୧ ହଜାର ୫୦୦ ଟଙ୍କା ପାର୍କିଂ ଏବଂ ଶ୍ରେଣୀଗୃହ ନିର୍ମାଣ ପାଇଁ ୫ କୋଟି ୪୨ ଲକ୍ଷ ୩୪ ହଜାର ଟଙ୍କା, କମ୍ପାଉଣ୍ଡ ୱାଲ ପାଇଁ ୨୩ ଲକ୍ଷ ୬୧ ହଜାର ଟଙ୍କା, ଲାଇବ୍ରେରୀ କମ ଅଡିଟୋରିୟମ ପାଇଁ ୧୪ କୋଟି ୫୩ ଲକ୍ଷ ୫୯ ହଜାର ଟଙ୍କା, ଡିପାର୍ଟମେଂଟ ବିଲ୍ଡିଂ ପାଇଁ ୧ କୋଟି ୫୬ ଲକ୍ଷ ୧୩ ହଜାର ଟଙ୍କା, କମ୍ପାଉଣ୍ଡ ୱାଲର ମୁଖ୍ୟ ଫାଟକ ଏବଂ ହର୍ବାଲ ବଗିଚାକୁ ରାସ୍ତା ପାଇଁ ୧ କୋଟି ୩୭ ଲକ୍ଷ ୭ ହଜାର ଟଙ୍କା ପ୍ରଦାନ କରାଯାଇଛି । ସେହିଭଳି ଜିଲ୍ଲା ମୁଖ୍ୟ ଆୟୁର୍ବେଦିକ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ନିର୍ମାଣ ପାଇଁ ୧ କୋଟି ୩୫ ଲକ୍ଷ ୧୩ ହଜାର ଟଙ୍କା ଅନୁଦାନ ଆସିଥିବା ଜଣାପଡିଛି । ଏତେ ଅନୁଦାନ ରହିଥିଲେ ହେଁ ତାକୁ କାର୍ଯ୍ୟକାରୀ କରାନଯାଇ ପକାଇ ଦିଆଯିବା ଅତ୍ୟନ୍ତ ଦୁଃଖର ବିଷୟ ବୋଲି ପୁରାତନ ଛାତ୍ର ସଂଘ କହିଥିଲା । ଯଥାଶୀଘ୍ର ଏହି ଟଙ୍କାକୁ ବିନିଯୋଗ କରାଯାଇ ପାରିଲେ ସରକାରୀ ଆୟୁର୍ବେଦିକ ମହାବିଦ୍ୟାଳୟ ଏକ ନୂଆ ରୂପରେ ଝଲସି ଉଠିବ ବୋଲି ସମ୍ମିଳନୀରେ ମତପ୍ରକାଶ ପାଇଥିଲା । ଏହି ଆୟୁର୍ବେଦିକ କଲେଜ ବଲାଙ୍ଗିର ଜନ ସାଧାରଣ ପ୍ରଚେଷ୍ଟାରେ ୪୮ ବର୍ଷ ପୂର୍ବେ ୧୯୭୫ ରେ ଆରମ୍ଭ ହୋଇ ଇତିମଧ୍ୟରେ ସରକାରୀ ସ୍ୱୀକୃତି ଲାଭ କରି ସାରିଛି , କଲେଜରୁ ୧୪୦୦ ରୁ ଅଧିକ ଚିକିତ୍ସକ ସୃଷ୍ଟି କରିବା ସହ ସେମାନେ ଦେଶ ଭିତରେ ଓ ବାହାରେ ସେବା ଯୋଗାଇ ଦେବା ସହିତ ନିଜ ନିଜ ସ୍ଥାନରେ ବେଶ ଆଦୃତ ହୋଇଛନ୍ତି । ସରକାର ଏହି ଅନୁଷ୍ଠାନକୁ ଅନୁଦାନ ଦେଉଥିଲେ ମଧ୍ଯ ଠିକ ସମୟରେ ଖର୍ଚ୍ଚ ନହୋଇ କାମ ଗୁଡିକ ଅଧୁରା ରହିଚି । ଦୁଇବର୍ଷ ପରେ କଲେଜ ତାର ସୁବର୍ଣ୍ଣ ଜୟନ୍ତୀ ପାଳନ କରିବ ତାହାର ପୂର୍ବରୁ ବାକିଥିବ କାମ କରିବା ଦିଗରେ ବିଭାଗ ଯତ୍ନବାନ ହେବାକୁ ସଙ୍ଘ ଦାବି କରିଛି । ଆବଶ୍ୟକ ହେଲେ ଆମେ ଆନ୍ଦୋଳନ କରିବାକୁ ପ୍ରସ୍ତୁତ ବୋଲି ସେମାନେ କହିଚନ୍ତି । ଏହି ସମ୍ମିଳନୀ ପୁରାତନ ଛାତ୍ର ସଂଘର ସଭାପତି ଡ.ବାସୁଦେବ ପତିଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଡ. ବିପିନ ବିହାରୀ ମିଶ୍ର, ଡ. ପ୍ରମୋଦ ମିଶ୍ର, ଡ. ଚକ୍ରପାଣି ଦାସ, ଡ. ପ୍ରକାଶ ଚନ୍ଦ୍ର ଦାସ ଡ. ଉମାକାନ୍ତ ପାତ୍ର, ଡ଼. ରାଧାକାନ୍ତ ସେଠ, ଡ. ସିଦ୍ଧେଶ୍ୱର ମିଶ୍ର , ଡ଼. ସୁଶାନ୍ତ ଚାନ୍ଦ ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।

# ୨୦୨୨-୨୩ ବର୍ଷରେ ରେକର୍ଡ ୧୩୬ ଲକ୍ଷ ମେଟ୍ରିକ୍ ଟନ୍ ରୁ ଉର୍ଦ୍ଧ୍ୱ ପରିମାଣର ଖାଦ୍ୟଶସ୍ୟ ଉତ୍ପାଦନ

ଭୁବନେଶ୍ୱର, ୧୧।୫(ପି.ଏନ): ୨୦୨୨-୨୩ ବର୍ଷରେ ଓଡ଼ିଶାରେ ରେକର୍ଡ ପରିମାଣର ଖାଦ୍ୟଶସ୍ୟ ଉତ୍ପାଦନ ହୋଇଛି । କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ତୃତୀୟ ଆଗୁଆ ଆକଳନ ଅନୁଯାୟୀ ୨୦୨୨-୨୩ ବର୍ଷରେ ରାଜ୍ୟରେ ୧୩୬ ଲକ୍ଷ ୬ ହଜାର ମେଟ୍ରିକ୍ ଟନ୍ ରୁ ଉର୍ଦ୍ଧ୍ୱ ଖାଦ୍ୟଶସ୍ୟ ଉତ୍ପାଦନ ହେବାର ଆକଳନ କରାଯାଇଛି । ଏହା ପୂର୍ବରୁ ୨୦୨୦-୨୧ ବର୍ଷରେ ରାଜ୍ୟରେ ୧୩୦ ଲକ୍ଷ ୩୮ ହଜାର ମେଟ୍ରିକ୍ ଟନ୍‌ରୁ ଉର୍ଦ୍ଧ୍ୱ ଖାଦ୍ୟଶସ୍ୟ ଉତ୍ପାଦନ ହୋଇଥିଲା । ରାଜ୍ୟରେ ରେକର୍ଡ ପରିମାଣର ଖାଦ୍ୟଶସ୍ୟ ଉତ୍ପାଦନ ହୋଇଥିବା ପରିପ୍ରେକ୍ଷୀରେ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ରାଜ୍ୟର ଚାଷୀ ଭାଇ ଓ ଭଉଣୀ ଏବଂ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ୨୦୨୨-୨୩ ବର୍ଷର ଆକଳନ ଅନୁଯାୟୀ ରାଜ୍ୟର ମୋଟ ଶସ୍ୟ ଉତ୍ପାଦନ ମଧ୍ୟରେ ଚାଉଳ ଉତ୍ପାଦନ ୧୧୫ ଲକ୍ଷ ମେଟ୍ରିକ୍ ଟନ ହେବାବେଳେ ମକକା ୮ ଲକ୍ଷ ୬୦ ହଜାର ମେଟ୍ରିକ୍ ଟନରୁ ଉର୍ଦ୍ଧ୍ୱ, ମାଣ୍ଡିଆ ୧ ଲକ୍ଷ ୬୧ ହଜାର ମେଟ୍ରିକ୍ ଟନରୁ ଉର୍ଦ୍ଧ୍ୱ ଏବଂ ଗହମ, ବାଜରା, ଯଅ୍ୱାର ଓ ଅନ୍ୟ ଲଘୁଶସ୍ୟ ୨୮ ହଜାର ମେଟ୍ରିକ୍ ଟନରୁ ଉର୍ଦ୍ଧ୍ୱ ଉତ୍ପାଦନର ଆକଳନ କରାଯାଇଛି ।

ପର୍ଯ୍ୟବେକ୍ଷକ ମହାନଗର

# ଲୋକନୃତ୍ୟ ‘ରଣପା’: ଏକ ଅନୁଶୀଳନ



ଓଡ଼ିଶା ହେଉଛି କଳା ଓ ସଂସ୍କୃତିରେ ପରିପୂର୍ଣ୍ଣ ଏକ ରାଜ୍ୟ। ବିଶେଷକରି ଏହାର ଲୋକ ସଂସ୍କୃତି ସମଗ୍ର ବିଶ୍ୱରେ ଚର୍ଚ୍ଚିତ ହୋଇଆସିଛି। ଓଡ଼ିଶା ପ୍ରଦେଶର ଦକ୍ଷିଣ ଦିଗରେ ଥିବା ଗଞ୍ଜାମ ଜିଲ୍ଲା ‘ଲୋକସଂସ୍କୃତି’ର ଏକ ଲୀଳାଭୂମି କହିଲେ ଅତ୍ୟୁକ୍ତି ହେବନାହିଁ। ସୀମାନ୍ତ ଅଞ୍ଚଳରେ ଅବସ୍ଥାପିତ ହୋଇଥିବା ହେତୁ; ଆର୍ଯ୍ୟ ଓ ଦ୍ରାବିଡ଼ ସଂସ୍କୃତିର ଏହା ମିଳନସ୍ଥଳ। ପୁଣି ଏହାର ଏକ ଚତୁର୍ଥାଂଶ ଅଧିବାସୀ ହେଉଛନ୍ତି ବନବାସୀ। ତେଣୁ ଆର୍ଯ୍ୟ-ଦ୍ରାବିଡ଼ ଓ ଆଦିମ ଅଧିବାସୀଙ୍କ ମିଳିତ ସଂସ୍କୃତିର ଚିତ୍ର ଏ ଅଞ୍ଚଳରେ ଦେଖିବାକୁ ମିଳିଥାଏ। ଗଞ୍ଜାମ ଅଞ୍ଚଳର ଲୋକସଂସ୍କୃତି ଅଧ୍ୟୟନ କଲାବେଳେ ମୁଖ୍ୟତଃ ଏହାର ଲୋକନାଟକ ଦର୍ଶକମାନଙ୍କୁ ବିଶେଷ ଆନନ୍ଦ ପ୍ରଦାନ କରିଥାଏ। ଏଥିରେ ଚିତ୍ତବିନୋଦନ ସହିତ ସମକାଳୀନ ସାମାଜିକ ରୀତିନୀତି, ଲୋକଚରିତ୍ର ଓ ଧର୍ମବିଶ୍ୱାସ ପ୍ରଭୃତି ରୂପାୟିତ ହୋଇଥାଏ। ଗଞ୍ଜାମ ଅଞ୍ଚଳର ଲୋକନାଟକ ଗୁଡ଼ିକୁ ଚାରି ଭାଗରେ ବିଭକ୍ତ କରାଯାଇପାରେ। ପ୍ରଥମତଃ ଏ ଅଞ୍ଚଳର ଅନେକ ନାଟକ; ନାଟ୍ୟଧର୍ମ ବା ଏକ ନିର୍ଦ୍ଦିଷ୍ଟ ରୀତିରେ ପରିବେଷଣ କରାଯାଏ। ପ୍ରହ୍ଲାଦ ନାଟକ, ରାମନାଟକ ଆଦି ଏହି ଶ୍ରେଣୀର ନାଟକ। ଯାହା ମଞ୍ଚ, ସଙ୍ଗୀତ, ବାଦ୍ୟ ଓ ଅଭିନୟରେ ଶାସ୍ତ୍ରୀୟଧାରାକୁ ଅନୁସରଣ କରିଥାଏ। ଅନ୍ୟ କେତେକ ନାଟକରେ ନୃତ୍ୟର ଗୁରୁତ୍ୱ ରହିଥାଏ। ସଖୀନାଚ, ଗାହାଣ, ପାଇକନାଚ, ଲଉଡ଼ିନାଚ, ଢଣକୋଇଲା, ଇତ୍ୟାଦି ଏହି ଶ୍ରେଣୀର। ଏହି ନାଚ ଗୁଡ଼ିକରେ ମଣିଷର ସ୍ୱଚ୍ଛନ୍ଦ ଅଭିବ୍ୟକ୍ତି ପ୍ରକାଶ ଲାଭ କରିଥାଏ। ସେହିପରି ଲୋକଧର୍ମକୁ ଆଧାର କରି ରାମଲୀଳା, କୃଷ୍ଣଲୀଳା, ରାଧାପ୍ରେମଲୀଳା, ଲକ୍ଷ୍ମୀପୂରାଣ, ଭାରତଲୀଳା ଆଦି ଦେଖିବାକୁ ମିଳିଥାଏ। ଏହାସହ ଲୋକ ପ୍ରକାଶଧାରାକୁ ନେଇ ସୃଷ୍ଟି ହୋଇଥିବା ନାଟରେ ବାଘନାଚ, ଚଢ଼େୟାନାଚ, ରଣପା ନୃତ୍ୟ, କେଳାକେଲୁଣୀ



ଓ ରାଜାରାଣୀ ନାଟ, ବାଉଁଶରାଣୀ ଆଦି ପ୍ରଧାନ। ଏସବୁ ଭିତରେ ‘ରଣପା’ ନୃତ୍ୟ ଏକ ସ୍ୱତନ୍ତ୍ର ପ୍ରକାରର ନୃତ୍ୟ। ଗଞ୍ଜାମର ବହୁ ଅଞ୍ଚଳ ବଣଜଙ୍ଗଲରେ ପରିପୂର୍ଣ୍ଣ। ଏଠାରେ ଅରଣ୍ୟ ଜୀବନ ସହ ସମତଳ ଓ ଉପକୂଳ ଅଞ୍ଚଳ ମିଶି ରହିଛି। କିନ୍ତୁ ଅରଣ୍ୟ ପରିବେଷ୍ଟିତ ହୋଇଥିବା ହେତୁ ଏଠାକାର ନୃତ୍ୟରେ ଆରଣ୍ୟକ ଅନୁଭୂତି ପ୍ରତିଫଳିତ ହେବା ସ୍ୱାଭାବିକ। ଏପରି ଏକ ଅନୁଭୂତିକୁ ନେଇ ‘ରଣପା’ ନୃତ୍ୟ ଏ ଅଞ୍ଚଳରେ ବେଶ୍ ପ୍ରଭାବ ବିସ୍ତାର କରିଥିବା ଅନୁଭବ କରିହୁଏ ।

‘ରଣପା’ ଶବ୍ଦଟି ‘ରଣ’ ଓ ‘ପା’ର ସମାହାର। ‘ରଣ’ କହିଲେ ଯୁଦ୍ଧ ଓ ‘ପା’ କହିଲେ ପାଦକୁ ବୁଝାଏ। ଦୁଇଟି ବାଉଁଶବାଡ଼ିରେ ଏ ନୃତ୍ୟ ପ୍ରଦର୍ଶନ କରାଯାଏ। ଦୁଇଟି ବାଉଁଶବାଡ଼ିରେ ଦୁଇଟି ଛୋଟ କାଠି ବନ୍ଧାଯାଇ ତା’ ଉପରେ ପାଦରଖି ନୃତ୍ୟ କରାଯାଏ। ପୌରାଣିକ କାହାଣୀ ଅନୁସାରେ ଭଗବାନ ଶ୍ରୀକୃଷ୍ଣ ବାଲ୍ୟକାଳରେ ଗୋପପୁରର ଗଉଡ଼ ବାଳକମାନଙ୍କ ସହ ଗାଈ ଚରାଉଥିଲେ। ଦ୍ୱାପର ଯୁଗ ସବୁଆଡ଼େ ଥିଲା ବଣଜଙ୍ଗଲରେ ପରିପୂର୍ଣ୍ଣ। ପଥ ଥିଲା କଣ୍ଟକିତ ଓ ସରୀସୃପଙ୍କ ଦ୍ୱାରା ବିପଦସଂକୁଳ। ତେଣୁ ମାତା ଯଶୋଦା ଶ୍ରୀକୃଷ୍ଣଙ୍କ ସୁରକ୍ଷା ପାଇଁ ଦୁଇଗୋଟି ବାଉଁଶ ଆଣି ସେଥିରେ କାଠିକୁ ଶିଆଳି ଲଟାଦ୍ୱାରା ବାନ୍ଧି ତା’ ଉପରେ ପାଦରଖି ଗାଈ ଚରାଇବାକୁ ଯିବା ନିମନ୍ତେ ଶ୍ରୀକୃଷ୍ଣଙ୍କୁ ପ୍ରସ୍ତୁତ କରାଉଥିଲେ। ଗାଈ ଚରାଇବାବେଳେ ସମୟ କାଟିବା ପାଇଁ ଶ୍ରୀକୃଷ୍ଣ ବିଭିନ୍ନ ଭଙ୍ଗୀ ପ୍ରଦର୍ଶନକରି ସାଥୀମାନଙ୍କୁ ଆମୋଦିତ କରୁଥିଲେ। ବିଭିନ୍ନ ଉପକରଣ ଓ ବଂଶୀଧ୍ୱନୀ ମାଧ୍ୟମରେ ଶବ୍ଦ ସୃଷ୍ଟି କରାଯାଉଥିଲା। ବିଶ୍ୱାସ କରାଯାଏ; ଶ୍ରୀକୃଷ୍ଣଙ୍କ ଏହି ମାନବଲୀଳାକୁ ଦେଖିବାପାଇଁ ସ୍ୱର୍ଗରୁ ଦେବତାମାନେ ମଧ୍ୟ ଆସୁଥିଲେ। କ୍ରମେ ଏହା ଏକ ଲୋକନୃତ୍ୟର ରୂପଧାରଣ କରିଥିଲା। ଅନ୍ୟ କେତେଜଣ ମତବ୍ୟକ୍ତ କରନ୍ତି ଯେ; ପ୍ରାଚୀନ କଳିଙ୍ଗର ଅଧିବାସୀ ଥିଲେ ସମରପ୍ରିୟ। ପ୍ରାଚୀନ କଳିଙ୍ଗ କହିଲେ ଆଧୁନିକ ଓଡ଼ିଶାର ଦକ୍ଷିଣ ଭାଗକୁ ବୁଝାଏ। ଏ ଅଞ୍ଚଳସବୁ ଥିଲା ଦୁର୍ଗମ ‘ଗିରି’ରେ ପରିପୂର୍ଣ୍ଣ। ବିପଦସଂକୁଳ ଅରଣ୍ୟ ପଥକୁ ଅତିକ୍ରମ କରି ଏ ଅଞ୍ଚଳର ଯୋଦ୍ଧାମାନେ ଶତ୍ରୁଙ୍କୁ ପରାସ୍ତ କରିବା ନିମନ୍ତେ ‘ରଣପା’ ବ୍ୟବହାର କରୁଥିଲେ। ଏହାର ବ୍ୟବହାର ଦ୍ୱାରା ସରୀସୃପ ଓ ହିଂସ୍ରଜନ୍ତୁ କବଳରୁ ରକ୍ଷା ପାଇବା ସହ କଣ୍ଟକିତ ରାସ୍ତାକୁ ଅତି ସହଜରେ ଏବଂ ସ୍ୱଳ୍ପ ସମୟରେ ଅତିକ୍ରମ କରି ହେଉଥିଲା। ବାଡ଼ି ବ୍ୟବହାର ଦ୍ୱାରା ଉତ୍ପନ୍ନ ଶବ୍ଦ ମଧ୍ୟ ସରୀସୃପମାନଙ୍କୁ ଦୂରେଇ ରଖୁଥିଲା। ଅନ୍ୟ କେତେକ ଆଲୋଚକଙ୍କ ମତରେ – ଅତୀତରେ ରାଜରାଜୁଡ଼ାଶାସନ ସମୟରେ ଦୂତମାନଙ୍କ ଦ୍ୱାରା ବାର୍ତ୍ତା ପ୍ରେରଣ କରାଯାଉଥିଲା। ସଡ଼କ ପଥ ଭଲନଥିବା ଅଭାବ ହେତୁ ଦୁର୍ଗମ ଅଞ୍ଚଳ ଅତିକ୍ରମ କରିବା ପାଇଁ ‘ରଣପା’ ବ୍ୟବହାର କରାଯାଉଥିଲା।

‘ରଣପା’ ନୃତ୍ୟ ଗଂଜାମ ଜିଲ୍ଲାର ଏକ ମୌଳିକ ସୃଷ୍ଟି ହୋଇଥିଲେ ମଧ୍ୟ ଏହି ନୃତ୍ୟ ଛତିଶଗଡ଼ର ଆଦିବାସୀମାନଙ୍କ ଦ୍ୱାରା ମଧ୍ୟ ପ୍ରଦର୍ଶିତ ହେଉଥିବା ଦେଖାଯାଏ। ଏହି ନୃତ୍ୟକୁ ସେଠାରେ ‘ଗେଡ଼ି’ ନୃତ୍ୟ କୁହାଯାଏ। ପୁରୁଷ ଓ ସ୍ତ୍ରୀ ଉଭୟେ ପାଇକଚ୍ଛା ମାରି, ମୁଣ୍ଡରେ ପକ୍ଷୀର ପର ଓ ମୟୁରପୁଚ୍ଛ ଲଗାଇ, ପାଦରେ ଝୁମୁକାର ବଳା ପିନ୍ଧି ଏ ନୃତ୍ୟ ପରିବେଷଣ କରିଥା’ନ୍ତି। ଲାଲ୍‌ଶାଢ଼ୀ ଓ କଉଡ଼ିର ଅଳଙ୍କାର ମାନ ଧାରଣ କରିବା ସହ, ବୃତ୍ତାକାର ଭାବରେ ପର୍ବପର୍ବାଣିରେ ଏହି ନୃତ୍ୟ ପ୍ରଦର୍ଶନ କରିଥା’ନ୍ତି। ସେହିପରି ଅନେକ ସମୟରେ ସର୍କସ୍‌ରେ ‘ରଣପା’ର ବ୍ୟବହାର ଦେଖାଯାଏ। ୧୨ ଫୁଟ ଲମ୍ବ ବାଉଁଶରେ ପାଦ ରଖିବା ପାଇଁ ପାହୁଲା ସଂଯୋଗ କରି, ଏମାନେ ନୃତ୍ୟ ପରିବେଷଣ କରିଥା’ନ୍ତି। ଆଧୁନିକ ଭାଓଲିନ୍ ଧରି ଏମାନେ ସଂଗୀତର ତାଳେତାଳେ ଭୂମି ସ୍ପର୍ଶ କରୁଥିବା ଲମ୍ବା ପ୍ୟାଣ୍ଟ, ସାଧାରଣ ପାଇଜାମା ଓ ମୁଣ୍ଡରେ ଟୋପି ଧାରଣ କରିଥା’ନ୍ତି। ଅନେକ ସମୟରେ ବିଜ୍ଞାପନ ପାଇଁ ମଧ୍ୟ ‘ରଣପା’ ବାଡ଼ିରେ ବିଭିନ୍ନ ଆକର୍ଷଣୀୟ ପୋଷାକ ପିନ୍ଧି ମେଳା, ମହୋତ୍ସବ ତଥା ଯାତ୍ରା ସମୟରେ ଏହି କଳାକାରମାନଙ୍କୁ ଦେଖିବାକୁ ମିଳିଥାଏ। ଏହାର ଲୋକପ୍ରିୟତା ଏତେ ବେଶି ଯେ ‘ପ୍ରେମ ଅଢ଼େଇ ଅକ୍ଷର’ ଚଳଚ୍ଚିତ୍ରରେ ନାୟକ ବାବୁଶାନ ସହିତ ରଣପା କଳାକାରଙ୍କ ନୃତ୍ୟ ଦେଖିବାକୁ ମିଳିଥିଲା।

**‘ରଣପା’ ନିର୍ମାଣ କୌଶଳ:** ‘ରଣପା’ ନୃତ୍ୟରେ ରଣପା ବାଡ଼ିର ଭୂମିକା ଅତ୍ୟନ୍ତ ଉପାଦେୟ। ଏହି ନୃତ୍ୟରେ ରଣପା ବାଡ଼ିକୁ ମୁଖ୍ୟ ଉପାଦାନ ରୂପେ ଗ୍ରହଣ କରାଯାଉଥିବା ବେଳେ ଅନ୍ୟ ସମସ୍ତ ବାଦ୍ୟ ଉପକରଣଗୁଡ଼ିକ ସହାୟକ ଭୂମିକା ନିର୍ବାହ କରିଥାନ୍ତି। କିମ୍ବଦନ୍ତୀ କହେ ଶ୍ରୀକୃଷ୍ଣଙ୍କ ପ୍ରିୟ ବୃକ୍ଷ ଥିଲା ବାଉଁଶ। ବାଉଁଶ ନିର୍ମିତ ବଂଶୀ କୃଷ୍ଣଙ୍କର ଥିଲା ଅତି ପ୍ରିୟ। ଏହି ବଂଶୀସ୍ୱନରେ ସେ ଗୋପନାରୀମାନଙ୍କୁ ମୁଗ୍ଧ କରୁଥିଲେ। ପୁଣି ଗୋଗୋଷ୍ଠକୁ ଗଲାବେଳେ ବାଉଁଶ ବାଡ଼ି ଦ୍ୱାରା ଗାଈମାନଙ୍କୁ ଏକାଠି କରୁଥିଲେ। ଏହି ବାଉଁଶବାଡ଼ି ‘ରଣପା’ ନୃତ୍ୟର ମୁଖ୍ୟ ଉପାଦାନ। ପାକଳ ବାଉଁଶବାଡ଼ିକୁ ସଂଗ୍ରହ କରି ତାକୁ ଦୁଇରୁ ତିନି ସପ୍ତାହ ପର୍ଯ୍ୟନ୍ତ ପାଣିରେ ବୁଡ଼ାଇ ରଖାଯାଏ। ସଳଖ ବାଉଁଶ ଗୁଡ଼ିକୁ ପାଣିରୁ ଛାଣି ନିଆଁରେ ଶୁଖାଯାଏ । ଗଣ୍ଠିଗୁଡ଼ିକୁ ଚାଞ୍ଛି ମସୃଣ କରାଯାଏ। ଏହାର ଉଚ୍ଚତା ରହେ ପାଞ୍ଚରୁ ସାତ ଫୁଟ। ବାଡ଼ିର ଚଉଦରୁ ସତର ଇଞ୍ଚ ମଧ୍ୟରେ ପାହୁଲା ସଂଯୋଗ କରାଯାଏ। ପାହୁଲାଟିକୁ ଶିଆଳି ଲଇ ଦ୍ୱାରା ବନ୍ଧାଯାଏ। ଓଦା ଲଇ ବନ୍ଧା ହେବା ପରେ ଶୁଖିଯାଇ ଏପରି ଶକ୍ତ ହୁଏ ଯେ, ଯେତେ ନୃତ୍ୟ କଲେ ବି ହୁଗୁଳା ହୁଏ ନାହିଁ। ସ୍ଥଳବିଶେଷରେ ବର୍ତ୍ତମାନ ଝୋଟ ନିର୍ମିତ ଦଉଡ଼ିର ମଧ୍ୟ ବ୍ୟବହାର କରାଯାଏ।

**‘ରଣପା’ ନୃତ୍ୟର ପୋଷାକ ପରିକଳ୍ପନା:** ‘ରଣପା’ର ପୋଷାକ ଗୁଡ଼ିକ ଗୌଡ଼ୀୟ ଓ ବୈଷ୍ଣବ ଚିନ୍ତାଧାରା ଦ୍ୱାରା ପ୍ରଭାବିତ। ସାଧାରଣତଃ ଶୁଭ କାର୍ଯ୍ୟରେ ହଳଦୀ ଓ ସିନ୍ଦୂର ଶୁଭ ବୋଲି ବ୍ୟବହାର କରାଯାଏ। ତେଣୁ ‘ରଣପା’ ନୃତ୍ୟର ପୋଷାକ ମଧ୍ୟ ଲାଲ ଓ ହଳଦିଆ ରଙ୍ଗ ହୋଇଥାଏ। କଳାକାରମାନେ ଲାଲ ରଙ୍ଗର ଖଦି ବସ୍ତ୍ରକୁ ପାଇକଚ୍ଛା ମାରି ବ୍ୟବହାର କରନ୍ତି ଏବଂ ହଳଦିଆ ରଙ୍ଗର ଫତେଇ ଦେହରେ ପିନ୍ଧନ୍ତି। ବସ୍ତ୍ର ହୁଗୁଳା ନହେବା ପାଇଁ କମରପଟି ବନ୍ଧାଯାଏ। ନୃତ୍ୟ ସମୟରେ ଏମାନେ ପଗଡ଼ି ବ୍ୟବହାର କରନ୍ତି। ପଗଡ଼ିରେ ମୟୁରପୁଚ୍ଛ, ପକ୍ଷୀର ପର, ଗଛର ଡାଳ ଲଗାଯାଇ ଏହାକୁ ଆକର୍ଷଣୀୟ କରାଯାଏ। ଏପରିକି ଶାଢ଼ୀର ସୁନ୍ଦର ଧଡ଼ୀକୁ ଫତେଇରେ ଯୋଡ଼ିଯାଇ, ଏହାକୁ ଅଧିକ ସୁନ୍ଦର କରାଯାଇଥାଏ।

**‘ରଣପା’ ନୃତ୍ୟର ଆଭୂଷଣ:** ‘ରଣପା’ ନୃତ୍ୟରେ ବ୍ୟବହୃତ ପ୍ରସାଧାନ ସରଳ। ଜନସାଧାରଣଙ୍କ ବ୍ୟବହାର ସାମଗ୍ରୀକୁ ନେଇ ଏହା ପରିକଳ୍ପିତ। ‘ରଣପା’ ନୃତ୍ୟରେ



ସିନ୍ଦୁରର ଶିରୀ ଓ ଚନ୍ଦନର ଟିପା କଳାକାରମାନେ ଧାରଣ କରିଥା’ନ୍ତି। ପରମ୍ପରା ଅନୁସାରେ କଉଡ଼ି ଓ ପୋହଳାର ମାଳ; ଗଳା ଓ ବାହୁରେ ବନ୍ଧା ଯାଇଥାଏ। ଆଲୁମିନିୟମ୍ ତିଆରି କଙ୍କଣ ମଧ୍ୟ କଟିରେ ଧାରଣ କରାଯାଉଥାଏ। ଏହା ସହ କାଚମାଳି ବାହୁରେ ବାଜୁବନ୍ଧ ରୂପେ ବ୍ୟବହୃତ ହୋଇଥାଏ।

**‘ରଣପା’ ନୃତ୍ୟର ବାଦ୍ୟଯନ୍ତ୍ର:** ଭରତମୁନିଙ୍କ ‘ନାଟ୍ୟଶାସ୍ତ୍ର’ରେ ପଞ୍ଚଧ୍ୱନିର ବ୍ୟବହାର ଦେଖିବାକୁ ମିଳେ। ସେଗୁଡ଼ିକ ହେଲା ନଖଜ, ବାୟୁଜ, ଚର୍ମଜ, ଧାତୁଜ ଓ କଣ୍ଠଜ। ପୁଣି ଚାରି ପ୍ରକାର ବାଦ୍ୟ ଯନ୍ତ୍ର ଯଥା –‘ତତ୍‌ବାଦ୍ୟ’: ଅର୍ଥାତ୍ ଯେଉଁ ବାଦ୍ୟରେ ତାର ସଂଯୋଗ ହୋଇ ଝଙ୍କାର ଦ୍ୱାରା ଧ୍ୱନି ସୃଷ୍ଟି ହୁଏ, ତାହାକୁ ତତ୍‌ବାଦ୍ୟ କୁହାଯାଏ। ବେହେଲା, କେନ୍ଦେରା, ସିତାର, ବୀଣା, ଘୁଡ଼ୁକି ଆଦି ଏହି ଶ୍ରେଣୀର ବାଦ୍ୟ। ଅନ୍ୟଏକ ବାଦ୍ୟ ହେଉଛି ‘ସୁଷିର’ ଅର୍ଥାତ୍ ବାୟୁ ଦ୍ୱାର ଏହି ଧ୍ୱନି ଉତ୍ପନ୍ନ କରାଯାଏ। ବଂଶୀ, ମୁଖବୀଣା, ଶାହାନାଇ, ମହୁରୀ ଆଦି ଏହି ଶ୍ରେଣୀର ବାଦ୍ୟ। ପୁଣି ଯନ୍ତ୍ରର ମୁହଁକୁ ଚର୍ମ ଦ୍ୱାରା ଆବୃତ୍ତ କରି ହାତ କିମ୍ବା କୌଣସି ବସ୍ତୁ ଦ୍ୱାରା ଆଘାତକରି ଯେଉଁ ଧ୍ୱନି ସୃଷ୍ଟି କରାଯାଏ ତାହାକୁ ‘ଅବନଦ୍ଧ’ ବାଦ୍ୟ କୁହାଯାଏ। ଢୋଲ, ଚାଙ୍ଗୁ, ମୃଦଙ୍ଗ, ତବଲା ଆଦି ଏହି ଶ୍ରେଣୀର ବାଦ୍ୟ। ଶେଷରେ ଧାତୁ ଦ୍ୱାରା ନିର୍ମିତ ବାଦ୍ୟ; ବସ୍ତୁ କିମ୍ବା ବାଡ଼ି ଦ୍ୱାରା ଆଘାତ ପାଇ ଶବ୍ଦ ସୃଷ୍ଟି କଲେ ତା’କୁ ‘ଘନବାଦ୍ୟ’ କୁହାଯାଏ। ଝାଞ୍ଜ, ଗିନି, ଘଣ୍ଟା, ଘଣ୍ଟି, କରତାଳ ଆଦି ଏହି ଶ୍ରେଣୀର ବାଦ୍ୟ। କିନ୍ତୁ ‘ରଣପା’ ନୃତ୍ୟରେ ମୁଖ୍ୟ ବାଦ୍ୟ ହେଉଛି ଚାଙ୍ଗୁ ଓ ଢୋଲ। ଏହା ‘ଅବନଦ୍ଧ’ ବାଦ୍ୟ ଶ୍ରେଣୀୟ। ବିଶେଷ କରି ଚାଙ୍ଗୁବାଦ୍ୟକାର ରଣପା ନୃତ୍ୟବେଳେ, ବିଭିନ୍ନ ମୋଡ଼ ସଂପର୍କରେ ନିର୍ଦ୍ଦେଶ ଦେଇଥାଏ। ଚାଙ୍ଗୁବାଦ୍ୟ ପନ୍ଦର ଇଞ୍ଚ ବ୍ୟାସ ବିଶିଷ୍ଟ ଏକ ବୃତ୍ତାକାର ବାଉଁଶ ଫ୍ରେମ୍ ଉପରେ ଗୋରୁ ଚମଡ଼ା ଦ୍ୱାରା ଆବୃତ୍ତ ହୋଇଥାଏ। ଭିତରପଟୁ, ଗୋରୁ ଚମଡ଼ା ନିର୍ମିତ ଦଉଡ଼ିରେ ଏହାକୁ ବନ୍ଧା ଯାଇଥାଏ। ଭଲ ଶବ୍ଦ ନିମନ୍ତେ ସମୟେ ସମୟେ ଏହାକୁ ନିଆଁରେ ସେକ ଦେବାକୁ ପଡ଼ିଥାଏ । ଏକ ଫୁଟ ଲମ୍ବର ଗୋଟିଏ ସରୁ କାଠି ଓ ଦଶଇଞ୍ଚ ଲମ୍ବର ଅଗ୍ରଭାଗ ସରୁଥିବା ମୋଟା ବାଡ଼ି; ଏହି ବାଦ୍ୟକୁ ବଜାଇବା ନିମନ୍ତେ ବ୍ୟବହାର କରାଯାଏ। ମୋଟାବାଡ଼ିକୁ ଡାହାଣ ହାତରେ ଓ ସରୁ ବାଉଁଶ କାଠିକୁ ଆଙ୍ଗୁଠି ଭିତରେ ଧରି ବାଦ୍ୟ ବଜାଯାଏ।

ସେହିପରି ଅନ୍ୟ ଏକ ବାଦ୍ୟ ହେଲା ଢୋଲ। ଚାରିଫୁଟ ପରିଧି ଓ ତିନିଫୁଟ ଲମ୍ବ ଗମ୍ଭାରୀ କିମ୍ବା ତାଳ କାଠରେ ଏହା ନିର୍ମାଣ କରାଯାଏ। ଏହାର ମଝି ଅଂଶ ଫମ୍ପା ଥାଏ। ଦୁଇପଟକୁ ଗୋରୁ ଚମଡ଼ାରେ ଆବୃତ କରାଯାଏ। ଚମଡ଼ା ତିଆରି ଦଉଡ଼ିରେ ଢୋଲର ଉପର ଦେଇ ଏହାକୁ ବନ୍ଧାଯାଏ। ଡାହାଣପଟକୁ ଦଶଇଞ୍ଚ ଲମ୍ବ କାଠି ଏବଂ ବାମପଟକୁ ହସ୍ତ ସଞ୍ଚାଳନ ଦ୍ୱାରା ଆଘାତ କରି ଧ୍ୱନି ସୃଷ୍ଟି କରାଯାଏ। ସେହିପରି ଅନ୍ୟ ଏକ ବାଦ୍ୟ ହେଲା ମହୁରୀ। ଏହା ‘ସୁଷିର’ ବାଦ୍ୟ ଶ୍ରେଣୀୟ । ଛଅ ଇଞ୍ଚ ଲମ୍ବା ଏକ ଫମ୍ପା ବାଉଁଶ କିମ୍ବା ଶିଶୁଆ କାଠର ନଳୀ ଉପରେ, ସାତଟି ଗର୍ତ୍ତ କରି ଏହା ତିଆରି କରାଯାଇଥାଏ। ଉପର ସରୁ ଅଂଶର ଶେଷ ଭାଗରେ ଗୋଟିଏ ତମ୍ବାପାତିଆ ସଂଯୋଗକରି ଏକଇଞ୍ଚ ବ୍ୟବଧାନରେ ତାଳ ପତ୍ରରେ ନିର୍ମିତ ପିକକୁ ସ୍ୱର ଉତ୍ପାଦନକାରି ଯନ୍ତ୍ରରୂପେ ଏହାକୁ ବ୍ୟବହାର କରାଯାଏ। ଏହାଛଡ଼ା କରତାଳ, ଢୁମ୍ପା, ବଂଶୀ, ଗିନି ଇତ୍ୟାଦି ବାଦ୍ୟଯନ୍ତ୍ରର ସଂଯୋଗରେ ଏହି ନୃତ୍ୟ ପ୍ରଦର୍ଶନ କରାଯାଏ।

‘ରଣପା’ ନୃତ୍ୟ ସାଧାରଣତଃ ବାଦ୍ୟ, ସଂଗୀତ ଓ ନୃତ୍ୟର ସମାହାରରେ ପରିକଳ୍ପିତ। ଏକ ପ୍ରଶସ୍ତ ସମତଳ ଶୁଷ୍କ ସ୍ଥାନରେ ଏହାକୁ ପରିବେଷଣ କରାଯାଏ। ଚାଙ୍ଗୁ, ଢୋଲ, ମହୁରୀ ଓ ରଣପା କଳାକାରମାନେ ଦଳବଦ୍ଧ ଭାବେ ମଞ୍ଚରେ ଏକତ୍ରିତ ହୁଅନ୍ତି। ଚାଙ୍ଗୁ ବାଦକ ତାଳ ଦ୍ୱାରା ନୃତ୍ୟର ମଙ୍ଗ ଧରେ। ତା’ପରେ ଚାଙ୍ଗୁବାଦ୍ୟର ତାଳେତାଳେ ନୃତ୍ୟ ଆରମ୍ଭ ହୋଇଥାଏ। ଏହି ନୃତ୍ୟ ଦଳରେ ଦଶ ବାର ଜଣ ଦଳଗତ ଭାବେ ନୃତ୍ୟ ପରିବେଷଣ କରନ୍ତି। ଦୁଇ ହାତରେ ରଣପା ଦଣ୍ଡ ଧରି ପାହୁଲା ଉପରେ ପାଦର ବୃଦ୍ଧା ଓ ତର୍ଜନୀ ଆଙ୍ଗୁଳି ଦ୍ୱାରା ବାଡ଼ିକୁ ଜାବୁଡ଼ି ଧରି ନୃତ୍ୟ କରିବାକୁ ପଡ଼ିଥାଏ। ଏଥିରେ ଶରୀରର ଭାରସାମ୍ୟ ରକ୍ଷା କରିବା ଏକାନ୍ତ ଆବଶ୍ୟକ। କଳାକାରମାନେ ଶ୍ରୀକୃଷ୍ଣ ବିଷୟ ସମ୍ବଳିତ ମାର୍କଣ୍ଡ ଦାସଙ୍କ ‘କେଶବ କୋଇଲି’, ଭକ୍ତ ଚରଣଙ୍କ ‘କଳାକଳେବର କହ୍ନାଇ’ ପ୍ରାୟତଃ ଗାନ କରିଥା’ନ୍ତି। ଯେପରିକି –

*‘‘କୋଇଲି ଲକ୍ଷ୍ମୀବନ୍ତ ଅଟେ ନାରାୟଣ।*
*ଲଳିତରେ ନାମଦେଲେ ଖାର୍ଗବ ବ୍ରାହ୍ମଣ, ଲୋ କୋଇଲି।*
*କୋଇଲି, ବୃନ୍ଦାବନ ନ ଶୋଭଇ ମୋର।*
*ବତ୍ସା କିଏ ଚରାଇବ ଯମୁନାତୀର, ଲୋ କୋଇଲି।’’ (କେଶବକୋଇଲି)*

*ଏବଂ ‘‘କଳା କଳେବର କହ୍ନାଇ ସଙ୍ଗେ ରୋହିଣୀ ସୁତ।*
*କରନ୍ତି ମଥୁରା ବିଜୟ ଦାଣ୍ଡେ ଦେଖ ସଙ୍ଗାତ ।୧।*
*ଖସିପଡୁଛି କି ଆକାଶୁ ଏକି ଗଙ୍ଗା ଯମୁନା।*
*କ୍ଷୀର ସଙ୍ଗେ ପ୍ରାଣ ଶୋଷିଲେ ନାଶ ଗଲା ପୂତନା।୨।*
*ଗହନ କାନନ ବନରେ ଘୋର ବରଷା କାଳ।*
*ଗିରିବାମ କରେ ଧଇଲେ ନନ୍ଦ ଯଶୋଦା -ବାଳ ।୩।*
*ଘରେ ନ ରହନ୍ତି ଗଉଡ଼େ ବଡ଼ ଅଧମ ଜାତି।*
*ଘେନି ବତ୍ସାବୃନ୍ଦ ସଙ୍ଗତେ ବନେ ବୁଲନ୍ତି ନିତି ।୪।’’ (କଳାକଳେବର କହ୍ନାଇ)*

ଏହି ନୃତ୍ୟକୁ ମୁକ୍ତମଞ୍ଚ ଏବଂ ବ୍ୟବସାୟିକ ମଞ୍ଚ ଉଭୟରେ ପରିବେଷଣ କରାଯାଇପାରେ। ମୁଖ୍ୟତଃ ଏହା ଏକ ମୁକ୍ତମଞ୍ଚର ନୃତ୍ୟ। ରାଜଦାଣ୍ଡ, ଛକ, ଦେବୀ ମଣ୍ଡପ, ମେଳା ମହୋତ୍ସବରେ



ଏହି ନୃତ୍ୟ ପରିବେଷଣ କରାଯାଏ। ବୀର ରସ ଏହାର ମୁଖ୍ୟ ଆଧାର ହେଲେ ହେଁ, ବାତ୍ସଲ୍ୟ ରସର ପ୍ରୟୋଗ ମଧ୍ୟ ଏହି ନୃତ୍ୟରେ ଦେଖିବାକୁ ମିଳେ। ଅତୀତରେ ଏହି ନୃତ୍ୟ କେବଳ ଭଗବତ୍ ଚେତନା ସୃଷ୍ଟି କରିବା ନିମନ୍ତେ ପରିବେଷଣ କରାଯାଉଥିଲା। କିନ୍ତୁ ସମୟର ପରିବର୍ତ୍ତନ ସହ ସଂପ୍ରତି ଜନସଚେତନତା ସୃଷ୍ଟି କରିବା ଦିଗରେ ଏହାକୁ ବ୍ୟବହାର କରାଯାଉଛି।

ବସ୍ତୁତଃ ଏହି ଧାରାକୁ ଅବ୍ୟାହତ ରଖିବାକୁ ହେଲେ ଏହି ନୃତ୍ୟରେ ନୂତନ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ଏକାନ୍ତ ଆବଶ୍ୟକ। ସଂପ୍ରତି କୌଣସି କଳାରୂପକୁ ବଞ୍ଚାଇବା ପାଇଁ ପ୍ରାୟୋଜକ ଯୋଗାଡ଼ କରିବା ଏକାନ୍ତ ଆବଶ୍ୟକ । ଅତୀତରେ ରାଜା, ଜମିଦାର କିମ୍ବା ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କର ସହଯୋଗରେ ଲୋକନୃତ୍ୟ ଗୁଡ଼ିକ ବଞ୍ଚି ରହିବା ଦିଗରେ ସକ୍ଷମ ହୋଇଥିଲେ । ବର୍ତ୍ତମାନର ‘ବିଶ୍ୱଗ୍ରାମ ପରିକଳ୍ପନା’ ପ୍ରେକ୍ଷାପଟ୍ଟରେ ଏହି ନୃତ୍ୟ ନିମନ୍ତେ ଇଣ୍ଟରନେଟ୍‌ରେ ୱେବ୍‌ସାଇଟ୍ ତିଆରି କରି ଏହାକୁ ବିଶ୍ୱ ଦରବାରରେ ପ୍ରସାରିତ କରିବା ଏକାନ୍ତ ଆବଶ୍ୟକ । ଏତଦ୍‌ବ୍ୟତୀତ ଏହାର ଦୃଶ୍ୟଚିତ୍ର ଆଧୁନିକ କୌଶଳରେ ପ୍ରସ୍ତୁତ କରି ବଜାରରେ ପ୍ରସାରିତ କରିବା ଆବଶ୍ୟକ । ପୁଣି ଏହାର ବିଷୟବସ୍ତୁ ଏବଂ ପରିବେଷଣ କୌଶଳକୁ ମଧ୍ୟ ପାରମ୍ପରିକତା ସହ ଆଧୁନିକତାର ସ୍ପର୍ଶ ଦେଲେ ହିଁ, ଏହି ନୃତ୍ୟ କାଳବକ୍ଷରେ ଆପଣାର ସ୍ୱାକ୍ଷର ଅଧିକ ଉଜ୍ଜ୍ୱଳ କରି ଗଢ଼ିତୋଳିବ, ଏଥିରେ ସନ୍ଦେହ ନାହିଁ।

**ଡକ୍ଟର ମନୋରଞ୍ଜନ ବିଷୋୟୀ,** ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସଂପର୍କ: ୮୮୯୨୧୪୧୭୨୭

# ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକ

ବାଲେଶ୍ୱର (ପିଏନ୍)-ଗତକାଲି ଅପରାହ୍ନରେ ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ରଶ୍ମୀ ରଞ୍ଜିତ ଦଳବେହେରା, ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା ଦୁଲାଳ ସେନ ଜଗଦେବଙ୍କ ସମେତ ଜିଲ୍ଲା ସଡକ ସୁରକ୍ଷା ସମିତିର ସଦସ୍ୟ, ପୋଲିସ୍ ଅଧିକାରୀ, ଜାତୀୟ ରାଜପଥ କର୍ତ୍ତୃପକ୍ଷ ଅଧିକାରୀ, ବିଭିନ୍ନ ପରିବହନ ସଙ୍ଗଠନର କର୍ମକର୍ତ୍ତା ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ସଡକ ସୁରକ୍ଷା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ବୈଠକର ଆବାହକ ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ରଶ୍ମି ରଞ୍ଜିତ ଦଳବେହେରା ଗତ ମାର୍ଚ୍ଚ ମାସ ୩୦ତାରିଖରେ ଅନୁଷ୍ଠିତ ବୈଠକରେ ନିଆଯାଇଥିବା ବିଭିନ୍ନ ନିଷ୍ପତିର କାର୍ଯ୍ୟକାରିତା ସମ୍ପର୍କରେ ଗୃହକୁ ସୂଚନା ଦେଇଥିଲେ । ତେବେ ସଡକ ଦୁର୍ଘଟଣା କ୍ଷେତ୍ରରେ ନିର୍ଦ୍ଧାରିତ ସମୟସୀମା ୨୪ରୁ ୪୮ ଘଂଟା ମଧ୍ୟରେ ପୋଲିସ, ପରିବହନ ଓ ରାଜପଥ କର୍ତ୍ତୃପକ୍ଷଙ୍କ



ଦ୍ୱାରା ମିଳିତ ତଦନ୍ତ ସମାପନ ନେଇ ପ୍ରାବଧାନ ରହିଥିଲେ ହେଁ କେତେକ କ୍ଷେତ୍ରରେ ଏହା ସମ୍ପୂର୍ଣ୍ଣ ହୋଇପାରି ନ ଥିବାରୁ ଜିଲ୍ଲା ସଡକ ସୁରକ୍ଷା କମିଟି ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତ୍ତୀ ଅସନ୍ତୋଷ ପ୍ରକାଶ କରିଥିଲେ । ଏହି ମିଳିତ ତଦନ୍ତ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସାରିବା ସହ ବର୍ତ୍ତମାନ ନୂତନ ଭାବେ ପ୍ରଚଳିତ ହୋଇଥିବା ଆଇ.ଆର.ଏ.ଡି(ସମନ୍ୱିତ ସଡକ ଦୁର୍ଘଟଣା ତଥ୍ୟ) ସଫ୍ଟୱେର୍‌ରେ ତାହାକୁ ଅପଲୋଡ୍ କରିବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ୬୦ ନମ୍ବର ଜାତୀୟ ରାଜପଥର ଭେଲୋରାଠାରେ ସାଇନେଜ ଲଗାଇବା ପାଇଁ ଗତ ବୈଠକରେ ନିଷ୍ପତି ହୋଇଥିଲେ ହେଁ ତାହା ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଏହା ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ କୁହାଯାଇଥିଲା । ସେହିପରି ୧୬ ନମ୍ବର ଜାତୀୟ ରାଜପଥରେ ରେମୁଣାଠାରେ ସର୍ଭିସ୍ ରୋଡ୍‌ର ମରାମତି କାମ ଚଳିତ ମଇ ମାସ ଶେଷ ସୁଦ୍ଧା ସାରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଗାଡି ଚାଳନା ବେଳେ ମୋବାଇଲ ଫୋନ୍‌ର ବ୍ୟବହାର ଓ ନିଶା ସେବନ କରି ଗାଡି ଚାଳନା କ୍ଷେତ୍ରରେ କଠୋର ଆଭିମୁଖ୍ୟ ଗ୍ରହଣ କରିବାକୁ ଏବଂ ସିସିଟିଭି ଫୁଟେଜ୍ ଆଧାରରେ ଡ୍ରାଇଭିଂ ଲାଇସେନ୍ସ ବାତିଲ କରିବାକୁ ଗୃହରେ ସଦସ୍ୟମାନେ ମତପ୍ରକାଶ କରିଥିଲେ । ଜିଲ୍ଲାର ସହରାଂଚଳଗୁଡିକରେ ସିସିଟିଭି ଲଗାଇବା ଏବଂ ଅଚଳ ସିସିଟିଭି ମରାମତି କରିବା ପାଇଁ ଜିଲ୍ଲା ସଡକ ସୁରକ୍ଷା କମିଟି ପାଖରେ ଅର୍ଥ ଓ ସମ୍ବଳ ଉପଲବଧ ଥିବା ବେଳେ ତାହାର ବ୍ୟବହାର କରିବାକୁ ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତ୍ତୀ ପରାମର୍ଶ ଦେଇଥିଲେ । ଜିଲ୍ଲାର ବିଭିନ୍ନ ପେଟ୍ରୋଲ ପମ୍ପଗୁଡିକରେ ‘ନୋ ହେଲମେଟ, ନୋ ପେଟ୍ରୋଲ’ ସ୍ଲୋଗାନ ସମ୍ବଳିତ ବ୍ୟାନର ଲଗାଇବା ସହ ବିନା ହେଲମଟରେ ବାଇକ୍ ଚାଳକଙ୍କୁ ପେଟ୍ରୋଲ ନ ଦେବା ପାଇଁ ପେଟ୍ରୋଲ୍ ପମ୍ପ କର୍ମଚାରୀଙ୍କୁ ସଚେତନ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ଜାତୀୟ ରାଜପଥରେ ‘ନୋ ପାର୍କିଂ’ ସାଇନେଜ ଓ ବୋର୍ଡ ଯେଭଳି ସଠିକ୍ ଭାବେ ଦୃଶ୍ୟମାନ ହେବ, ବସୱେ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା, ଟ୍ରକ୍‌ମାନଙ୍କ ପାଇଁ ପ୍ରସ୍ତାବିତ ଟର୍ମିନାଲରେ ପାର୍କିଂ ବ୍ୟବସ୍ଥା ଏବଂ ଫୁଲାଡି ପୋଲ ମରାମତି କାମ ଉପରେ ବୈଠକରେ ଆଲୋଚାନା କରାଯାଇଥିଲା । ତୁରନ୍ତ ଏ ସମ୍ପର୍କିତ କାମ ଆରମ୍ଭ କରିବାକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ କୁହାଯାଇଥିଲା । ଅଧିକ ବେଗ, ଅଧିକ ବୋଝେଇ, ମାଲ୍ ପରିବହନ ଯାନରେ ଯାତ୍ରୀ ପରିବହନ, ଯାନ ଚାଳନା ସମୟରେ ମୋବାଇଲ ଫୋନର ବ୍ୟବହାର, ନିଶା ସେବନ କରି ଗାଡି ଚାଳନା, ବିନା ହେଲମେଟ୍‌ରେ ଗାଡି ଚାଳନା ଆଦି ଅପରାଧ ଅଧାରରେ ଆର.ଟି.ଓ.ଙ୍କ ଦ୍ୱାରା ଜାନୁଆରୀ, ୨୦୨୨ରୁ ଏପ୍ରିଲ ୨୦୨୨ ମଧ୍ୟରେ ୯୪୨ଜଣ ଆଇନ ଉଲ୍ଲଙ୍ଘନକାରୀଙ୍କୁ ଚିହ୍ନଟ କରାଯାଇଥିବା ବେଳେ ମୋଟ ୪୩୫ଜଣଙ୍କର ଡ୍ରାଇଭିଂ ଲାଇସେନ୍ସକୁ ବାତିଲ୍ କରାଯାଇଛି । ଦୁର୍ଘଟଣା ରିପୋର୍ଟ ଅନୁଯାୟୀ ୨୦୨୨ ମସିହା ଜାନୁୟାରୀ ରୁ ମାର୍ଚ୍ଚ ମଧ୍ୟରେ ସମୁଦାୟ ୯୨ଟି ଦୁର୍ଘଟଣା ଘଟିଛି ଏବଂ ଏହି ସମୟ ମଧ୍ୟରେ ୫୬ ଜୀବନହାନୀ ହୋଇଛି । ସେହିପରି ୩୮ଜଣ ଗୁରୁତର ଆହତ ହୋଇଥିବା ବେଳେ ୮ଜଣ ସାମାନ୍ୟ ଆହତ ହୋଇଛନ୍ତି । ତେବେ ଗତ ବର୍ଷ ତୁଳନାରେ ସମାନ ସମୟସୀମା ମଧ୍ୟରେ ଚଳିତ ବର୍ଷ ୧୬.୩୬ ପ୍ରତିଶତ କମ ଦୁର୍ଘଟଣା ଏବଂ ୧୧.୧୧ ପ୍ରତିଶତ କମ ଜୀବନହାନୀ ହୋଇଛି । ଜୀବନହାନୀ ହ୍ରାସ ଲାଗି ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିବା ସହିତ ଦୁର୍ଘଟଣାର ଶିକାର ହେଉଥିବା ଲୋକଙ୍କୁ ଡାକ୍ତରଖାନା ଆଣୁଥିବା ବ୍ୟକ୍ତିଙ୍କୁ ପ୍ରୋତ୍ସାହିତ କରିବା ପାଇଁ ରହିଥିବା ଗୁଡ୍ ସାମାରିଟାନ୍ ବ୍ୟବସ୍ଥାକୁ ଅଧିକା ସୁଦୃଢ କରିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା । ଏହି ଅବସରରେ ଜିଲ୍ଲା ସଡକ ସୁରକ୍ଷା ସମିତି ତରଫରୁ ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ହସପିଟାଲ ପହଂଚାଇବାରେ ସହାୟତା କରିଥିବା ୩ଜଣ ଗୁଡ୍ ସାମାରିଟାନ(ଭଲ ସାହାଯ୍ୟକାରୀ)ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ୩ଜଣ ହେଲେ ଶ୍ରୀ ତପନ କୁମାର କମିଳା, ଶ୍ରୀ ଭବେନ୍ଦ୍ର ବାରିକ ଓ ଶ୍ରୀ ଭବାନୀ ଶଙ୍କର ବାରିକ୍ । ସେମାନଙ୍କୁ ମାନପତ୍ର ଏବଂ ୨ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା । ଶ୍ରୀ ଭବେନ୍ଦ୍ର ବାରିକ ଓ ଶ୍ରୀ ଭବାନୀ ଶଙ୍କର ବାରିକ୍ ଦୁର୍ଘଟଣା ବେଳର ସ୍ଥିତି ଓ ତାଙ୍କ ଦ୍ୱାରା କରାଯାଇଥିବା ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ରଶ୍ମିରଂଜିତ ଦଳବେହେରା ବୈଠକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ମାଆ ପରି ଗଛଟିଏ...



ଭୁବନେଶ୍ୱର (ପିଏନ୍): ମେ’ ମାସ ୭ ତାରିଖରେ ବିଶ୍ୱ ପାଳୁଛି ମାତୃଦିବସ। ପ୍ରତିବର୍ଷ ମେ’ ମାସ ଦ୍ୱିତୀୟ ରବିବାରକୁ ମାତୃଦିବସ ରୂପେ ପାଳନ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ରାଜଧାନୀ ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳରେ ରହୁଥିବା ପରିବେଶବିତ୍ ସୁଶାନ୍ତ ସାହୁ ମାତୃଦିବସକୁ ଏକ ନିଆରା ଢଙ୍ଗରେ ପାଳି ସାରା ବିଶ୍ୱକୁ ଏକ ବଳିଷ୍ଠ ବାର୍ତ୍ତା ଦେବାକୁ ପ୍ରୟାସ କରିଛନ୍ତି। ବିଭିନ୍ନ ରଙ୍ଗ, ବେରଙ୍ଗ ମୁରୁଜକୁ ବ୍ୟବହାର କରି ତିଆରିଛନ୍ତି ଏକ ହୃଦୟ। ହୃଦୟ ଭିତରେ ଗୋଟିଏ ମାତୃରୂପୀ ଗଛକୁ ସ୍ଥାନିତ କରି ଏହି ଅବସରରେ ଭକ୍ତିପୂତ ଶ୍ରଦ୍ଧା ଓ ସମ୍ମାନ ଜଣାଇଛନ୍ତି। ସୁଶାନ୍ତ କୁହନ୍ତି-ମାଆ ପରି ଗଛଟିଏ। ମାଆ ମମତାମୟୀ, ବାତ୍ସଲ୍ୟମୟୀ। ସେ ଗୋଟିଏ ମଣିଷ। ଜାୟା, ଜନନୀ ଭଳି ତା’ର କେତେ ନାଁ। କେତେ ରୂପ। ସେ ହାତ ଧରି ବାଟ ଚାଲିବା ଶିଖାଇଥାଏ। ନିଜେ ଜଳି ସନ୍ତାନକୁ ଆଲୋକ ଦେଖାଇଥାଏ। ସେ ସହନଶୀଳ, ସ୍ନେହୀ। ଅଳି, ଅର୍ଦ୍ଦଳି ସବୁ ସେ ସହ୍ୟ କରେ। ଯାହାର ସ୍ନେହ ଆଉ ପ୍ରେମରେ ନଥାଏ କିଛି ସ୍ୱାର୍ଥ ଆଉ କାମନା। ନିଜର ଦାୟିତ୍ୱ ଓ କର୍ତ୍ତବ୍ୟକୁ ସେ କେବେ ଅବହେଳା କରେନାହିଁ। ତା’ର ତ୍ୟାଗ ଅବର୍ଣ୍ଣନୀୟ। ନିଃସ୍ୱାର୍ଥପର ଭାବେ ସନ୍ତାନମାନଙ୍କ ପ୍ରତି ଅଜାଡ଼ି ଦିଏ ଅଜସ୍ର ସ୍ନେହ। ତା’ର ପଣତକାନି ସମସ୍ତ ବାଧାବିଘ୍ନରୁ ରକ୍ଷା କରିଥାଏ। ସେ ହେଉଛି ତ୍ୟାଗ ଓ ତପସ୍ୟାର ପ୍ରତୀକ। ଠିକ୍ ମାଆ ପରି ଗଛଟିଏ ବିଶ୍ୱର ପ୍ରତିଟି ସନ୍ତାନ ପାଇଁ ନିଃସ୍ୱାର୍ଥପର ଭାବେ ଅଜାଡ଼ି ଦେଇଥାଏ ସ୍ନେହ। ନିଜର କର୍ତ୍ତବ୍ୟ ଓ ଦାୟିତ୍ୱକୁ ବହନ କରି ସଦା ସର୍ବଦା ସୁରକ୍ଷା କରିଥାଏ। ଉଭୟ ଜନ୍ମଦାତ୍ରୀ ଓ ମାତୃରୂପୀ ଗଛକୁ ଭଲ ପାଇବା ସହ ତା’ର ସୁରକ୍ଷା ପାଇଁ ଏହି ଶୁଭ ଦିବସରେ ପ୍ରତିଟି ସନ୍ତାନ ହୃଦୟତାର ସହ ଗୋଟିଏ ଲେଖାଏଁ ଗଛ ଲଗାଇ ଭଲ ପାଇବାର ଭାବନା ପ୍ରଦର୍ଶିତ କରନ୍ତୁ ବୋଲି ସୁଶାନ୍ତ ନିବେଦନ କରିଛନ୍ତି।




ଭୁବନେଶ୍ୱର, ୨୦୨୩, ମଇ ୧୨

# ଚୀନର ଜନସଂଖ୍ୟା ଭାରତ ପାଇଁ ଶିକ୍ଷା



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

କ୍ରମାଗତ ୬ଦଶନ୍ଧି ପରେ ପ୍ରଥମ ବର୍ଷ ଭାବେ ୨୦୨୨ରେ ଜନସଂଖ୍ୟା ୮.୫ ଲକ୍ଷ କୋଟି ହ୍ରାସ ପାଇଥିବା ଚୀନ ଘୋଷଣା କରିଛି। ଶେଷଥର ପାଇଁ ଗତ ୧୯୬୧ ମସିହାରେ ଚୀନରେ ଜନସଂଖ୍ୟା ବୃଦ୍ଧି ପାଇଥିଲା। ତେବେ ଏହି ଜନସଂଖ୍ୟା ହ୍ରାସର କାରଣ ଥିଲା ଦୁର୍ଭିକ୍ଷ। ଦୁର୍ଭିକ୍ଷରେ ଖାଇବାକୁ ନପାଇ ଲକ୍ଷଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଥିଲା କିନ୍ତୁ ଏବେ ଚୀନର ଜନସଂଖ୍ୟା ୮କୋଟି ୫୦ଲକ୍ଷ ହ୍ରାସ ପାଇଛି। କହିବା ବାହୁଲ୍ୟ ଯେ, ଚୀନ ବିଶ୍ୱର ସର୍ବବୃହତ ଜନବହୁଳ ରାଷ୍ଟ୍ର ହୋଇଥିବା ବେଳେ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି। ଚଳିତ ୨୦୨୩ରେ ଚୀନକୁ ଅତିକ୍ରମ କରି ଭାରତ ବିଶ୍ୱର ସର୍ବବୃହତ ଜନବହୁଳ ରାଷ୍ଟ୍ର ହେବ ବୋଲି ଜାତିସଂଘ ଭବିଷ୍ୟବାଣୀ କରିଛି। ଗତ ୧୭ ତାରିଖ ଦିନ ଚୀନ ଘୋଷଣା କରିଛି ଯେ, ଗତ ବର୍ଷ ନୂତନ ଜନ୍ମ ୧୦ ପ୍ରତିଶତ ହ୍ରାସ ପାଇଁ ୯୫.୬ ଲକ୍ଷ ଶିଶୁ ଜନ୍ମଗ୍ରହଣ କରିଛନ୍ତି। ସେହିପରି ଗତବର୍ଷ ୧୦୪.୧ ଲକ୍ଷ ଲୋକଙ୍କର ମୃତ୍ୟୁ ଘଟିଥିଲା। ଏବେ ଚୀନର ଲୋକସଂଖ୍ୟା ୧୪୧କୋଟି ୧ ଲକ୍ଷରେ ପହଁଚିଛି ସମ୍ଭବତଃ ଭାରତର ଜନସଂଖ୍ୟା ଏବେ ଚୀନକୁ ଟପିଯିବା ଏକପ୍ରକାର ନିଶ୍ଚିତ ହୋଇଯାଇଛି। ଯାହାକି ଜାତିସଂଘର ପୂର୍ବାନୁମାନକୁ ସତ୍ୟରେ ପରିଣତ କରିବାକୁ ଯାଉଛି ବୋଲି କୁହାଯାଇପାରେ। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ଜନସଂଖ୍ୟା ନିୟନ୍ତ୍ରଣ କରିବା ପାଇଁ ଚୀନ ୧୯୮୦ ମସିହାରେ ଗୋଟିଏ ଶିଶୁ ନୀତି ପ୍ରଣୟନ କରିଥିଲା। ଅନିୟନ୍ତ୍ରିତ ଜନସଂଖ୍ୟା ବୃଦ୍ଧି ଦେଶର ପ୍ରଗତିରେ ବାଧକ ହୋଇଥିବାରୁ ଚୀନ 'ଗୋଟିଏ ଶିଶୁ' ନିୟମ ବାଧ୍ୟତାମୂଳକ କରିଥିଲା। ମାତ୍ର ବାସ୍ତବରେ ଏହି ନୀତି ଚୀନର ଅର୍ଥନୀତି, ପ୍ରଗତିରେ ମୁଖ୍ୟ ବାଧକ ହୋଇଛି। ଚୀନରେ ଯୁବପିଢ଼ୀଙ୍କ ସଂଖ୍ୟା ଆଶାତୀତ ଭାବେ ହ୍ରାସ ପାଇଛି। କୁହାଯାଇଛି ଯେ, ୨୦୨୨ରେ ଚୀନରେ ୧୬ରୁ ୫୯ବର୍ଷ ଶ୍ରମଜୀବୀ ଗ୍ରୁପର ବୟସ୍କଙ୍କ ସଂଖ୍ୟା ୮୭୫ ମିଲିଅନ ଥିଲା। ଗତ ୨୦୧୦ ମସିହାଠାରୁ ଏହି ବୟସ୍କ ଗ୍ରୁପ ଲୋକଙ୍କ ସଂଖ୍ୟା ୭୫ ମିଲିଅନ ହ୍ରାସ ପାଇଛି। କହିବା ଉଚିତ୍ ଯେ, ଚୀନରେ ଶ୍ରମଜୀବୀ ଗ୍ରୁପର ଜନସଂଖ୍ୟା ହ୍ରାସ ପାଇଥିବାବେଳେ ବୟସ୍କ ବୋଝ ବଢିଚାଲିଛି। ଯାହାକି ଏବେ ଦେଶର ପ୍ରଗତିରେ ବାଧକ ହେବା ସ୍ୱାଭାବିକ। ଏହାକୁ ଦୃଷ୍ଟିରେ ରଖି ଚୀନ ୨୦୧୬ରେ ଦୁଇଟି ଶିଶୁ ନୀତି ଲାଗୁ କରିଥିବାବେଳେ ୨୦୨୧ରୁ ଦୁଇ ତିନି ଶିଶୁ ନୀତି ଲାଗୁ କରିଛି। ଅନ୍ୟପକ୍ଷରେ ଆର୍ଥିକ ଦୃଷ୍ଟି କୋଣରୁ ଚୀନରେ ୭୦ ପ୍ରତିଶତ ଦମ୍ପତିଙ୍କର ଏକାଧିକ ଶିଶୁ ନଥିବା ସରକାରୀ ସର୍ଭେ ରିପୋର୍ଟରେ କୁହାଯାଇଛି। ସେହିପରି ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଚୀନରେ ଏବେ ୬୦ ବର୍ଷରୁ ଉର୍ଦ୍ଧ୍ୱ ନାଗରୀକଙ୍କ ସଂଖ୍ୟା ୩୦ ମିଲିୟନ ବୃଦ୍ଧି ପାଇ ୨୮୦ ମିଲିୟନରେ ପହଁଚିଛି। ତେବେ ୨୦୫୦ ମସିହା ସୁଦ୍ଧା ବ୍ୟୟ ଜିଡିପିର ୨୬ ପ୍ରତିଶତ ହେବ ବୋଲି ରିପୋର୍ଟରେ କୁହାଯାଇଛି। ସେହିପରି ଜାତିସଂଘ ରିପୋର୍ଟରେ କୁହାଯାଇଛି ଯେ, ୨୦୩୦ ସୁଦ୍ଧା ଚୀନର ୧୬ରୁ ୫୯ ବର୍ଷ ବୟସ୍କଙ୍କ ସଂଖ୍ୟା ୮୦୦ ମିଲିଅନରେ ପହଁଚିବ, ଯାହାକି ଭାରତ ଠାରୁ ୧୦ ପ୍ରତିଶତ କମ୍ ରହିବ। ମିଳିତ ଜାତିସଂଘର ରିପୋର୍ଟ ଅନୁଯାୟୀ ବିଶ୍ୱ ଜନସଂଖ୍ୟା ଏବେ ୮୦୦ କୋଟି ଅତିକ୍ରମ କରିଥିବା ବେଳେ ୨୦୫୦ ସୁଦ୍ଧା ଏହା ୯୭୦ କୋଟିରେ ପହଁଚିବ। ଅନ୍ୟପକ୍ଷରେ ଭାରତର ଜନସଂଖ୍ୟା ଏବେ ୧୪୧ କୋଟି ୪୪ଲକ୍ଷ ୯୬ ହଜାର ୬୯ରେ ପହଁଚିଥିବା ରିପୋର୍ଟରେ କୁହାଯାଇଛି। ଯାହାକି ଚୀନକୁ ଟପିଯାଇଥିବା କୁହାଯାଇପାରେ। ଭାରତ ପ୍ରଜନନ ହାର ୨୦୧୯-୨୧ରେ ୨ରୁ କମ୍ ରହିଥିଲା। ଭାରତରେ କଠୋର ଜନ୍ମ ନିୟନ୍ତ୍ରଣ ନିୟମ ନଥିବା ସତ୍ତ୍ୱେ ଦେଶର ଯୁବ ପିଢୀ ଯେ, ଏ ଦିଗରେ ଯଥେଷ୍ଟ ସଚେତନ, ତାହା ସ୍ୱୀକାର କରିବାକୁ ହେବ। ବହୁ ଦମ୍ପତି ଏକକ ସନ୍ତାନ ନୀତିକୁ ଆଦରି ନେଇଛନ୍ତି। ସେ ପୁଅ ହେଉ ବା ଝିଅ ହେଉ। ପୁଅ ଝିଅ ମଧ୍ୟରେ କୌଣସି ପ୍ରଭେଦ ନାହିଁ, ଏହାକୁ ଯୁବ ପିଢୀ ଗ୍ରହଣ କରି ସାରିଛନ୍ତି। ଭାରତର ଜନସଂଖ୍ୟା ବଢି ଚାଲିଥିଲେ ମଧ୍ୟ ଦେଶର ପ୍ରଗତି, ଅର୍ଥନୀତି ପ୍ରତି କୌଣସି ପ୍ରତିବନ୍ଧକ ହେବ ନାହିଁ। ବିଶ୍ୱବ୍ୟାଙ୍କର ତଥ୍ୟ ଅନୁଯାୟୀ ବିଶ୍ୱରେ ୱାର୍କିଂ ଏଜ ଲୋକସଂଖ୍ୟ ୬୫ ପ୍ରତିଶତ ଥିବାବେଳେ ଭାରତରେ ୬୮ ପ୍ରତିଶତ ରହିଛି। କିନ୍ତୁ ନିଯୁକ୍ତି ବଜାରରେ ମହିଳାଙ୍କ ଶ୍ରମହାର ମାତ୍ର ୪୬ପ୍ରତିଶତ ରହିଛି। ଇଣ୍ଡୋନେସିଆରେ ଏହି ହାର ୬୮% ପ୍ରତିଶତ ଥିବାବେଳେ ଭିଏତନାମରେ ୭୪ ପ୍ରତିଶତ ରହିଛି। ଇଣ୍ଡୋନେସିଆ ଓ ଭିଏତନାମର ସ୍ଥିତି ଦୃଷ୍ଟିରୁ ଭାରତରେ ମହିଳା ଶ୍ରମ ଫୋର୍ସ ଅତି ନଗଣ୍ୟ, ଏ ନେଇ ଏବେ ଚିନ୍ତାକରିବାର ସମୟ ଆସିଛି। ଅବଶ୍ୟ ସରକାର ମହିଳା ସଶକ୍ତିକରଣ ଉପରେ ସର୍ବାଧିକ ଗୁରୁତ୍ୱ ଦେବା ସୁଖର ବିଷୟ। ଯାହାକି ଦେଶର ଜନସଂଖ୍ୟା ନିୟନ୍ତ୍ରଣ କରିବାରେ ସହାୟକ ହେବ, ଏଥିରେ ସନ୍ଦେହ ନାହିଁ। ତେବେ ଚୀନ ଏବେ ଯେଉଁ ସଂକଟର ସମ୍ମୁଖୀନ ହୋଇଛି, ସେଥିରୁ ଭାରତ କିଛି ଶିକ୍ଷା କରିବ ବୋଲି ଆମର ଆଶା।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯

# ଗଣତନ୍ତ୍ର ଓ ସାଧାରଣ ନାଗରିକ



ଯଜାତି କେଶରୀ ନାୟକ

ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟା ଓ ରାଜନୈତିକ ପ୍ରଗତିରେ ସକ୍ରିୟ ଅଂଶଗ୍ରହଣ ଲାଗି ସାଧାରଣ ନାଗରିକ ବିଶେଷ କରି ଅଧିକରୁ ଅଧିକ ଯୁବ ମତଦାତାଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଭାରତ ସରକାର ପ୍ରତି ବର୍ଷ ଜାନୁଆରୀ ୨୫କୁ ଜାତୀୟ ମତଦାତା ଦିବସ ପାଳନ ନିମନ୍ତେ ଘୋଷଣା କରିଛନ୍ତି। ନିର୍ବାଚନ ଆୟୋଗର ପ୍ରତିଷ୍ଠା ଦିବସକୁ ମନେରଖିବା ଲାଗି ୨୦୧୧ ଜାନୁଆରୀ ଆଜିର ଦିନ ଏହି ଦିବସ ଆରମ୍ଭ ହୋଇଥିଲା। ୧୯୫୦ ଜାନୁଆରୀ ୨୬ରେ ଭାରତ ଏକ ଧର୍ମ ନିରପେକ୍ଷ ସାଧାରଣତନ୍ତ୍ର ରାଷ୍ଟ୍ର ଘୋଷିତ ହୋଇଥିଲା। ଏହାର ପୂର୍ବ ଦିନ ଅର୍ଥାତ୍ ଜାନୁଆରୀ ୨୫ରେ ସମ୍ବିଧାନ ଧାରା ୩୨୪ ଅନୁସାରେ ଏକ ସ୍ୱାଧୀନ ନିର୍ବାଚନ କମିସନ ପ୍ରତିଷ୍ଠା କରାଯାଇଥିଲା। ଏଥିସହ ୨୧ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ପ୍ରତ୍ୟେକ ନାଗରିକଙ୍କୁ ମତଦାନ ଅଧିକାର ମିଳିଲା। ୧୯୮୮ରେ ସମ୍ବିଧାନ ସଂଶୋଧନ କରାଯାଇ ମତଦାତାଙ୍କ ବୟସ ସୀମା ୨୧ରୁ ୧୮କୁ ଖସାଇ ଦିଆଗଲା। ଜାତୀୟ ମତଦାତା ଦିବସର ଶପଥ ଏହିପରି ଆମେ, ଭାରତର ନାଗରିକ, ଗଣତନ୍ତ୍ରରେ ପୂର୍ଣ୍ଣ ବିଶ୍ୱାସ ରଖି ଶପଥ ନେଉଛୁ ଯେ ଆମେ ନିଜ ଦେଶର ଗଣତାନ୍ତ୍ରିକ ପରମ୍ପରାର ମର୍ଯ୍ୟାଦା ବଜା ରଖିବା ତଥା ସ୍ୱାଧୀନ, ନିରପେକ୍ଷ ଏବଂ ଶାନ୍ତିପୂର୍ଣ୍ଣ ନିର୍ବାଚନର ଗରିମା ଅକ୍ଷୁର୍ଣ୍ଣ ରଖି, ନିର୍ଭୀକ ହୋଇ, ଧର୍ମ, ବର୍ଗ, ଜାତି, ସମୁଦାୟ, ଭାଷା ଅଥବା ଅନ୍ୟ କୌଣସି ପ୍ରଲୋଭନରେ ପ୍ରଭାବିତ ନ ହୋଇ ସମସ୍ତ ନିର୍ବାଚନରେ ନିଜ ମତାଧିକାର ସାବ୍ୟସ୍ତ କରିବୁ। ଜାତୀୟ ମତଦାତା ଦିବସ ପ୍ରତିଟି ଭାରତୀୟଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଓ ସ୍ମରଣୀୟ ଦିବସ। ଗଣତାନ୍ତ୍ରିକ ଉପାୟରେ ମତଦାନ ଓ ଗଣତନ୍ତ୍ରର ବିଧି ବ୍ୟବସ୍ଥାରେ ସକ୍ରିୟ ଅଂଶ ଗ୍ରହଣ ସହ ଜଣେ ଯଥାର୍ଥ ନାଗରିକତ୍ୱ ଭାବେ ଦେଶ ମାତାର ସେବା ପାଇଁ ସମର୍ପିତ ମନୋଭାବ ରଖିବାର ସ୍ମରଣୀୟ ଦିବସଟି ହେଉଛି ଆଜି। ଏ କ୍ଷେତ୍ରରେ ଆମ ସମସ୍ତଙ୍କର ଗଠନ ଉପଯୋଗୀ ଓ ସଚେତନଧର୍ମୀ ଦାୟିତ୍ୱ ରହିଛି। ପ୍ରତିଟି ଭାରତୀୟ ଭାବେ ଆମେ ଆଜି ଆମ ଦେଶ ପାଇଁ ଗର୍ବିତ। ଭାରତ ମାତା କି ଜୟ। ବନ୍ଦେ ମାତରଂ।

ବଞ୍ଚାରପୁର, ଯାଜପୁର

# କର୍ମ ନିବୃତ୍ତ / ବରିଷ୍ଠ ନାଗରିକଙ୍କୁ ଚେତାବନୀ / ଆହ୍ୱାନ !(୪/୪)



ପଙ୍କଜ କୁମାର ପାଣିଗ୍ରାହୀ

ଅନ୍ୟ ଦିଗରେ ଦେଖିଲେ ୨୦୪୦ ମସିହା ସୁଦ୍ଧା ଟଙ୍କାର ଗଣନାଂକ ସଂଖ୍ୟା କୋଟି କୋଟି ହୋଇଥିଲେ ମଧ ତାହାର ପ୍ରକୃତ ମୂଲ୍ୟ ଆମ ୨୦-୩୦ ବର୍ଷ ପୂର୍ବ (ଯେଉଁଠାରୁ ଆମେ ସଂଚୟ/ନିବେଶ ଆରମ୍ଭ କରିଛେ) ସମୟର ସହ ସହ ଠାରୁ ମଧ କମ୍ ହେବାର ସମ୍ଭାବନା କାହିଁକି ତାହାର ସମୀକ୍ଷା କଲେ ଜାଣି ପାରିବେ ସାଧାରଣ ଜନତା ଯାହା ଏଠାରେ ବର୍ଣ୍ଣନା କରିବା ସମ୍ଭବ ନୁହେଁ । ତଥାପି କିଂଚିତ ନିଦର୍ଶନ ଦିଆଗଲା ଆପଣଙ୍କ ସାଧାରଣ ଜ୍ଞାନ ପାଇଁ । ଦେଖିବା କଥା ଯେ ଆମ ଦେଶରେ ବର୍ତ୍ତମାନ ସୁଦ୍ଧା ଯେତିକି କୃଷି ଉପଯୋଗୀ ଜମି ରହିଛି ସେସବୁ ଯଦି ପ୍ରକୃତ ବିନିଯୋଗ ହୁଅ'। ତାହେଲେ ଆମେ କୌଣସି ସାର, କୀଟନାଶକ ବ୍ୟବହାର ନକରି କେବଳ ପ୍ରାକୃତିକ ଉପାୟରେ ଯେତିକି ଆଦାୟ କରିପାରିବା ସେଗୁଡିକ ଆମ ଦେଶର ଆବଶ୍ୟକତା ପୂର୍ଣ୍ଣ କରି ଅ'ର୍ଦ୍ଦେଶୀୟ ବଜାରରେ ଯଥେଷ୍ଟ ମାତ୍ରାରେ ବିକ୍ରି କରି ପ୍ରଚୁର ଧନ ଲାଭ କରିପାରିବା ! କି'ୁ ବ୍ୟପାରୀ ଅତ୍ୟ' ଜଟିଳ ଷଡ଼ଯାନ୍ତ୍ରୀକ ପଦ୍ଧତିରେ ସେହି ସମସ୍ତ ଜମି ଗୁଡିକୁ ବ୍ୟବହାର ନକରିବା ଭଳି ସୁଯୋଗ ସୃଷ୍ଟି କରି ନିଜର ସାର, କୀଟନାଶକ, ବିହନ ଇତ୍ୟାଦି ବ୍ୟବସାୟ କରିବା ସହିତ ଆଗକୁ ଋଷ ଜମି ନଷ୍ଟ ହେଲେ ଖାଦ୍ୟ ଅଭାବ ଜନିତ ଆର୍ଥିକ ଦୁର୍ବଳତା ସୃଷ୍ଟି କରିବା ଲକ୍ଷ ରଖିଛ଼ିଁ ଯାହା ବର୍ତ୍ତମାନ କାହାକୁ ଅ'ରଣିୟ ହେଉନାହିଁ । ଏମିତି ସମୟ ଆସିବ ଯେ ବର୍ତ୍ତମାନର ଋଷ ଜମି ଗୁଡିକ ନଷ୍ଟ ହୋଇ ଆଗକୁ ଖାଦ୍ୟାଭାବ ଜନିତ ଟଙ୍କାର ମୂଲ୍ୟ ହ୍ରାସଃ ପାଇବ ଏବଂ ସେହି ଅଣ ଋଷ ଜମି ଗୁଡିକ ବ୍ୟବସାୟୀଙ୍କ ହସ୍ତଗତ ହୋଇ ସାଧାରଣ ଜମି ମାଲିକ ମାନେ ସେମାନଙ୍କ ଠାରେ ମୁଲ ଖଟିବେ । ଏହି ଯୋଜନାରେ ବ୍ୟାପକ ଷଡ଼ଯାନ୍ତ୍ରୀକ କୂଟନୀତି ଋଲିଛି ଯାହାର ପ୍ରଭାବ ତୀବ୍ରତର ହେବ ପ୍ରାୟ ୨୦୪୦ ମସିହା ବେଳକୁ । ସେତେବେଳେ ଆମ ପାଖରେ ଥିବା ଟଙ୍କାର ମୂଲ୍ୟ ଏତେ ତଳକୁ ଆସିଯିବ ଯେ କୋଟି କୋଟି ଟଙ୍କା ଥାଇ ମଧ ଆମେ ଭିକାରି ଭଳି ମଧ ବଂଚିପାରିବା କି ନାହିଁ ସନ୍ଦେହ । ଅନୁରୂପ ସେତେବେଳେ ବର୍ତ୍ତମାନର ବ୍ୟପାରୀଙ୍କ ପାଖରେ ଆମ ଟଙ୍କାର ଗୁଣାତ୍ମକ ସଂଖ୍ୟ ମହଜୁଦ ଥିବ ଯଦ୍ୱାରା ଆମକୁ ସେମାନେ ଶାସନ କରି ରାଜତନ୍ତ୍ର ଚଳାଇ ସମସ୍ତଙ୍କୁ କ୍ରୀତଦାସ ଭଳି ରଖିବେ । ଏହି ଷଡ଼ଯନ୍ତ୍ରକୁ ହୁଏତ ଆମେ ଆଉ ଦେଖିବାକୁ ଥିବା କି ନାହିଁ ସନ୍ଦେହ କି'ୁ ଆଜିର ଜନ୍ମିତ ଶିଶୁ କାଲି ତାହାର ଶିକାର ହେବ ନିଶ୍ଚିତ ।

ମହାଭାଗ କେବଳ ଏତିକି ନୁହେଁ ନିବେଶ ଠାରୁ ଆରମ୍ଭ କରି ବୀମା ଯୋଜନା ଭଳି ଏମିତି ଆହୁରି ଅନେକ ଷଡ଼ଯନ୍ତ୍ର ଋଲିଛି ରାଷ୍ଟ୍ରୀୟ ଅ'ଃରାଷ୍ଟ୍ରୀୟ ସ୍ତରରେ ଯାହା ସବୁ ବୁଝିବା ତ ଦୂର କାହାକୁ ଆଦୌ ଜଣାନାହିଁ କିମ୍ବା କହିଲେ ମଧ କେହି କର୍ଣ୍ଣପାତ କରିବେ ନାହିଁ। ହେଲେ ଆଜିର ବରିଷ୍ଠ ଆମେ ଆପଣଙ୍କ ସ'ାନ ଯେତେବେଳେ ଆପଣ ଗଢ଼ିଛ଼ିଁ ଆପଣଙ୍କ ପରିବାରକୁ ଏହି ହାତରେ କେମିତି ଆଜି ତାକୁ ସ୍ୱଚକ୍ଷୁରେ ଦେଖି ଦେଖି ଭସାଇଦେବେ ଆପଣଙ୍କ କାଲିର ପର ପିଢିଙ୍କ ପାଇଁ । ତେଣୁ ଆପଣଙ୍କ କର୍ତ୍ତବ୍ୟବୋଧତା ତଥା ବଚନବଦ୍ଧତାକୁ ସ୍ୱୀକାର କରି ଆଉ କିଛି ଦିନ କଷ୍ଟ ହେଲେ ମଧ ଏକ ସୁସଙ୍ଗଠିତ ସମାଜ ପ୍ରତିଷ୍ଠା ଦିଗରେ ନିଜକୁ ବ୍ରତୀ କରିବା ପାଇଁ ଆପଣ ମାନଙ୍କୁ ଚେତାବନୀ ସହିତ ଆହ୍ୱାନ କରାଯାଉଥିବା କର୍ଣ୍ଣପାତ ନକଲେ ଯେ ଆପଣଙ୍କ ବଂଶଧରଙ୍କ ଭବିଷ୍ୟତ ଅନ୍ଧକାରମୟ ହେବ ସେଇଥିରେ କୌଣସି ସନ୍ଦେହ ନାହିଁ । ସାମାଜିକ ପ୍ରହେଳିକା ଜନିତ ଯୁବ ପିଢୀ ନାରୀ ସଶକ୍ତିକରଣ ଇତ୍ୟାଦି ନାରା ଗୁଡିକର ବାସ୍ତବବାଦୀ ରୂପାୟନ ହେବା ସମ୍ଭବ ନୁହେଁ। କାରଣ ଅପ୍ରାପ୍ତ ମସ୍ତିଷ୍କ ଶିକ୍ଷାର ଚରମ ଶୀର୍ଷରେ ରହିଥିଲେ ମଧ ସାମାଜିକ ଜ୍ଞାନ ଯେ ସେମାନଙ୍କ ଦୁର୍ବଳ ସେଇଥିରେ କୌଣସି ଦ୍ୱିମତ ନାହିଁ । କେତେ ଶିକ୍ଷାର ଅଧିକାରୀ ହୋଇ ଆ'ର୍ଜାତୀୟ ସ୍ତରରେ ସୁନାମ ଆଣିବା କ୍ଷମତା ରଖିଥିବା ଜଣେ ଅପ୍ରାପ୍ତ ବୟସ୍କ ମଣିଷ ଯେ ଜଣେ ଅନୁଭୂତ ସମ୍ପନ୍ନ ବୟୋଜ୍ୟୋଷ୍ଠଙ୍କ ଠାରୁ ସବୁ କଥାରେ ବଳିଯିବ ବୋଲି ଭାବିବା ନିରର୍ଥକ ନୁହେଁ ବରଂ ଅସମ୍ଭବ ! ଏହା ଆମେ କହୁନାହୁଁ କେବଳ ସେହି ପ୍ରକୃତିର ନିୟମ ମଧରେ ସମାହିତ ଯିଏ ଆମ ସମସ୍ତଙ୍କୁ ଜନ୍ମ ଦେଇଛି । କିଛି ବର୍ଷ ହେବ ଯେଉଁ ନିଆଁ ଲଗାଇଛ଼ିଁ ବ୍ୟପାରୀ ବିଶ୍ୱବ୍ୟାପୀ, ଅଦ୍ୟାବଧି ତାହା କୁହୁଳିବାରେ ଲାଗିଛି ! କେତେକାଂଶରେ ଜାଳିବା ଆରମ୍ଭ ହେଲାଣି ! ଯେତେବେଳେ ସମ୍ପୂର୍ଣ୍ଣ ଭାବେ ଜଳିବାକୁ ଲାଗିବ, ତାକୁ ଅୟତ୍ତ କରିବା କ୍ଷମତା ଆଉ କାହାର ନଥିବ । ସମଗ୍ର ରାଷ୍ଟ୍ର ସେମାନଙ୍କ ସେହି ଅଗ୍ନିରେ ଝାସ ଦେଇ ନିଜକୁ ନିର୍ମୁଳ କରିବାକୁ ବାଧ ହେବେ । ସେମାନେ ଆକାଶର ଶୀର୍ଷଦେଶରେ ରହି ଅଟହାସ୍ୟ ପୂର୍ବକ ସାଧାରଣ ମଣିଷକୁ ଦାନଦେଇ ପଙ୍ଗୁ କରି ବ୍ୟବହାର କରୁଥିବେ ଯାହା ହିଟଲରଙ୍କ ମୂଳ ସୂତ୍ର ଥିଲା ! ଏହି ସୂତ୍ରକୁ ନିଜ ସମୟ ମଧରେ ହାସଲ କରିବା ଲକ୍ଷ ରଖିଥିବା ହିଟଲରଙ୍କ ଲକ୍ଷ ପୁରାଣ ହୋଇପାରି ନଥିଲା ! କି'ୁ ଏମାନେ ଆଜି ସେଇଥିରେ କିଛି ଅତ୍ୟାଧୁନିକ ସୂତ୍ର ବ୍ୟବହାର କରି ସମୟସାପେକ୍ଷ ହାସଲ କରିବା ଲକ୍ଷ ରଛ଼ିଁ ! ସମ୍ପୂର୍ଣ୍ଣ ଭାବେ ନିଆଁ ଲାଗିବାକୁ ଆହୁରି ସମୟ ରହିଛି ଯଥେଷ୍ଟ । ତାହା ପୂର୍ବରୁ ଆମକୁ କିଛି କରିବାକୁ ହେବ ଯାହା ଆଜିର ଅଜ୍ଞାନ ଶିକ୍ଷିତ ଯୁବପିଢ଼ି ଆଦୌ ବୁଝି ପାରୁନାହାଁ । ସେମାନଙ୍କ ସହିତ ସମା'ରାଳ କରି ଚାଲୁଛ଼ିଁ ନିଜକୁ ଜଣେ ଦକ୍ଷ ଭାବେ ଉପସ୍ଥାପନା ପୂର୍ବକ । ବରିଷ୍ଠଙ୍କୁ ପୁରାତନ ବିଋରଯୁକ୍ତ ମଣିଷ ବୋଲି ଭାବୁଛ଼ିଁ ଯାହା ସେମାନଙ୍କର ଏକ ବିଭ୍ରା'କର ବିଋର ! ସେମାନଙ୍କୁ କ୍ଷମା ପ୍ରଦାନ ପୂର୍ବକ ବରିଷ୍ଠ ପୁନଃ ସାମାଜିକ ନିର୍ମାଣରେ ନିଜକୁ ସ୍ୱତଃପ୍ରବୃତ୍ତ ଭାବେ ନିୟୋଜିତ କରିବାକୁ ହେବ । ଘରେ ରହି ମୋର ପରିବାରକୁ ସୁଦୃଢ଼ କଲେ କାହାର କ'ଣ ହେଉଛି ହେଉ ବୋଲି ଭାବୁଥିବା କଥା ଆମ ସମସ୍ତଙ୍କୁ ଗ୍ରାସ କରିବ ଯେଉଁଥିରେ ବ୍ୟକ୍ତିଗତ କେତେ ଯେ କ୍ଷମତାର ଅଧିକାରୀ ମଧ ସେମାନଙ୍କ ଆଗରେ ମୁଣ୍ଡ ନୁଆଁଇବାକୁ ପଡିବ ସେକଥା ଅଂତରଣୀୟ ହେଉନାହିଁ ଆଜି ସମୟରେ କାହାକୁ । କି'ୁ ତାହା ଅତ୍ୟ' ଧାର୍ଯ୍ୟ । ତେଣୁ ସମଗ୍ର ବରଣ୍ୟ ବରିଷ୍ଠ ସୁଜାଗ୍ରତ ମଣିଷ ସମୂହ ଏକ ଅତ୍ୟ' ଜରୁରୀ କାଳୀନ ପରିସ୍ଥିତିରେ ଏଗୁଡିକରେ ହସ୍ତକ୍ଷେପ କରି ସମାଜକୁ ଏକ ନୂତନ ଦିଗ'ରେ ଗତିଶୀଳ କରିବା ପାଇଁ ଅଗ୍ରସର ନହେଲେ ଆମର ଆଶା ଆକାଂକ୍ଷା ସବୁ ଧୂଳିସାତ ହେବ । ଆମର ବଂଶଜ ସାଧାରଣ ମଣିଷ ଗୁଡିକ କେବଳ ଗୋଟି ଶ୍ରମିକ ଭଳି ବଂଚିବା ଛଡା ଜୀବନର କୌଣସି ଆନନ୍ଦ ପାଇପାରିବେ ନାହିଁ ବୋଲି ଆମ ବିଋରରେ ଆପଣଙ୍କ ଆଗ୍ରହ ପୋଷଣ କରିବେ ବୋଲି ଅପେକ୍ଷାରେ ରହିଲି...! (ସମାପ୍ତ)

ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଂଜାମ-୭୬୧୦୨୦
ଦୂରଭାଷ.: ୯୪୩୭୩୨୪୯୧୭.

# ଆମ ଭାରତୀୟ ସ୍ୱାଧିନତା ସଂଗ୍ରାମ



ଅକ୍ଷୟ କୁମାର ରାଉତ

ଆମ ଦେଶ ଭାରତ , ତାର ସଭ୍ୟତା ଅତି ପ୍ରାଚୀନ । ଯାହାର ଉତର ରେ ହିମାଳୟ . ଦକ୍ଷିଣ ରେ ଭାରତ ମହାସାଗର , ପୂର୍ବ ଦିଗରେ ବଙ୍ଗୋପ ସାଗର (କଳିଙ୍ଗସାଗର) ପଶ୍ଚିମରେ ଆରବ ସାଗର , ହଜାର ହଜାର ବର୍ଷ ତଳେ ଏକ ସଭ୍ୟତା ମୁଣ୍ଡ ଟେକିଥିଲା । ଭାରତ ର ସିନ୍ଧୁନଦୀ କୂଳରେ ହଜାର ହଜାର ବର୍ଷ ତଳେ ଦ୍ରାବିଡ଼ ସଭ୍ୟତା ନାମରେ ଏକ ସଭ୍ୟତା ଗଢ଼ି ଉଠିଥିଲା । ଭାରତ ବର୍ଷର ବୈଭବ ,ସଭ୍ୟତା ଓ ସଂକୃତି ରେ ଆକୃଷ୍ଟ ହୋଇ ବହୁ ବର୍ଷ ତଳେ ମଧ୍ୟ ଏସିଆରୁ ଦଳ ଦଳ ଆର୍ଯ୍ୟ ଭାରତ ଭିତର କୁ ପଶି ଆସିଲେ । ଉଭୟ ଙ୍କ ମଧ୍ୟରେ ଯୁଦ୍ଧ ହେଲା ପରେ ମିଳିମିଶି ଚଳିଲେ , ଫଳରେ ଏକ ନୂତନ ସଭ୍ୟତା ଗଢ଼ି ଉଠିଲା। ଭାରତ କୁ ଆକ୍ରମଣ କଲେ ପାରସ୍ୟର ରାଜା ସାଇରସ୍ ଓ ତାଙ୍କର ପୁଅ ଡ୍ରେରାୟସ । ସେମାନେ ଭାରତର ଶାସନ ବେଶି ଦିନ ରଖି ପାରିଲେ ନାହିଁ । କେତେକ ପାରସ୍ୟିକ ଭାରତରେ ରହିଗଲେ । ଏହା ପରେ ଗ୍ରୀକ୍ ବୀର ଆଲେକଜାଣ୍ଡାର ଭାରତ ଆକ୍ରମଣ କଲେ । ଭାରତ କୁ ବେଶିଦିନ ହାତରେ ରଖି ପାରି ନ ଥିଲେ । କିଛି ଗ୍ରୀକ୍ ଭାରତୀୟ ଙ୍କ ସହିତ ରହି ମିଳିମିଶି ଚଳିଲେ । ତାପରେ ଆମ ଦେଶ କିଛି ଭାରତୀୟ ଓ ବିଦେଶୀ ମାନଙ୍କ ଦ୍ୱାରା ଶାସନ ହେଲା ଯଥା- ଶକ୍ , ପଲ୍ଲବ ,ଇଉଚି ,ହୁଣ , କୃଶାଣ , ଗୁର୍ଜର ଓ ତାତାର ମାନଙ୍କ ଦ୍ୱାରା , ପରେ ଆରବୀୟ ମାନେ ଆସିଲେ । ତୁର୍କୀ ଓ ଘୋର ବଂଶଜ ମୁସଲମାନ ମାନେ ଆସି ଭାରତ କୁ ଦଖଲ କରି ଶାସନ କଲେ ଓ ରହିଗଲେ । ତାପରେ କାବୁଲ ରୁ ମୋଗଲ ମାନେ ଆସି ଭାରତକୁ ଅଧିକାର କରି ଶାସନ ଚଳାଇଲେ । ସେମାନେ ଭାରତ କୁ ଭଲପାଇ ଭାରତରେ ରହିଗଲେ । ଏହାପରେ ଭାରତକୁ ଇଉରୋପରୁ ଆସିଲେ ପର୍ତୁଗୀଜ , ଓଲନ୍ଦାଜ . ଦିନାମାର , ଫରାସି ଓ ଇଂରେଜ ମାନେ , ସେମାନେ ବାଣିଜ୍ୟ କରିବାକୁ ଆସି ନିଜ ନିଜ ଭିତରେ ପ୍ରତିଯୋଗିତା ଆରମ୍ଭ କରି ଦେଲେ । ପର୍ତୁଗୀଜ ମାନଙ୍କ ହାତରେ ରହିଗଲା ଗୋଆ , ନାମନ ଓ ଡ଼ିଉ । ଫରାସୀ ମାନଙ୍କ ହାତରେ ରହିଗଲା ପଣ୍ଡିଚେରୀ ,ମାହେ ଓ ଚନ୍ଦନ ନଗର , ଇଂରେଜ ମାନଙ୍କ ହାତରେ ରହିଲା ମାନ୍ଦ୍ରାଜ ,ବମ୍ବେ ଓ କଲିକଟ୍ । ଇଂରେଜ ମାନେ ଇଷ୍ଟଇଣ୍ଡିଆ କମ୍ପାନୀ ଗଠନ କରି ବାଣିଜ୍ୟ କରୁକରୁ ରାଜନୀତରେ ପଶିଲେ । ସେତେ ବେଳେ ଭାରତରେ ବହୁତ ରାଜା ଓ ନବାବ୍ ଥିଲେ । ସେମାନଙ୍କ ମଧ୍ୟରେ ଏକତା ନ ଥିଲା । ଏହି ସୁଯୋଗରେ ଇଂରେଜ ମାନେ ବଙ୍ଗଳାର କାଳିଘାଟ ,ସୁତାନଟୀ ଓ ଗୋବିନ୍ଦପୁର ଠାରେ ବାଣିଜ୍ୟ କୋଠି ତିଆରୀ କଲେ । ସେହି ଗାଆଁ ତିନୋଟି କୁ କଲିକତା ନାମ ଦେଇ ସେଠାରେ ଏକ ଦୁର୍ଗ ତିଆରି କରି ନାମ ଦେଲେ ଫୋର୍ଟ ଇଉଲିୟମ୍ । ବଙ୍ଗର ନବାବ ସିରାଜଦ୍ଦୌଲା ଇଂରେଜ ମାନଙ୍କୁ ତଡ଼ିବାକୁ ଲାଗିଲେ ଫଳରେ ଉଭୟଙ୍କ ମଧ୍ୟରେ ପଲାସୀ ଠାରେ ଯୁଦ୍ଧ ହେଲା । ସେନାପତି ମିରଜଫରଙ୍କ ବିଶ୍ୱାସଘାତକତା ଯୋଗୁ ବଙ୍ଗର ନବାବ ପରାସ୍ତ ହେଲେ ଓ ମିରର୍ଜାଫରଙ୍କ ପୁଅ ଦ୍ୱାରା ନିହତ ହେଲେ । ଇଂରେଜ ମାନଙ୍କ ସହାୟତାରେ ମିରର୍ଜଫର ବଙ୍ଗର ନବାବ ହେଲେ , ପରେ ଅଧିକ ଧନ ଲୋଭରେ ଇଂରେଜ ମାନେ ମିରର୍ଜାଫରଙ୍କୁ ଗାଦିରୁ ହଟାଇ ମିରକାଶିମ୍ କୁ ବଙ୍ଗଳା ର ନବାବ କଲେ । ମିରକାଶିମ୍ ଇଂରେଜ ମାନଙ୍କୁ ମାନିଲେ ନାହିଁ । ଭାରତୀୟ ବଣିକ ମାନଙ୍କୁ ଇଂରେଜ ମାନଙ୍କ ସହିତ ଅଧିକାର ଦେଲେ । ତେଣୁ ଇଂରେଜ ମାନେ ମିରକାଶିମ୍ ଙ୍କୁ ଆକ୍ରମଣ କଲେ । ମିରକାଶିମ୍ ପଳେଇ ଯାଇଁ ଅଯୋଧ୍ୟା ର ନବାବ ସୁଜାଉଦ୍ଦୌଲା ଓ ଦିଲ୍ଲୀ ସମ୍ରାଟ ଶାହା ଆଲମ ଙ୍କ ସାହାର୍ଯ୍ୟ ଲୋଡ଼ିଲେ ।ତିନି ଶକ୍ତି ମାନଙ୍କ ବକ୍ସାର ଠାରେ ଇଂରେଜ ମାନଙ୍କ ଦ୍ୱାରା ପରାସ୍ତ ହେଲେ ଓ ମିରର୍କାଶିମ୍ ନିହତ ହେଲେ ବଙ୍ଗଳା ଇଂରେଜ ମାନଙ୍କ ହାତକୁ ଗଲା । ସୁଜାଉଦ୍ଦୌଲା ଓ ଶାହା ଆଲମ ଇଂରେଜ ମାନଙ୍କ ଶରଣ ପଶିଲେ । ତେଣୁ ଅଯୋଧ୍ୟା ଓ ଦିଲ୍ଲୀରେ ଇଂରେଜ ମାନଙ୍କ କ୍ଷମତା ବୃଦ୍ଧି ପାଇଲା । ମହୀଶୂର ର ନବାବ୍ ହାଇଦର ଅଲ୍ଲି ଓ ତାଙ୍କ ପୁଅ ଟିପୁ ସୁଲତାନ ଇଂରେଜ ମାନଙ୍କ ସହିତ ଯୁଦ୍ଧ ଚଳାଇଲେ । ଶେଷରେ ଟିପୁ ନିହତ ହେଲେ । ମହୀଶୂର ଇଂରେଜ ମାନଙ୍କ ହାତକୁ ଗଲା ।ଇଂରେଜ ମାନେ ଗୋଟି ଚାଳନା କରି ଭାରତ ବର୍ଷର ଗୋଟିଏ ପରେ ଗୋଟିଏ ରାଜ୍ୟ ଅଧିକାର କରି ନେଲେ । ୧୮୦୩ ମସିହାରେ ଇଂରେଜ ମାନେ ଓଡ଼ିଶା ଅଧିକାର କରି ନେଲେ । ୧୮୧୭ ମସିହାରେ ଆରମ୍ଭ ହେଲା ପାଇକ୍ ବିଦ୍ରୋହ । ପାଇକ ମାନଙ୍କ ର ସେନାପତି ଥିଲେ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଓ ଜୟକୃଷ୍ଣ ରାଜଗୁରୁ । ଏମାନେ ଇଂରେଜ ଶାସନ କୁ ଦୂର କରି ଦେଇଥିଲେ । ପରେ ଇଂରେଜ ମାନେ ପାଇକ ବିଦୋହ କୁ ଦମନ କରି ଦେଲେ । ଇଂରେଜ ବଡ଼ଲାଟ ଲର୍ଡ଼ ଡ଼େଲହାଉସି ଏକ ନୂଆ ଆଇନ୍ ଘୋଷଣା କଲେ ଫଳରେ କୌଣସି ଭାରତୀୟ ରାଜା ପୋଷ୍ୟପୁତ୍ର ଗ୍ରହଣ କରି ପାରିବେ ନାହିଁ ।ତେଣୁ ରାଣୀ ଲକ୍ଷ୍ମୀବାଇ ଅଯୋଧ୍ୟାର ନବାବ୍ ଓ ପୁନାର ପେଶବା ନାନା ସାହେବ ରାଜ୍ୟ ହରା ହେଲେ । ଇଂରେଜ ମାନଙ୍କ ବିରୁଦ୍ଧରେ ଭାରତର ବହୁ ରାଜା ମିଳିତ ହୋଇ ସଂଗ୍ରାମ ଆରମ୍ଭ କରି ଦେଲେ । ଏମାନେ ହେଲେ ପୁନାର ପେଶବା ନାନା ସାହେବ , ରାଜା କନ୍ଓ୍ୱାର ସିଂହ , ସମ୍ବଲପୁର ର ବୀର ସୁରେନ୍ଦ୍ର ସାଏ , ରାଣୀ ଲକ୍ଷ୍ମିବାଇ , ମରହଟ୍ଟା ବୀର ରାଓ ସାହେବ , ତାଁଆ ତୋପି ଓ ପୁରୀ ପଣ୍ଡା ଚନ୍ଦନ ହଜୁରୀ । ଏହି ସମୟରେ ଏନ୍‌ଫିଲଡ଼ ବନ୍ଧୁକର ଟୋଟାକୁ ଦାଂରେ ଛିଣ୍ଡାଇ ମାରିବାକୁ ପଡୁଥିଲା । ଏହି ଟୋଟାରେ ଗୋରୁ ଓ ଘୁଷୁରୀ ଚର୍ବି ଲାଗିଥିଲା । ଫଳରେ ଧର୍ମ ଯିବା ଭୟରେ ହିନ୍ଦୁ ଓ ମୁସଲମାନ ସିପାହୀ ମାନେ ବିଦ୍ରୋହ କରି ଉଠିଲେ , ବାରାକପୁର ଠାରେ ସିପାହୀ ମଙ୍ଗଳ ପାଣ୍ଡେ ଗୋରା ଅଫିସର କୁ ଗୁଳି କରି ମାରି ଦେଲେ । ତେଣୁ ମଙ୍ଗଳ ପାଣ୍ଡେଙ୍କୁ ୧୮୫୭ ମସିହା ଅପ୍ରେଲ ମାସ ଆଠ ତାରିକରେ ଇଂରେଜ ମାନେ ମୃତ୍ୟୁଦଣ୍ଡ ଦେଲେ ।

ସେଥିପାଇଁ ସିପାହୀ ମାନେ ବିଦ୍ରୋହ କରି ଦେଲେ । ୧୮୫୭ ମସିହା ମେ ମାସ ଦଶ ତାରିଖରେ ଦିଲ୍ଲୀ ଅଧିକାର କରି ନେଲେ । ବାହାଦୁର ଶାହାଙ୍କୁ ଭାରତର ସ୍ୱାଧିନ ସମ୍ରାଟ ବୋଲି ଘୋଷଣା କଲେ । ଭାରତର ଚାରିଆଡ଼େ ବିଦ୍ରେହ ସୁତ୍ରପାତ ହେଲା । ଏହା ଥିଲା ଭାରତର ଏକ ବଡ଼ ବିଦ୍ରୋହ ଯାହାକୁ ଆମେ ସିପାହୀ ବିଦ୍ରୋହ ବୋଲି ନାମିତ କରୁ। ରାଣୀ ଲକ୍ଷ୍ମିବାଇ ଯୁଦ୍ଧ କରୁ କରୁ ସରାଇ ଠାରେ ଗୁଳିବିଦ୍ଧ ରେ ଟଳି ପଡ଼ିଲେ । ତାଁଆଟୋପି ଇଂରେଜ ମାନଙ୍କ ସହ ଗରିଲା ଯୁଦ୍ଧ କରୁ ଥିଲେ । ମାନସିଂହ ନାମକ ଜଣେ ବ୍ୟାକ୍ତି ବିଶ୍ୱାସଘାତକତା କରି ତାଁଆଟୋପି ଙ୍କୁ ଇଂରେଜ ମାନଙ୍କ ହାତରେ ଧରାଇ ଦେଲେ । ତେଣୁ ଗୋରା ମାନେ ତାଁଆ ଟୋପି ଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇ ଦେଲେ ।

ସିପାହୀ ବିଦ୍ରେହ ପରେ ଇଂରେଜ ସରକାର କମ୍ପାନୀ ହାତରୁ ଭାରତର ଶାସନ ଭାର ଗ୍ରହଣ କରି ଭାରତକୁ ଶାସନ କଲେ । ଅସ୍ତ୍ରଆଇନ୍ ଜାରି କରି ଭାରତୀୟ ମାନଙ୍କ ଠାରୁ ସବୁ ଅସ୍ତ୍ର ଶସ୍ତ୍ର ଇଂରେଜ ସରକାର ନେଇ ଗଲେ । ସେମାନେ ଭାରତକୁ ଅର୍ଥନୈତିକ କ୍ଷେତ୍ରରେ ଶୋଷଣ କରିବାକୁ ଲାଗିଲେ । ସେମାନଙ୍କ ଅତ୍ୟାଚାର ଦିନକୁ ଦିନ ବଢ଼ିଲା । ଆମ ସମାଜରେ ଥିବା କୁସଂସ୍କାରେ ଆମକୁ ଆହୁରୀ ତଳକୁ ନେଇଗଲା । ଏହି ସମୟରେ ଜନ୍ମ ହୋଇଥିବା ଜ୍ଞାନୀ ଓ ଗୁଣୀ ମାନେ କୁସଂସ୍କାର ବିରୁଦ୍ଧରେ ଆନ୍ଦୋଳନ କରିଲେ । ସେମାନେ ହେଲେ ରାଜା ରାମମୋହନ ରାୟ ,ଇଶ୍ୱର ଚନ୍ଦ୍ର ବିଦ୍ୟାସାଗର , ସ୍ୱମୀ ଦୟାନନ୍ଦ ସରସ୍ୱତୀ , ରାମକୃଷ୍ଣ ପରମହଂସ , ସ୍ୱାମୀ ବିବେକାନନ୍ଦ , ସାଧୁ ସୁନ୍ଦର ଦାସ ଯେଉଁ ମାନଙ୍କ ଉଦ୍ୟମ ଫଳରେ ଇଂରେଜ ସରକାର ନରବଳି , ସତୀଦାହ ପ୍ରଥା , ବାଲ୍ୟ ବିବାହ ଭଳି ଘୃଣ୍ୟପ୍ରଥା ଉଚ୍ଛେଦ କରି ଥିଲେ । ବିଧବା ବିବାହ ପ୍ରଚଳନ କରିଥିଲେ । ସର୍ବ ଶକ୍ତିମାନ ଇଂରେଜ ସରକାରଙ୍କ ଅତ୍ୟାଚାର ଓ ଶୋଷଣ କୁ ବାଧା ଦେବା ପାଇଁ ଭାରତର କୌଣସି ରାଜନୈତିକ ଦଳ ବା ନେତା ମୁଣ୍ଡ ଟେକି ନ ଥିଲେ । ଭାରତୀୟ ମାନଙ୍କର ଦୁଃଖ , ଦୂର୍ଦ୍ଦଶା , ଆପତି ଓ ଅଭିଯୋଗ ଇଂରେଜ ସରକାର ଙ୍କୁ ଜଣାଇବା ପାଇଁ ଏ.ଓ.ହିଉମ୍ ଙ୍କ ଉଦ୍ୟମରେ ୧୮୮୫ ମସିହାରେ ଗଠିତ ହେଲା ଭାରତୀୟ ଜାତୀୟ କଂଗ୍ରେସ । ବମ୍ବେ ଠାରେ ହୋଇଥିବା ଭାରତୀୟ ଜାତୀୟ କଂଗ୍ରେସର ପ୍ରଥମ ଅଧିବେଶନରେ ସଭାପତି ହୋଇଥିଲେ ବାରିଷ୍ଟର ଉମେଶ ଚନ୍ଦ୍ର ବାନାର୍ଜୀ । କଂଗ୍ରେସ ର ଉଦ୍ୟମ ଫଳରେ ଇଂରେଜ ସରକାର ୧୮୯୨ ମସିହାରେ ଭାରତୀୟ ବ୍ୟବସ୍ଥା ସଭା ଆଇନ୍ ତିଆରୀ କଲେ । ଏହା ଦ୍ୱାରା ଲୋକ ପ୍ରତିନିଧି ଶାସନ ର ମୂଳଦୁଆ ଭାରତରେ ପଡ଼ିଲା। ବଙ୍ଗ ,ବିହାର ଓ ଓଡ଼ିଶା ମିଶି ଗୋଟିଏ ପ୍ରଦେଶ ଥିଲା । ୧୯୦୫ ମସିହାରେ ଲର୍ଡ଼ କର୍ଜନ ପଶ୍ଚିମ ବଙ୍ଗ , ବିହାର , ଓଡ଼ିଶା କୁ ଗୋଟିଏ ପ୍ରଦେଶ ଓ ପୂର୍ବ ବଙ୍ଗ , ଆସାମ କୁ ମିଶାଇ ଗୋଟିଏ ପ୍ରଦେଶ କରି ଦେଲେ । ଏହା ଫଳରେ ବଙ୍ଗ ଦୁଇଭାଗରେ ବିଭକ୍ତ ହୋଇଗଲା ।ବଙ୍ଗାଳୀ ମାନେ ଇଂରେଜ ସରକାର ବିପକ୍ଷରେ ବିଦ୍ରୋହ ଆରମ୍ଭ କରି ଦେଲେ । ବଙ୍କିମ ଚନ୍ଦ୍ର ଚାଟାର୍ଜୀ ଙ୍କ ଆନନ୍ଦ ମଠ ଉପନ୍ୟାସ ରେ ଥିବା 'ବନ୍ଦେ ମାତରମ'' ସଂଙ୍ଗୀତ ଟିକୁ ଜାତୀୟ ସଙ୍ଗିତ ରୂପେ ଗାନ କରିବାକୁ ଲାଗିଲେ । ଚାରିଆଡ଼େ 'ବନ୍ଦେ ମାତରମ'' ନାରାବାଜି ଆରମ୍ଭ ହୋଇଗଲା । 'ବନ୍ଦେ ମାତରମ'' ଆନ୍ଦୋଳନ ର ନେତା ଥିଲେ ସୁରେନ୍ଦ୍ର ନାଥ ବାନାର୍ଜି , ବିପିନ ଚନ୍ଦ୍ର ପାଲ ଓ ଅରବିନ୍ଦ ଘୋଷ । ବିଦେଶୀ ଜିନିଷ ବର୍ଜନ ଓ ସ୍ୱଦେଶୀ ଜିନିଷ ବ୍ୟବହାର 'ସ୍ୱଦେଶୀ ଆନ୍ଦୋଳନ ବା 'ବନ୍ଦେ ମାତରମ'' ଆନ୍ଦୋଳନ ପ୍ରବଳ ଭାବରେ ଚାଲିଲା । ବହୁ ଉଗ୍ରପନ୍ଥି ନେତା ମୁଣ୍ଡଟେକି ଗୋରା ଅଫିସର ମାନଙ୍କୁ ମାରି ପକାଇଲେ । ବାଳକ ଖୁଦିରାମ ବସୁ ଧରା ପଡ଼ିବାରୁ ୧୯୦୮ ମସିହାରେ ବଙ୍କଳ ଖୁଦିରାମ ଙ୍କୁ ଇଂରେଜ ସରକାର ଫାଶୀ ଦେଲେ । ୧୯୦୬ ମସିହାରେ ଢ଼ାକା ନବାବ୍ ସଲିମ୍ ଖାଁ ଙ୍କ ଦ୍ୱାରା ଆରମ୍ଭ ହୋଇଥିବା 'ମୁସଲିମ୍ ଲିଗ୍'' ର ପ୍ରଭାବ 'ବନ୍ଦେ ମାତରମ'' ଉପରେ ପଡ଼ି ପାରି ନ ଥିଲା । ୧୯୦୯ ମସିହାରେ ଭାରତରେ ମର୍ଲେମିଣ୍ଟୋ ଶାସନ ସଂସ୍କାର ପ୍ରଚଳନ କରାଗଲା । ୧୯୧୨ ମସିହାରେ ବଙ୍ଗ ବିଭାଗ ଆଇନ୍ କୁ ରଦ୍ଦ କରାଗଲା । ବିହାର ଓ ଓଡ଼ିଶା କୁ ଗୋଟିଏ ପ୍ରଦେଶ । ଆସାମ କୁ ଗୋଟିଏ ପ୍ରଦେଶ ଓ ବଙ୍ଗଳା କୁ ଗୋଟିଏ ପ୍ରଦେଶ କରାଗଲା । କଂଗ୍ରେସ ଭିତରେ ଚରମପନ୍ଥୀ ଓ ନରମପନ୍ଥି ଭାବରେ ଦୁଇଟି ଦଳ ମୁଣ୍ଡ ଟେକିଲା । ଚରମପନ୍ଥି ନେତା ଥିଲେ ବାଳ ଗଙ୍ଗାଧର ତିଳକ ଓ ଲାଲା ଲଜପତ ରାୟ । ନରମପନ୍ଥୀଙ୍କ ନେତା ଗୋପାଳ କୃଷ୍ଣ ଗୋଖ୍‌ଲେ ଓ ଦାଦା ଭାଇ ନୌରୋଜୀ ।

ଦକ୍ଷିଣ ଆଫ୍ରିକାରେ ମୋହନ ଦାସ କରମଚାନ୍ଦ ଗାନ୍ଧି ଅହିଂସା ଓ ସତ୍ୟାଗ୍ରହ ବଳରେ ଭାରତୀୟ ମାନଙ୍କୁ ଜିତାଇଥିଲେ । ୧୯୧୪ ମସିହାରେ ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହେଲା । ୧୯୧୫ ମସିହାରେ ଗାନ୍ଧି ଦକ୍ଷିଣ ଆଫ୍ରିକାରୁ ଆସି ଭାରତରେ ପହଂଚିଲେ । ଏହି ସମୟରେ ଆୟର ଲ୍ୟାଣ୍ଡ ରମଣି ଆନି ବେସାଂ 'ହୋମ୍ ରୁଲ'' ଆନ୍ଦୋଳନ ଚଳାଇ ଇଂରେଜ ସରକାର ଦ୍ୱାରା ଗୃହ ବନ୍ଦିନୀ ହେଲେ । ବିଲାତରେ ଆନ୍ଦୋଳନ ହେବାରୁ ସରକାର ଆନି ବେସାଂଙ୍କୁ ମୁକ୍ତ କରି ଦେଲେ । ବିହାରର ଚମ୍ପାରଣ ଠାରେ ଇଂରେଜ ଓ ଜମିଦାର ମାନେ ନୀଳଚାଷୀ ମାନଙ୍କ ଉପରେ କରୁଥିବା ଅତ୍ୟାଚାର ବିରୋଧରେ ଗାନ୍ଧିଜୀ ଆନ୍ଦୋଳନ କରି ସେମାନଙ୍କୁ ଗୋରା ସରକାର ଙ୍କ ଅତ୍ୟାଚାର ରୁ ରକ୍ଷା କରିଥିଲେ ।

ପ୍ରଥମ ବିଶ୍ୱଯୁଦ୍ଧରେ ବହୁ ଭାରତୀୟ ଜୀବନ ହରାଇଲେ । କୋଟି କୋଟି ଟଙ୍କା ଭାରତୀୟ ମାନେ ଇଂରେଜ ସରକାରଙ୍କୁ ସାହାର୍ଯ୍ୟ ଦେଇଥିଲେ । ହେଲେ 'ମଣ୍ଟେଗୁ ଚେମସ୍ ଫୋର୍ଡ଼ ଶାସନ ସଂସ୍କାର'' ଆଇନ ପ୍ରଣୟଣ କରି ଭାରତୀୟ ମାନଙ୍କ ଆଶା କୁ ଚୁରୁମାର କରି ଦେଲେ ଇଂରେଜ ସରକାର । ତାପରେ 'ରାଓଲାଟ ଆଇନ୍' କୁ ଭାରତରେ ବିରୋଧ କରାଗଲା । ପାବ ର ଜାଲିଆନାଓ୍ୱାଲା ବାଗ ଠାରେ ୧୯୧୯ ମସିହା ଅପ୍ରେଲ ମାସରେ ଏକ ସଭା କଲେ । ଏହି ବାଗ୍‌ରେ ଗୋଟିଏ ମାତ୍ର ଦ୍ୱାର ଥିଲା । ଗୋରା ସେନାପତି ଡ଼ାୟାର ସୈନ୍ୟ ନେଇ ଦ୍ୱାର ଦେଶରେ କାହାକୁ ଛାଡ଼ିବାକୁ ନ ଦେଇ ଗୁଳି ଚଳାଇଲେ ଫଳରେ ସ୍ତ୍ରୀ ,ପୁରୁଷ ଓ ଶିଶୁ ମିଶି ଦୁଇ ହଜାର ରୁ ଅଧିକ ଲୋକ ମରିଗଲେ । ସାରା ଭାରତରେ ଶୋକ ର ଛାୟା ଖେଳିଗଲା । ବିଶ୍ୱ କବି ରବିନ୍ଦ୍ର ନାଥ ଠାକୁର ଇଂରେଜ ସରକାର ଙ୍କୁ ତାଙ୍କର 'ନାଇଟ୍' ଉପାଧି ଫେରାଇ ଦେଲେ । ଭାରତୀୟ ଗାନ୍ଧିଜୀ ଙ୍କର ଅହିଂସା ନୀତି ଓ ସତ୍ୟାଗ୍ରହ ନିୟମରେ ଆନ୍ଦୋଳନ ଚାଲିଲା । ଉଗ୍ରପନ୍ଥୀ ମାନେ ପୋଡ଼ାଜଳା ଆରମ୍ଭ କରି ଦେଲେ । ଗୁଜୁରାଟ ର ଚୌରି ଚୌରା ଠାରେ ଘେରାଉ କରି ବାଇଶ ଜଣ ପୋଲିସ୍ ଙ୍କୁ ପୋଡ଼ି ଦେଲେ । ଗାନ୍ଧିଙ୍କ ଅସହଯୋଗ ଆନ୍ଦୋଳନ ବନ୍ଦ ହୋଇଗଲା । 'ସ୍ୱରାଜଦଳ' ର ନେତା ମୋତିଲାଲ ନେହେରୁ ,ଦେଶବନ୍ଧୁ ଚିତରନ ଦାସ , ଜାତୀୟ କଂଗ୍ରେସ ର ଜହାରଲାଲ ନେହେରୁ , ସୁବାଷ ଚନ୍ଦ୍ର ବୋଷ , ବଲ୍ଲଭଭାଇ ପଟେଲ , ଗୋବିନ୍ଦ ବଲ୍ଲଭ ପନ୍ଥ , ରାଜେନ୍ଦ୍ର ପ୍ରସାଦ , ରାଜ ଗୋପାଳ ଚାରୀ , ମୌଲାନା ଆବୁଲ୍‌କାଲମ , ଅବଦୁଲ ଗଫୁର ଖାଁ , ଲାଲା ଲାଜପତ ରାୟ , ଗୋପବନ୍ଧୁ ଦାସ , ନୀଳକଣ୍ଠ ଦାସ , ମହାତ୍ମା ଗାନ୍ଧି ଓ ବହୁ ସ୍ୱାଧିନତା ସଂଗ୍ରାମୀ ମାନଙ୍କ ସହିତ ୩୦ ହଜାର ଆନ୍ଦୋଳନ କାରୀ ଜେଲ ବରଣ କଲେ । ସଭରକର ଓ ଅରବିନ୍ଦ ହିଂସାନୀତିରେ ଆନ୍ଦୋଳନ କରୁଥିଲେ । ହିଂସା ନିତିରେ ହିଂସାକାଣ୍ଡ ଖଟାଇ ଭଗତ ସିଂ ଓ ଉଦ୍ଧାମ ସିଂହ ଫାଶୀ ପାଇଗଲେ । ୧୯୨୮ ମସିହାରେ ବ୍ରିଟିଶ ସରକାର ଏକ ସମିତି ଗଠନ କରି ଭାରତ କୁ ପଠାଇଲେ । ସାଇମନ୍ ସାହେବ ଏହାର ସଭାପତି ଥିଲେ । ସାତଜଣ ସଭ୍ୟ ମଧ୍ୟରେ କେହି ଭାରତୀୟ ନ ଥିଲେ । ତେଣୁ ଜାତୀୟ କଂଗ୍ରେସ ଏହାକୁ ବିରୋଧ କଲା ।'ସାଇମନ୍ ଫେରିଯାଅ'' । କି'ୁ ସାଇମନ୍ ବ୍ରିଟିଶ ସରକାର ଙ୍କୁ ରିପୋର୍ଟ ଦେଲେ । ତେଣୁ କଂଗ୍ରେସ ୧୯୨୯ ମସିହାରେ ଲାହୋର ଅଧିବେସନରେ ଭାରତୀୟ ପୂର୍ଣ୍ଣ ସ୍ୱାଧିନତା ପାଇଁ ଘୋଷଣା କରି ମହାତ୍ମା ଗାନ୍ଧି ଙ୍କୁ ସଂଗ୍ରାମ କରିବାର ଦାୟିତ୍ୱ ଦେଲେ । ଗାନ୍ଧିଜୀ ଅଣାଅଶୀ ଜଣ ସତ୍ୟାଗ୍ରହୀଙ୍କୁ ଧରି ଦାଣ୍ଡି ଯାତ୍ରା କଲେ । ସେଠାରେ ସେ ୧୯୩୦ ମସିହା ଅପ୍ରେଲ ନଅ ତାରିଖରେ ଲବଣ ଆଇନ୍ ଭଙ୍ଗ କଲେ । ସାରା ଭାରତରେ ଲବଣ ସତ୍ୟାଗ୍ରହ ଚାଲିଲା । ଦ୍ୱିତୀୟ ଗୋଲ ଟେବୁଲ ବୈଠକରେ ଗାନ୍ଧି ଯୋଗ ଦେଲେ କିଂୁ କିଛି ଫଳ ହେଲା ନାହିଁ ।୧୯୩୫ ମସିହାରେ ଭାରତ ଶାସନ ଆଇନ୍ ରେ ଭାରତୀୟ ମାନଙ୍କୁ ଅଧିକ ଶାସନ କ୍ଷମତା ଦିଆ ଗଲା । ଏହି ଆଇନ୍ ଅନୁସାରେ ୧୯୩୭ ମସିହାରେ ଭାରତରେ ନିର୍ବାଚନ ଆରମ୍ଭ ହେଲା । ଭାରତର ଏଗାରଟି ପ୍ରଦେଶ ରୁ କଂଗ୍ରେସ ସାତଟି ପ୍ରଦେଶରେ ସଂଖ୍ୟା ଗରିଷ୍ଠତା ହାସଲ କରି ମନ୍ତ୍ରୀ ମଣ୍ଡଳ ଗଠନ କଲା । ସୁବାଷ ବୋଷ କଂଗ୍ରେସ ଛାଡ଼ି 'ଫରଓ୍ୱାର୍ଡ଼ ବ୍ଲକ୍'' ନାମରେ ଏକ ଅଲଗା ଦଳ ଗଠନ କଲେ ।

୧୯୩୯ ମସିହାରେ ଜାତିୟ କଂଗ୍ରେସ କୁ ନ ପଚାରି ବଡ଼ଲାଟ୍ ଭାରତ କୁ ଦ୍ୱିତୀୟ ବିଶ୍ୱ ଯୁଦ୍ଧରେ ସାମିଲ କରି ଦେଲେ । କଂଗ୍ରେସ ନେତା ମାନେ ଯୁଦ୍ଧ ବିରୋଧୀ ଧ୍ୱନି ଦେଇ ଜେଲ୍ ଗଲେ ।୧୯୪୧ ମସିହାରେ ସୁବାଷ ବୋଷ ଭାରତରୁ ଜର୍ମାନୀ କୁ ପଳାଇ ଯାଇଁ 'ଆଜଦ୍ ହୀନ୍ଦ ଫଉଜ'' ଗଠନ କଲେ । ୧୯୪୨ ମସିହାରେ କଂଗ୍ରେସ ଭାରତ ଛାଡ଼ ଆନ୍ଦୋଳନ ଆରମ୍ଭ କରି ଦେଲା । ସୁବାଷ ବୋଷ ଜାପାନ୍ ସାହାର୍ଯ୍ୟରେ ପୂର୍ବପଟୁ ଭାରତ କୁ ଅଭିଯାନ ଆରମ୍ଭ କଲେ । 'ଆଜଦ୍ ହୀନ୍ଦ ଫଉଜ'' କୋହିମା ଅଧିକାର କରି ମଣିପୁର ଘେରାଉ କରି ଦେଲେ , ଦ୍ୱିତୀୟ ବିଶ୍ୱ ଯୁଦ୍ଧରେ ଇଂଲଣ୍ଡ ଜୟ ଲାଭ କଲେ ମଧ୍ୟ ବହୁତ ଦୂର୍ବଳ ହୋଇ ପଡ଼ିଥିଲା । ସେମାନଙ୍କ ପକ୍ଷେ ଭାରତକୁ ଶାସନ କରିବା ଆଉ ସମ୍ଭବ ହୋଇ ନ ଥିଲା । ତେଣୁ ଇଂରେଜ ସରକାର ଭାରତକୁ ସ୍ୱାଧିନତା ଦେବା ପାଇଁ ରାଜି ହୋଇ କଂଗ୍ରେସ ନେତା ମାନଙ୍କୁ ଜେଲରୁ ଖଲାସ କରି ଦେଲେ । ମୁସଲିମ୍ ଲିଗ୍ ନେତା ମହମ୍ମଦ ଅଲ୍ଲୀ ଜିନା ମୁସଲମାନ ଙ୍କ ପାଇଁ ପାକିସ୍ତାନ ଦାବି କଲେ । ହିନ୍ଦୁ ଓ ମୁସଲମାନ ଙ୍କ ମଧ୍ୟରେ ମାରପିଟି ଆରମ୍ଭ ହେଲା । ବହୁ ହିନ୍ଦୁ ଓ ମୁସଲମାନ ବଳି ପଡ଼ିଗଲେ । ଏହି ସମୟରେ ଭାରତୀୟ ନୌ ବାହିନୀରେ ବିଦ୍ରୋହ ହେଲା । ବ୍ରିଟିଶ ସରକାର ଆଉ କାଳ ବିଳମ୍ବ ନ କରି ଲର୍ଡ଼ ମାଉଣ୍ଟ ବ୍ୟାଟେନ୍ କୁ ଭାରତର ବଡ଼ ଲାଟ କରି ପଠାଇଲେ । ଭାରତ ଓ ପାକିସ୍ଥାନ ଦୁଇ ଭାଗ କରି ଦୁଇଟି ଦେଶ କୁ ସ୍ୱାଧିନତା ଦେଇ ଦେଲେ ।ପରିଶେଷରେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧିନତା ଲାଭ କଲା । ଗୋପବନ୍ଧୁ ଙ୍କ ଭାଷାରେ-

' ସ୍ୱାଧିନତା ମାନବର ଜନ୍ମ ଅଧିକାର
ସ୍ୱାଧିନ ଭାଷଣ ଆଉ ସ୍ୱାଧୀନ ବିହାର
ସ୍ୱାଧୀନ ଜୀବନ ପୁଣି ସ୍ୱାଧୀନ ସମିତି
ଚାରି ସ୍ତମ୍ଭେ ମାନବର ସମାଜ ସଂସ୍ଥିତି ।

*ପାରାଦ୍ୱୀପ ଗଡ଼, କୁଜଙ୍ଗ*
*ଜଗତସିଂହପୁର,ଓଡ଼ିଶା*
*ମୋ-୯୯୩୭୬୯୧୪୭୫.*




# ଦେଶରେ ମହିଳା ସଶକ୍ତିକରଣ ପାଇଁ ପ୍ରଧାନମନ୍ତ୍ରୀ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି: ସମୀର ମହାନ୍ତି

ଭୁବନେଶ୍ୱର,(ପି.ଏନ): ମହାନ କ୍ରାନ୍ତିକାରୀ, ସମାଜ ସୁଧାରକ ଜ୍ୟୋତିବା ଫୁଲେଙ୍କ ଜନ୍ମଜୟନ୍ତୀ ଅବସରରେ ସିନର୍ଜି ଇଷ୍ଟିଚ୍ୟୁଟ ଅଫ ଟେକନୋଲୋଜିଠାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ଭେଟି ଜ୍ୟୋତିବା ଫୁଲେଙ୍କ ଦେଶପ୍ରତି ଅବଦାନ ବିଷୟରେ ଅବଗତ କରାଇଥିଲେ। ଯେତେବେଳେ ଦେଶରେ ନାରୀ ଶିକ୍ଷା ପ୍ରତି ଆଦୌ ଧ୍ୟାନ ଦିଆଯାଉନଥିଲା ସେତେବେଳେ ଜ୍ୟୋତିବା ଫୁଲେ ମହିଳାମାନଙ୍କ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରୁଥିଲେ। ଜ୍ୟୋତିବା ଫୁଲେ ତାଙ୍କ ପତ୍ନୀ ସାବିତ୍ରୀବାଇ ଫୁଲେଙ୍କ ସହିତ ମିଶି ପୁନେଠାରେ ମହିଳାମାନଙ୍କ ଶିକ୍ଷା କ୍ଷେତ୍ରରେ ଅଗ୍ରଗତି ନିମନ୍ତେ ବାଳିକା ବିଦ୍ୟାଳୟ ସ୍ଥାପନ କରି ନାରୀ ଶିକ୍ଷା ଶିକ୍ଷାଦ୍ୱାରା ସମାଜର ଅଗ୍ରଗତି ସମ୍ଭବ ବୋଲି ବାର୍ତ୍ତା ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜ୍ୟୋତିବା ଫୁଲେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମହିଳାଙ୍କ ପ୍ରତି ବିଭିନ୍ନ ଯୋଜନା ମଧ୍ୟ କରିଛନ୍ତି। ମହିଳାମାନଙ୍କ ପାଇଁ ଶୌଚାଳୟ, ଉଜ୍ଜ୍ୱଳା, ବେଟି ବଚାଓ ବେଟି ପଢ଼ାଓ, ସୁକନ୍ୟା ସମୃଦ୍ଧି ଯୋଜନା, ପୋଷଣ ଅଭିଯାନ ଭଳି ଯୁଗାନ୍ତକାରୀ ପଦକ୍ଷେପମାନ ନେଇ ମହିଳାଙ୍କୁ ସମ୍ମାନ, ସ୍ୱାଭିମାନ ଓ ସଶକ୍ତ କରିବାକୁ ତାଙ୍କ ସରକାରରେ ଅନେକ ଯୋଜନା କରିଥିବାରୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ବିନୋଦ ଦାଶ, ଇଷ୍ଟିଚ୍ୟୁ ନିର୍ଦ୍ଦେଶକ ଚନ୍ଦ୍ରସେନ ଜଗତଦେଓ, ରାଜ୍ୟ ପ୍ରବକ୍ତା ଠାକୁର ରଞ୍ଜିତ ଦାସ, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଅର୍ପିତା ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ପୁରୀ ପାଇଁ ଐତିହାସିକ ଦିନ :ମୁଖ୍ୟମନ୍ତ୍ରୀ

ପୁରୀ/ ନୂଆଦିଲ୍ଲୀ/ଭୁବନେଶ୍ୱର, (ପି.ଏନ): ପୁରୀରେ ଶ୍ରୀଜଗନ୍ନାଥ ମେଡ଼ିକାଲ କଲେଜ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ଲୋକାର୍ପଣ ସମାରୋହରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ ଭର୍ଚ୍ଚୁଆଲ ମାଧ୍ୟମରେ ଯୋଡ଼ି ହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହା ପୁରୀ ପାଇଁ ଐତିହାସିକ ଦିନ। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପ୍ରଚେଷ୍ଟାରେ ପୁରୀବାସୀଙ୍କ ସେବା କରିବାରେ ଏହି ଶିକ୍ଷାନୁଷ୍ଠାନ ନାଁ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ। ଅପରପକ୍ଷରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ମାଣ୍ଡଭୀୟ ଓଡ଼ିଶାବାସୀଙ୍କୁ ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟସେବା ଉପଲବ୍ଧ କରିବା ପାଇଁ ଆୟୁଷ୍ମାନ ଯୋଜନା ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି। ଏହି ଯୋଜନା ଲାଗୁ ହେବା ଦ୍ୱାରା ଓଡ଼ିଆ ଲୋକମାନେ ଲାଭ ପାଇବେ ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭଲ ରହିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମ ପରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ କହିଥିଲେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କ୍ଷେତ୍ରରେ ଏକ ଉନ୍ନତମାନର ମେଡିକାଲ କଲେଜ ପ୍ରତିଷ୍ଠା ହୋଇଛି। ଏହାଦ୍ୱାରା ମେଧାବୀ ଛାତ୍ରଛାତ୍ରୀମାନେ ମେଡିକାଲ ପାଠ ପଢିବା ସହିତ ପୁରୀ ଜିଲ୍ଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂଆ ଯୁଗ ଆରମ୍ଭ ହେଲା। କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ଭବିଷ୍ୟତରେ ଭଲ ଡାକ୍ତର ହୋଇ ନିଷ୍ଠାପର ଭାବେ ଉତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସେମାନଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷକ ଓ ଛାତ୍ରଛାତ୍ରୀ ମାନଙ୍କ ଉଦ୍ୟମରେ ଏହି କଲେଜ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଜର ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ପୁରୀର ଶ୍ରୀ ସମ୍ବିତ ନାୟକ, ରାଜସ୍ଥାନର ପ୍ରଗତୀ ମୀନା ଓ ଓଡିଶାର ଶ୍ରୀ ସିଦ୍ଧାର୍ଥ ସାହୁ ପ୍ରମୁଖ ଛାତ୍ରଛାତ୍ରୀ ଏହି ଆଲୋଚନାରେ ଭାଗ ନେଇ ପୁରୀରେ ପଢିବାର ସୁଯୋଗ ପାଇଥିବାରୁ ଖୁସି ପ୍ରକାଶ କରି ଭବିଷ୍ୟତରେ ଚିକିତ୍ସା ସେବା କ୍ଷେତ୍ରରେ ପ୍ରତିଶୃତିବଦ୍ଧ ହୋଇ କାମ କରିବେ ବୋଲି କହିଥିଲେ। ପିଲାମାନେ କଲେଜର ଭିତିଭୂମିର ଉଚ୍ଚପ୍ରଶଂସା କରିଥିଲେ। ଛାତ୍ରଛାତ୍ରୀଙ୍କ ସହ ମତ ବିନିମୟ କରିବା ଅବସରରେ ଶ୍ରୀ ମାଣ୍ଡଭୀୟ ଓଡ଼ିଶାରେ ସ୍ୱାସ୍ଥ୍ୟସେବା ସୁଲଭ ଓ ସର୍ବବ୍ୟାପୀ କରିବା ପାଇଁ ମେଡ଼ିକାଲ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ ପୁରୀ ଜଗନ୍ନାଥ ମନ୍ଦିର ଯାଇ ଦର୍ଶନ କରିବା ଓ ମହାପ୍ରସାଦ ସେବନ କରିବା ଆମ ପାଇଁ ଗର୍ବର ବିଷୟ। ସେହି ପବିତ୍ର ଧାମରେ ରହି ମେଡ଼ିକାଲ ଶିକ୍ଷା ଲାଭ କରିବା ଛାତ୍ରଛାତ୍ରୀଙ୍କ ପାଇଁ ଗର୍ବର ବିଷୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନ ରହିଛି ସ୍ୱାସ୍ଥ୍ୟସେବା ସୁଲଭ ଏବଂ ସର୍ବବ୍ୟାପୀ ହେବା ଦରକାର। ଏଥିପାଇଁ ଏକ ଡ଼ାକ୍ତର ରୂପରେ ଛାତ୍ରଛାତ୍ରୀଙ୍କୁ ଦୂର, ସୁଦୂର, ଗାଁ ଯେଉଁଠି ବି ଦାୟିତ୍ୱ ମିଳୁଛି, ସେମାନେ ଗରିବଙ୍କ ସେବା କରିବା ପାଇଁ ନିଜକୁ ଉତ୍ସର୍ଗ କରିବା ସହ ଦେଶର ସ୍ୱାସ୍ଥ୍ୟ କ୍ଷେତ୍ରରେ ଯୋଗଦାନ ରଖନ୍ତୁ। ମୋଦି ସରକାର ଓ ରାଜ୍ୟ ସରକାର ମିଳିତ ଭାବରେ ରାଜ୍ୟରେ ଅନେକ ମେଡ଼ିକାଲ କଲେଜ ଆରମ୍ଭ କରିଛନ୍ତି ଏବଂ ଆଗାମୀ ଦିନରେ ଅନେକ ମେଡ଼ିକାଲ କଲେଜ କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଓଡ଼ିଶା ସମେତ ଦେଶର ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ନେଇ ଉତମ ଡ଼ାକ୍ତର ହୁଅନ୍ତୁ ଏବଂ ସରକାରୀ ବ୍ୟବସ୍ଥାକୁ ଉପଯୋଗ କରି ରାଜ୍ୟ ଓ ରାଷ୍ଟ୍ର ନିର୍ମାଣରେ ନିଜର ଯୋଗଦାନ ରଖନ୍ତୁ। ସୁନ୍ଦରଗଡ଼ରେ ଏନଟିପିସି ତରଫରୁ ହସ୍ପିଟାଲ ହୋଇଛି। ତାଳଚେରରେ କୋଲ ଇଣ୍ଡିଆ ୧ ହଜାର କୋଟି ଟଙ୍କା ଖର୍ଚ୍ଚ କରି ମେଡ଼ିକାଲ କଲେଜ ନିର୍ମାଣ କରିଛି। ମୋଦି ସରକାରଙ୍କ ସମୟରେ ଓଡ଼ିଶାରେ ସ୍ୱାସ୍ଥ୍ୟ ସୁବିଧା, ମେଡ଼ିକାଲ କଲେଜ ଓ ସିଟ୍ ସଂଖ୍ୟା ବୃଦ୍ଧି ପାଉଛି। ଏହାର ଲାଭ ଓଡ଼ିଶାକୁ ମିଳିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ କହିଛନ୍ତି।

ଏହି ଉତ୍ସବରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ,ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା , ପୁରୀ ସାଂସଦ ପିନାକୀ ମିଶ୍ର,ଫାଇଭ - ଟି ସଚିବ ଭି.କେ ପାଣ୍ଡିଆନ , ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି, ରାଜ୍ୟ ଯୋଜନା ବୋର୍ଡ଼ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ଓ ଜିଲ୍ଲାର ସମସ୍ତ ବିଧାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି କଲେଜରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ୧୦୦ଟି ଏମବିବିଏସ ଆସନ ରହିଛି। ଏହାଦ୍ୱାରା ବର୍ତ୍ତମାନ ସାରା ରାଜ୍ୟରେ ୮ଟି ସରକାରୀ ମେଡିକାଲ କଲେଜର ସମୁଦାୟ ଏମବିବିଏସ ଆସନ ସଂଖ୍ୟା ୧୨୫୦କୁ ବୃଦ୍ଧି ପାଇଛି। ମେଡିକାଲ କଲେଜ ସହିତ ୬୫୦ ଆସନ ବିଶିଷ୍ଟ ଏକ ସାତ ମହଲା ବିଶିଷ୍ଟ ଶିକ୍ଷା ହସ୍ପିଟାଲ ନିର୍ମାଣ ପାଇଁ ମଧ୍ୟ କାମ ଚାଲିଛି। ଏହି ଶିକ୍ଷା ହସ୍ପିଟାଲ ଜୁଲାଇ ୨୦୨୩ ସୁଦ୍ଧା ଏହା ସଂପୂର୍ଣ୍ଣ ହେବ ବୋଲି ଜଣାଯାଇଛି। ବର୍ତମାନ ଏହି କଲେଜ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଶିକ୍ଷା ହସ୍ପିଟାଲ ଭାବେ କାର୍ଯ୍ୟ କରୁଛି। ପୁରୀକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସୁଥିବାରୁ ଏହି ମେଡିକାଲ କଲେଜ ଓ ହସ୍ପିଟାଲ ଜିଲ୍ଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

# ଲିଜଧାରୀ ନିୟମ ବୈହିର୍ଭୁତ ଭାବେ ବାଲି ଖଦାନ ଚଳାଉଥିବା

ବାଲେଶ୍ୱର,(ପି.ଏନ): ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ଗ୍ରାମ ପଞ୍ଚାୟତ ଓ ରେମୁଣା ବ୍ଲକ ଦହପଡ଼ା ଗ୍ରାମ ପଞ୍ଚାୟତର ଫୁଲଓ୍ୱାର କଷବା, କାଳିପୁର, ଖେଜୁରପୁର, ଦହପଡ଼ା, କଣ୍ଟାବଣିଆ, ଗମ୍ଭାରିଆ ଓ ଧରମପୁର ଗ୍ରାମର ଗ୍ରାମବାସୀ ମାନେ ଲିଜ ନେଇଥିବା ଅରୁଣାକର ଦାସଙ୍କ ବିରୁଧରେ ଜିଲ୍ଲାପାଳଙ୍କୁ ଏକ ଦାବି ପ୍ରଦାନ କରିଛନ୍ତି। ବାଲି ଉଠାଇବା ନିମନ୍ତେ କୌଣସି ଯାନ୍ତ୍ରିକ ବ୍ୟବସ୍ଥା ନିୟମ ନ ଥିବା ବେଳେ ପ୍ରତିଦିନ ପୋକ୍ଲେନ ମେସିନ ମାଧ୍ୟମରେ ନଦୀ ଗର୍ଭରୁ ବେଆଇନ ଭାବରେ ସହ ସହ ସିୟୁଏମ ବାଲି ଉତ୍ତୋଳନ କରୁଛନ୍ତି। ଏହି ବାଲି ସୌରାତ୍ ଚଳାଇବା ପାଇଁ ସମୁଦାୟ ୩୭ ହଜାର ୪୦୦ ସିୟୁଏମ ବାଲି ଉତ୍ତୋଳନ ପାଇଁ ଅନୁମତି ଅଛି। ୦.୩ ମିଟର ହିସାବରେ ବର୍ଷକୁ ଯେତିକି ବାଲି ଉତ୍ତୋଳନ କରିବା କଥା ପ୍ରତିଦିନ ଏହି ମେସିନ ସାହାଯ୍ୟରେ ବେଆଇନ ଭାବେ ବହୁତ ଅଧିକ ବାଲି ଉତ୍ତୋଳନ କରାଯାଉଛି। ଏହା ଦ୍ୱାରା ସରକାର ଉକ୍ତ ସୈରାତ୍‌କୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବାର ଜଣାପଡୁଛି। ଅଧିକ ବାଲି ଉତ୍ତୋଳନ ଓ ପରିବହନ ଜଣା ପଡିଯିବା ଭୟରେ ତହସିଲ କାର୍ଯ୍ୟାଳୟରୁ ମିଳିଥିବା କେଫର୍ମ ଜାଣିଶୁଣି ଗାଡ଼ିକୁ ଦିଆଯାଉ ନାହିଁ। ଉକ୍ତ ବାଲି ସୈରାତ କୌଣସି ଗୋଟିଏ ମଧ୍ୟ ନିୟମର ସର୍ତ ଅନୁସରଣ କରୁ ନାହିଁ ଏବଂ ଏହା ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପାସ ହୋଇଛି କି ନାହିଁ ତାହା ମଧ୍ୟ ସନ୍ଦେହ ସୃଷ୍ଟି ହେଉଛି। ନଦୀ ପଠାରୁ ୪୦ ମିଟର ଛାଡ଼ି ଓ ମାତ୍ର ୦.୩ ମିଟର ଗଭୀର ପର୍ଯ୍ୟନ୍ତ ବାଲି ଉଠାଇବାର ନିୟମ ଥିବା ବେଳେ ଉକ୍ତ ଲିଜ୍‌ଧାରୀ ଏହାର ସମ୍ପୂର୍ଣ୍ଣ ଓଲଟା ଅର୍ଥାତ ନଦୀ ପଠାକୁ ଖୋଳି ଡମ୍ପର ସାହାଯ୍ୟର ସହ ସହ ଟ୍ରିପ ମାଟି ବିକ୍ରି କରୁଛନ୍ତି। ଫଳରେ ନଦୀ ଗର୍ଭରେ ୫୦ ରୁ ୬୦ ଫୁଟ ପର୍ଯ୍ୟନ୍ତ ଗଣ୍ଡ ସୃଷ୍ଟି ହୋଇ କିଛି ଲୋକ ନଦୀରେ ଗାଧଇବା ସମୟରେ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରୁଥିବା ଉଦାହରଣ ମଧ୍ୟ ରହିଛି। ନଦୀ ଜଳଠାରୁ ମାଟି ଖୋଳି ବିକ୍ରି କରିବା ଫଳରେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତ୍ତନ ହୋଇ ଗ୍ରାମ ଗୁଡ଼ିକ ନଦୀ ଗର୍ଭରେ ଲୀନ ହେବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି। ବର୍ତ୍ତମାନ ଗ୍ରୀଷ୍ମ ସମୟରେ ଗୋରୁ ଗାଇ, ଛେଳି ଇତ୍ୟାଦି ପ୍ରାଣି ମାନେ ପାଣି ପିଇବା ପାଇଁ ନଦୀକୁ ଯିବା ବେଳେ ନଦୀ ପାଣି ଗୋଳିଆ ହୋଇଯାଇଥିବାରୁ ପାଣି ମଧ୍ୟ ପିଇ ପାରୁ ନାହାନ୍ତି। ରାଜ୍ୟ ପରିବେଶ ଓ ପ୍ରଭାବ ମୁଲ୍ୟାୟନ କର୍ତ୍ତୃପକ୍ଷଙ୍କ ଜଣେ ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୁଷଣ ବୋର୍ଡ଼ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲାପାଳ କିମ୍ବା ତାଙ୍କ କେହି ପ୍ରତିନିଧି ଓ ଜିଲ୍ଲା ଖଣି ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ସସବା ଦହପଡ଼ା ବାଲି ସୈରାତକୁ ନିରପେକ୍ଷ ତଦନ୍ତ କରି ଯଦି ଆଇନ ବୈହିର୍ଭୁତ କାର୍ଯ୍ୟ କରାଯାଇ ଥାଏ ତାହାହେଲେ ଲିଜ୍‌ଧାରୀ କରୁଣାକର ଦାସଙ୍କ ଉପରେ ଦିତ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ୨ ଟି ଗ୍ରାମ ପଞ୍ଚାୟତର ଅଧିବାସୀ ମାନେ ଦାବି କରିଛନ୍ତି।

# ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର (ପି.ଏନ): ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସୀର ନଓ୍ୱାଜଙ୍କ ସଭାପତିତ୍ୱରେ ପତାକା ଉତୋଳନ କାର୍ଯ୍ୟକ୍ରମ ହୋଇଥିଲା। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତୋଳନ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ନଓ୍ୱାଜ କହିଥିଲେ ଯେ ପୂର୍ବତନ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏନ.ଏସ.ୟୁ.ଆଇ. ୧୯୭୧ ମସିହାରେ ପ୍ରତିଷ୍ଠା କରିଥିଲେ। ଛାତ୍ର କଂଗ୍ରେସର ଲକ୍ଷ୍ୟ ଛାତ୍ର ସମାଜକୁ ସଶକ୍ତ କରିବା। ଦାୟୀତ୍ୱବାନ ନାଗରିକ ଓ ନେତା ମଧ୍ୟ ସୃଷ୍ଟି କରିବା ଛାତ୍ର କଂଗ୍ରେସର କାର୍ଯ୍ୟର ଅଂଶ ବିଶେଷ ମାତ୍ର ସେମାନଙ୍କର ଗଣତାନ୍ତ୍ରୀକ, ଧର୍ମ ନିରପେକ୍ଷତା, ସମାନତା ଏବଂ ସୁଗୁଣ ରହିଥିବା ଦରକାର। ଶ୍ରୀ ନଓ୍ୱାଜ କହିଲେ ଓଡ଼ିଶାର ଛାତ୍ର କଂଗ୍ରେସ ଉଭୟ ନବୀନ ସରକାର ଓ ମୋଦୀ ସରକାରର ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ କରୁଛି। ଚାକିରୀ ବିକିରୀର ପ୍ରତିବାଦ କରିଛି। ନାରୀ ନିର୍ଯ୍ୟାତନା ଓ ହତ୍ୟା, ଦରଦାମ ବୃଦ୍ଧି ପ୍ରସଙ୍ଗରେ ଉଭୟ ସରକାରକୁ ଜୋରଦାର ଘେରିଛି। ଆଜିର ଏହି କାର୍ଯ୍ୟକ୍ରମରେ ଲିଙ୍ଗରାଜ ସାହୁ, ମିହିର ଆଚାର୍ଯ୍ୟ, ରଞ୍ଜିତ ପାତ୍ର, ନିହାର ରଂଜନ ବେହେରା, ନଳିନୀକାନ୍ତ ନାୟକ, କାର୍ତିକେଶ୍ୱର କାଣ୍ଡି, ଅଖିଳେଷ ଯାଦବ, ବିଶ୍ୱଭୂଷଣ ମହାପାତ୍ର, ଏମଡି ସମ୍ୟୁଇଲ, ଭାଗ୍ୟଶ୍ରୀ ମହାନ୍ତି, ଜଗଦିଶ ଗଜେନ୍ଦ୍ର, ଅହମ୍ମଦ ଖାନ, ଏସ୍‌କେ ସାହାରୁଖ, ନିତେଶ ରଂଜନ ବେହେରା, ନିୟାଜୁଲ ଇସ୍‌ଲାମ, ଉଦିତ ପ୍ରଧାନ, ଜିତେନ୍ଦ୍ର ମଲ୍ଲିକ, ସନ୍ତୋଷ କୁମାର ଭୋଳ, କୁମାର ସୌରପ, ତୋଫାନ ସେଠୀ, ଅରସଦ ଅନସାରୀ, ମିର ରିୟାଜୁଦିନ, ଆରିୟାନ ଦାସ, ଆଶିଷ ଦାସ, ଶୁଭକାନ୍ତ ବେହେରା, ରୋସନ କୁମାର କିରଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର: ଆଜି ପୂର୍ବାହ୍ନରେ ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଏକ ସୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପଥବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରେତା ବିନିମୟ ଆଇନ ଉଲଘଂନ ଏବଂ ପଥବିକ୍ରେତାଙ୍କ ଜୀବିକା ଓ ଜୀବନ ଉଚ୍ଛେଦ ଅଭିଯୋଗ ବନ୍ଦ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଥବିକ୍ରେତା ଙ୍କ ଜୀବିକା ସୁରକ୍ଷା ପାଇଁ ୨୦୧୪ କେନ୍ଦ୍ରୀୟ ଆଇନକୁ ବାଲେଶ୍ୱର ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଲଘଂନ କରି ଏହି ବର୍ଗର ମଣିଷଙ୍କ ଜୀବନ ଧାରଣ ଦୁର୍ବିସ କରାଇଲେଣି। ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଚ୍ଛେଦ କରି ପଥ ବିକ୍ରେତା ବୃଦ୍ଧି ଥିବା ସହ ସହ ପଥ ବିକ୍ରେତାଙ୍କ ଆଇନ ଗତ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇ ବାରମ୍ବାର ଅନ୍ୟାୟ କରିଚାଲିଛନ୍ତି। ଏହି ପରି ରାୟ ଶାସନ ବନ୍ଦ କରି ଉଠା ଦାକାନିଙ୍କୁ ସାମ୍ବିଧାନିକ ସାମାଜିକ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଦାବି କରିଛନ୍ତି। ଓଟି ରୋଡ଼ରେ ୨ ଟିକିଆ ରାସ୍ତାର ପିଚୁ ରାସ୍ତା ଶେଷ ଠାରୁ ସାଢ଼େ ୪ ମିଟର ଭିତରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ପୌର କାର୍ଯ୍ୟ ନିର୍ବାହି ଅଧକାରୀ ପଥ ବିକ୍ରେତା ସଂଘ କର୍ମକର୍ତ୍ତା ମାନଙ୍କୁ କହିବା ପରେ ପଥ ବିକ୍ରେତା ମାନେ ସେହି ଦିନ ବାହାରକୁ ଉଠାଇ ନେଇଥିଲେ। ରାସ୍ତାର ୨ ପାଶ୍ୱରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ଆରଏନବି ସଂସ୍ଥା କର୍ମଚାରୀ ମାନେ ସେଠାରେ ପଥ ବିକ୍ରେତା ମାନଙ୍କୁ ଭୟବିତ କରାଉଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସପିଙ୍ଗ କମ୍ପଲେକ୍ସ ନିର୍ମାଣ ବନ୍ଦ କରି ସେହି ଅଟାଳିକା ଗୁଡ଼ିକରେ ଇଂଚୁଡ଼ି ଲବଣ ସତ୍ୟା ଗ୍ରହ ଏବଂ ସ୍ୱାଧିନତା ଆନ୍ଦୋଳର ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉଛି। ଓଟି ରୋଡର ସାଢ଼େ ୪ ମିଟର ପର୍ଯ୍ୟନ୍ତ ପ୍ରଶସ୍ତିକରଣ କରାଇବା ପରେ ବାକି ସ୍ଥାନ ଗୁଡ଼ିକ ପଥ ବିକ୍ରେତା କେନ୍ଦ୍ର ଓ ରାଜ୍ୟ କୁଟିରଶିଳ୍ପ, ହସ୍ତଶିଳ୍ପ ସମେତ ଆଞ୍ଚଳିକ ସାମଗ୍ରିର ପଥବିକ୍ରେତା କେନ୍ଦ୍ର ପ୍ରତିଷ୍ଠା କରି ଏହାକୁ ଜାତୀୟ ସ୍ତରରେ ଆକର୍ଷଣୀୟ ପଥ ବିକ୍ରେତା କେନ୍ଦ୍ର କରାଯାଇ ପର୍ଯ୍ୟଟକ ଗ୍ରାହକ ମାନଙ୍କୁ ଆକୃଷ୍ଟ କରାଯାଉ। ବ୍ରିଜ ଅଞ୍ଚଳର କରୋନା ମହାମରୀ ସମୟର ସରକାରୀ ଘୋଷିତ ରିଲିଫ୍ ସମସ୍ତଙ୍କୁ ପ୍ରଦାନ କରାଯାଉ। ଜୟନ୍ତ ଦାସ ଙ୍କ ନେତୃତ୍ୱରେ ଅବିଦ ଖାନ, ମୋହିନି ମୋହନ ପରିଡ଼ା, ଅଭିରାମ ବାରିକ, ପ୍ରଶାନ୍ତ ସେଠୀ, ରତନ ଗିରି, ବିଜୟ ସାହ. ରାଧା ବାରିକ, ସୁମନ ସିଂହ, ନୟନ ମାଲୋହତ୍ରା ପ୍ରମୁଖ ଏହି ଶୋଭା ଯାତ୍ରାରେ ସାମିଲ ହୋଇଥିଲେ।

# ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ ୨୦/୨୦'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ୍ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି। ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷ୍ଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି। ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍ସର ଉପଯୋଗ କରିଛି। ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ। ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି। ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯତ୍ନ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି। ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ। ଅନ୍ୟପକ୍ଷରେ ଓ୍ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଣ୍ଟରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ। ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ। ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି। ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ଓ୍ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି। ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯତ୍ନ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ। ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି। ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡ୍‌ଗୁଡିକ ପ୍ରିମିୟମ ବ୍ରାଣ୍ଡ୍‌ଗୁଡିକୁ ପଛରେ ପକାଇଦେବା ଆଶା

କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି। ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି। ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସଓ୍ୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ। ପ୍ୟାକେଟରେ ଆସୁଥବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି। ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ। ଡିଏସ୍‌ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି। ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି। ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା। ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି। ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ। ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ। ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ। କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି। ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି। ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି। ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ। ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ। ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ। ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି। ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ। ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି।

## ବାଇ ପାସ ରାସ୍ତା ନିର୍ମାଣ ପାଇଁ ବିଷ୍ଣୁମୁଣ୍ଡାରେ କୃତ୍ରିମ ବନ୍ୟା ପରିସ୍ଥିତି: ପୌର ଅଧକ୍ଷା ବୁଲି ଦେଖିଲେ

ବଲାଙ୍ଗିର ,(ପି.ଏନ): ଜାତୀୟ ରାଜପଥ ବିଭାଗ ଦ୍ୱାରା ବଲାଙ୍ଗିର ମୁନିସିପାଲିଟି ଅନ୍ତର୍ଗତ ବିଷ୍ଣୁମୁଣ୍ଡା ନିକଟସ୍ଥ ବାଇପାସ ରାସ୍ତା ନିର୍ମାଣ କରିବା ପାଇଁ ବନ୍ଧକୁ କାଟି ଦିଆ ଯାଇଥିବା ବେଳେ ବନ୍ଧ ର ପାଣି ରାସ୍ତା ଉପରକୁ ମାଡ଼ି ଆସିଥିଲା। ବିନା ପୂର୍ବ ସୂଚନା ରେ ଏପରି କାମ କରାଯାଇଥିବା ଯୋଗୁଁ ବିଷ୍ଣୁ ମୁଣ୍ଡା ଅନ୍ନପୂର୍ଣ୍ଣା ନଗର ଜଳର୍ଣ୍ଣବ ହେବା ସହିତ ଏଠାରେ ତିନୋଟି ପରିବାର ପାଣିଘେରରେ ରହିଥିବା ବେଳେ ଓଡରଫ୍ଟ ଦଳ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିବା ଦେଖାଯାଇଛି। ପ୍ରକାଶ ଯେ ଜାତୀୟ ରାଜପଥ ବିଭାଗ ତରଫରୁ ବଲାଙ୍ଗିର ବାଇପାସ୍ ରାସ୍ତା ନିର୍ମାଣ କାମ ଚାଲିଛି।

# ବନ୍ଧମୁଣ୍ଡା ଥାନାରେ ଥାର୍ଡ ଡିଗ୍ରୀ ଅଭିଯୋଗ

ରାଉରକେଲା, (ପି.ଏନ): ରାଉରକେଲା ଜିଲ୍ଲା ପୁଲିସିସର ନିୟନ୍ତ୍ରଣ ରହୁନି,ଫ ଥାନା ଗୁଡିକରେ କଣ ଚାଲିଛି ସେ ନେଇ ବରିଷ୍ଠ ଅଧିକାରୀ ମାନେ ଖବର ରଖୁ ନାହାନ୍ତି, ଫଳରେ ଲୋକଙ୍କ ଉପରେ ପୁଲିସିର ଅତ୍ୟାଚାର ବଢିଚାଲିଛି। ବନ୍ଧମୁଣ୍ଡା ଥାନା ଅଧିକାରୀ ଜଣେ ସିକ୍ୟୁରିଟି ବାଲାଙ୍କୁ ଥାନାକୁ ଡାକି ବାଡେଇ ତାଙ୍କ ଶରୀରର ବିଭିନ୍ନ ସ୍ଥାନକୁ ଫଟେଇଦେଇଥିବା ଅଭିଯୋଗ ପୁଣି ଲୋକ ଲୋଚନକୁ ଆସିଛି। ଅଭିଯୋଗରୁ ପ୍ରକାଶ ଯେ ବିଲକେନ ଭେଂଗରା ନାମକ ବନ୍ଧମୁଣ୍ଡା ଡି କ୍ୟାବିନ ନିବାସୀ, ତାଙ୍କର ଏକ ସିକ୍ୟୁରିଟି ସଂସ୍ଥା ରହିଛି , ସେ ବିହାର ଅଂଚଳର କିଛି ପିଲାଙ୍କୁ ଚାକିରୀ ଦେବା ନାମରେ ସେମାନଙ୍କ ଠାରୁ ଅର୍ଥ ଆଦାୟ କରିଥିଲେ। ଏନେଇ ବନ୍ଧମୁଣ୍ଡା ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇ ଥାନା ବାବୁ ବିଲକେନକୁ ରାତି ୯ଟାରେ ଥାନାକୁ ଡାକି ନିସ୍ତୁକ ମାଡ ମାରିବା ସହ ରାତି ୧୧ଟା ଯାଏ ନିର୍ଯାତନା ଦେଇ ଧମକ ଚମକ ଦେଇ ଥାନାରୁ ଛାଡି ଦେଇଥିଲେ। ଏଥିରେ ବିଲକେନ ଅସୁସ୍ଥ ହୋଇ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା ହେବା ସହ ଘଟଣା ସଂପର୍କରେ ରାଉରକେଲା ଏସପିଙ୍କର ଦୃଷ୍ଟି ଆର୍କଷଣ କରିଛନ୍ତି। ଅବସର ପ୍ରାପ୍ତ ପୁଲିସି ଅଧିକାରୀ ମାନଙ୍କ କହିବା କଥା ଯଦି ଏଭଳି ଅଭିଯୋଗ ଆସିଲା ତାକୁ ତଦନ୍ତକରି ତାଙ୍କ ବିରୋଧରେ ମାମାଲା କରାଯାଇପାରିଥାନ୍ତା , ମାଡ ଦେବାକୁ ତାଙ୍କୁ ଅଧିକାର ଦେଲା କିଏ ? ତେବେ ରାଉରକେଲା ପୁଲିସି ଜିଲ୍ଲାରେ ଏଭଳି ଅତ୍ୟାଚାର ଥାନା ବାଲାଙ୍କ ଦ୍ୱାରା ବଢିଚାଲିଥିବା ବେଳେ , ଥାନାରେ ପୋଷ୍ଟିଂ ଦେବା ବେଳେ ଅଫିସର ମାନଙ୍କୁ ସଠିକ ଜଜ୍ କରାଯାଉନଥିବାରୁ ଏଭଳି କାରବାର ବଢିଚାଲିଥିବା କୁହାଯାଉଛି , ରାଜ୍ୟ ସରକାର ଏଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।

# ଗୁଣାତ୍ମକ ଶିକ୍ଷା ପ୍ରଣାଳୀର ପୁନରୁଦ୍ଧାର ପ୍ରୟୋଜନ

ଭୁବନେଶ୍ୱର(ପିଏନ)- ଭାରତ ବର୍ଷର ପ୍ରାଚୀନ ଗୁରୁକୁଳ ଶିକ୍ଷା ପରମ୍ପରା ଖୁବ ମହାନ ଓ ମହିମାମୟ ଥିଲା ବୋଲି ଓଡିଶା ବିଧାନ ସଭା ର ବାଚସ୍ପତି ଡ଼. ସୂର୍ଯ୍ୟନାରାୟଣ ପାତ୍ର ମତ ପ୍ରକାଶ କରିଛନ୍ତି। ଏହି ଗୁଣାତ୍ମକ ଏବଂ ଗୌରବାନ୍ୱିତ ଶିକ୍ଷା ପଦ୍ଧତି ର ପୁନରୁଦ୍ଧାର ସାମ୍ପ୍ରତିକ ଯୁଗରେ ଖୁବ ପ୍ରାସଙ୍ଗିକ ଓ ବାସ୍ତବିକ ବୋଧ ହେଉଥିବା ଡ଼.ପାତ୍ର ସୂଚାଇଛନ୍ତି। ଭୁବନେଶ୍ୱରର ନୂଆପଲ୍ଲୀ ଠାରେ ଏସାର ସିଷ୍ଟମ୍ସ ଏବଂ ଗୁରୁକୁଳ ଅନଲାଇନ ଶିକ୍ଷା ବ୍ୟବସ୍ଥାର ଭାରତ କାର୍ଯ୍ୟାଳୟ ଓ ଆନ୍ତର୍ଜାତିକ ମୁଖ୍ୟାଳୟ ର ଭରଚୁଆଲ ଶୁଭ ଉଦଘାଟନ କରି ଡ଼.ପାତ୍ର ବର୍ତ୍ତମାନ ପ୍ରଚଳିତ ଶିକ୍ଷା ପ୍ରଣାଳୀର ନୈତିକ ,ବୈଷୟିକ ,ପ୍ରଯୁକ୍ତିଗତ ଓ ବ୍ୟବହାରିକ ମାନ ବୃଦ୍ଧି କରିବାରେ ଏସାର -ଗୁରୁକୁଳ ନିଶ୍ଚିତ ଭାବେ ସକ୍ଷମ ହେବ ବୋଲି ଆଶା ପ୍ରକାଶ କରିଥିଲେ।

ଉଦଘାଟନୀ ଉତ୍ସବରେ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ରାଜ୍ୟ ସରକାରଙ୍କର ଇଲେକ୍‌ଟ୍ରୋନିକ୍ସ , ପ୍ରଯୁକ୍ତି ବିଦ୍ୟା , କ୍ରୀଡା ,ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଫିତା କାଟି ଗୃହ ପ୍ରବେଶ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଏହି ଅବସରରେ ଆୟୋଜିତ ଏକ ଆନ୍ତର୍ଜାତୀକ ଓ୍ୱେବିନାରକୁ ସମ୍ବୋଧନ କରି ଶ୍ରୀ ବେହେରା ସାରା ବିଶ୍ୱରେ ଓଡ଼ିଆ ଭାଷା ର ପ୍ରଚାର , ପ୍ରସାର ଏବଂ ଏହାକୁ ଲୋକପ୍ରିୟ କରିବା ପାଇଁ ଏସାର - ଗୁରୁକୁଳ ଯେପରି ମାଗଣା ଅନ ଲାଇନ ଶିକ୍ଷା ପ୍ରଦାନର ପ୍ରକ୍ରିୟା ପ୍ରାରମ୍ଭ କରିବାକୁ ଯାଉଛି , ତାର ଭ ?ୟସୀ ପ୍ରସଂଶା କରିଥିଲେ। ଆଜି ଇ -ଶିକ୍ଷା ଏବଂ ୫ ଜି ଟେକ୍ନୋଲୋଜିକୁ ଆପଣେଇବା ସମୟୋଚିତ ହେବ ବୋଲି ମନ୍ତ୍ରୀ କହିଥିଲେ। ସମାରୋହରେ ବିଶିଷ୍ଟ ଅତିଥି ଭାବରେ ସାମିଲ ହୋଇ ପୂର୍ବତନ ମନ୍ତ୍ରୀ ଅମର ଶତପଥୀ , ଆମର ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ମାତ୍ରାରେ ପ୍ରଯୁକ୍ତି ବିଦ୍ୟାର କ୍ରୀତଦାସ ନ ସାଜି ସ୍ୱୟଂସମୃଦ୍ଧ ଓ ସୃଜନଶୀଳଯୁକ୍ତ ହେବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ। ଅସ୍କାର ବିଧାୟିକା ମଞ୍ଜୁଳା ସ୍ୱାଇଁ ,ଏସାର - ଗୁରୁକୁଳ ଦ୍ୱାରା ସାରା ପୃଥିବୀରେ ଓଡ଼ିଆ ଶିକ୍ଷାକୁ ପରିବ୍ୟାପ୍ତ କରିବାର ପ୍ରୟାସକୁ ସ୍ୱାଗତ ଜଣାଇଥିଲେ।

ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନର ମୁଖ୍ୟ ଗୁରୁମା ଡ଼. ଅରୁନ୍ଧତି ଦେବୀ , ବିଦେଶରେ ଲୁପ୍ତ ପ୍ରାୟ ହେବାକୁ ଯାଉଥିବା ଓଡ଼ିଆ ଭାଷା କୁ ପୁନରୁଦ୍ଧାର କରିବା ଏବଂ ବର୍ତ୍ତମାନ ତଥା ଭବିଷ୍ୟତ ପିଢୀକୁ ଏହାର ଉପାଦେୟତା ପ୍ରତି ସଚେତନ କରାଇବା ଓ ଏଥିପ୍ରତି ଆକୃଷ୍ଟ କରିବା ଦିଗରେ ଏସାର - ଗୁରୁକୁଳ ନିଶ୍ଚିତ ଭାବରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ଭରସା ପ୍ରକଟ କରିଥିଲେ। ମାନବିକତା ଧର୍ମୀ ଶିକ୍ଷା ପାଇଁ ଉଦ୍ଦିଷ୍ଟ ଗୁରୁକୁଳ, ବିଦ୍ୟାର୍ଥୀର ଜୀବନ ଓ ମାନସିକତା ନିର୍ମାଣ କରିବ ବୋଲି ଡ଼.ଦେବୀ ଉଲ୍ଲେଖ କରିଥିଲେ। ପ୍ରବାସରେ ଓଡ଼ିଆ ପାଠ୍ୟକ୍ରମ ଶିକ୍ଷାଲାଭ କରୁଥିବା ଛାତ୍ର ଛାତ୍ରୀମାନଙ୍କୁ ଅନଲାଇନ ପରୀକ୍ଷା ଦେବାର ସୁଯୋଗ ପ୍ରଦାନ କରିବାକୁ ଚେନ୍ନାଇ ସ୍ଥିତ ପ୍ରବାସୀ ଓଡ଼ିଆ ସାଂସ୍କୃତିକ ସମାଜର ସଭାପତି ଶାନ୍ତନୁ କୁମାର ଜେନା, ରାଜ୍ୟ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ଅନଲାଇନ ଯୋଗେ ନୂଆକରି ଯୁଗୋପଯୋଗୀ ଗୁରୁଶିଷ୍ୟ ପରମ୍ପରାର ପୁନରୁଦ୍ଧାର, ସମୟର ଆହ୍ୱାନ ବୋଲି ନୂଆଦିଲ୍ଲୀ ସ୍ଥିତ ଡ଼. ଆମ୍ବେଦକର ଫାଉଣ୍ଡେସନ ର ନିର୍ଦ୍ଦେଶକ ଡ଼. ଦେବେନ୍ଦ୍ର ମାଝୀ ଦର୍ଶାଇଥିଲେ।

ସ୍ୱାଗତ ଭାଷଣ ପ୍ରଦାନ କରି ଉତ୍ସବର ସହ ଆୟୋଜକ ବରିଷ୍ଠ ସାମ୍ବାଦିକ ତଥା ବନ୍ଦେ ଉତ୍କଳ ଫାଉଣ୍ଡେସନ ର ପ୍ରତିଷ୍ଠାତା ଅଧକ୍ଷ କିଶୋର ଦ୍ୱିବେଦୀ , ଏସାର - ଗୁରୁକୁଳ ପାରମ୍ପରିକ ଶିକ୍ଷା ପ୍ରଦାନ ଓ ଗ୍ରହଣ କ୍ଷେତ୍ରରେ ଏକ ବୈପ୍ଲବିକ ପରିବର୍ତ୍ତନ ଆଣିବା ପାଇଁ ଯାଉଥିବା ସୂଚାଇଥିଲେ। ବିଦ୍ୟାର୍ଥୀ ଶିକ୍ଷାଦାନ ନିକଟକୁ ନ ଆସି ଶିକ୍ଷାକୁ ବିଦ୍ୟାର୍ଥୀର ଦୁଆର ମୁହଁରେ ସପ୍ତାହକୁ ସାତଦିନ ଓ ୨୪ ଘଣ୍ଟା ଧରି, ତାଙ୍କର ସୁବିଧା ଅନୁସାରେ ପହଞ୍ଚାଇବା, ଏହି ନୂଆ ଶିକ୍ଷାକ୍ରମର ଅସଲ ଉଦେଶ୍ୟ ବୋଲି ଶ୍ରୀ ଦ୍ୱିବେଦୀ ଦର୍ଶାଇଥିଲେ।

ଉଭୟ ପ୍ରକୃତ ଓ ଓ୍ୱ ?ବ ଯୋଗେ ଆୟୋଜିତ ଏହି ଉଦଘାଟନୀ ସମାରୋହର ମୁଖ୍ୟ ଆୟୋଜକ ଏବଂ ଏସାର- ଗୁରୁକୁଳ ର ଅଧକ୍ଷ ତଥା ପରିଚାଳନା ନିର୍ଦେଶକ ଇଂ ମୀନକେତନ ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରି ଏସାର- ଗୁରୁକୁଳ ସଂସ୍ଥା ଗଠନ ପଛରେ ଥିବା ଦାର୍ଶନିକ ଓ ଆଧାତ୍ମିକଗତ ମହତ ଭାବନା ଉପରେ ଆଲୋକପାତ କରିଥିଲେ। ଦେଶର ଶିକ୍ଷା ବ୍ୟବସ୍ଥାର ଆମୂଳଚୂଳ ନବୀକରଣ ଓ ଏହାର ମାନବର୍ଦ୍ଧନ ପାଇଁ ଏସାର - ଗୁରୁକୁଳ ବଦ୍ଧପରିକର ବୋଲି ଇଃ ଶ୍ରୀ ବିଶ୍ୱାଳ ଉଲ୍ଲେଖ କରିଥିଲେ।

ସମଗ୍ର ଡିଜିଟାଲ କାର୍ଯ୍ୟକ୍ରମକୁ ଏସାର- ଗୁରୁକୁଳ ପରିକଳ୍ପନାର ସର୍ଜନାକାରୀ ଏବଂ ସି .ଏମ .ଡି ଇଃ ଶ୍ରୀ ବିଶ୍ୱାଳଙ୍କର ସୁପୁତ୍ର ଶିବ ରଞ୍ଜନ ବିଶ୍ୱାଳ ମାଞ୍ଚେଷ୍ଟର ରୁ ସଂଯୋଜନା କରିଥିଲେ। ଆୟୋଜନର ସୁପରିଚାଳନା କରିବାରେ ଶିବ କୁମାର ବିଶ୍ୱାଳ , ପ୍ରକାଶ ନାୟକ, ଦିଲ୍ଲୀପ କୁମାର ସାହୁ ଏବଂ ବିକାଶ ଚନ୍ଦ୍ର ନାୟକ ପ୍ରମୁଖ ମୁଖ୍ୟଭୂମିକା ଗ୍ରହଣ କରିଥିଲେ ଛ ଶେଷରେ ଜଗବନ୍ଧୁ ମୃଦୁଲି ଓ ତାଙ୍କର ସାଥି କଳାକାର ମାନେ ମନୋରଂଜକ ଭଜନ ପରିବେଷଣ କରିଥିଲେ।




# ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଙ୍ଘ ପକ୍ଷରୁ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦେଶ୍ୟରେ ସ୍ମାରକପତ୍ର ପ୍ରଦାନ

କେନ୍ଦ୍ରାପଡ଼ା (ପିଏନ୍): ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଙ୍ଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦେଶ୍ୟରେ ବୁଧବାର ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସେହି ସ୍ମାରକପତ୍ରରେ ଉଲ୍ଲେଖ ରହିଛି ଯେ ରାଜ୍ୟର ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟମାନଙ୍କୁ ସପ୍ତମ ବେତନ ପ୍ରଦାନ ନାମରେ ଯେଉଁ ନୂତନ ଅନୁଦାନ ନୀତି -୨୦୨୧ ପ୍ରଣୟନ କରାଗଲା ଏବଂ ତାକୁ ଲାଗୁ କରାଯିବା ପାଇଁ ଗତ ୧୩.୦୫.୨୨ରିଖରେ ଯେଉଁ ମୋଡାଲିଟି ବା ପଦ୍ଧତି ନିର୍ଦ୍ଧାରଣ କରାଗଲା ତାହା ଓଡିଶାର ୫୦ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନଙ୍କୁ ହତାଶ ଓ ନିରାଶ କରିଛି। ସପ୍ତମ ବେତନ କମିଶନଙ୍କ ସୁପାରିଶ ଅନୁଯାଇ ନୂତନ ବେତନ ନିର୍ଦ୍ଧାରଣ ନିମନ୍ତେ ଥିବା ସ୍ୱଷ୍ଟ ନୀତି (ବେସିକ୍ ପେ ରେ ଗ୍ରେଡ ପେ କୁ ମିଶାଇ ତାର ୨.୫୭ଗୁଣ)କୁ ଏଥିରେ ବାଦ ଦେଇ ସଂପୂର୍ଣ୍ଣ ଭିନ୍ନ ଏବଂ ଅବାସ୍ତବ (ବେସିକ ପେ ସହିତ ୧୪୨ପ୍ରତିଶତ ଡିଏ ମିଶାଇ) ଅବଲମ୍ବନରେ ଦରମା ନିର୍ଦ୍ଧାରଣ ପଦ୍ଧତିକୁ ଗ୍ରହଣ କରାଯାଇଛି। ଏହା ରାଜ୍ୟର ହଜାର ହଜାର ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନଙ୍କୁ ଆର୍ଥିକ ଭାବରେ କ୍ଷତିଗ୍ରସ୍ତ କରିବା ସହିତ ସେମାନଙ୍କ ସ୍ୱାଭିମାନ ଓ ପଦମର୍ଯ୍ୟାଦାକୁ ବ୍ୟାହତ କରିବ ବୋଲି ସଙ୍ଘ କହିଛି। ୨୦୧୭ ଅନୁଦାନ ଆଇନ୍‌ରେ ପର୍ଯ୍ୟବେଶିତ ବାର୍ଷିକ ଦରମା ବୃଦ୍ଧି ଯାହାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସର୍ବୋଚ୍ଚ ଅଦାଲତରେ ଆଫିଡେଭିଟ କରି ଦାଖଲ କରିଛନ୍ତି ତାହାର ମଧ ଖୋଲାଖୋଲି ଉଲ୍ଲଙ୍ଘନ କରାଯାଇଥିବା ସଙ୍ଘ କହିଛି। ୨୦୧୭ ଅନୁଦାନ ଆଇନକୁ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କ ଉଦେଶ୍ୟରେ ଉତ୍ସର୍ଗ କଲାବେଳେ ବ୍ଲକଗ୍ରାଣ୍ଟ ବ୍ୟବସ୍ଥା ପରିବର୍ତ୍ତନ କରାଯାଇ ଅନୁଦାନ ଆଇନ ପୁନଃ ପ୍ରଚଳନ କରାଗଲା ବୋଲି ଘୋଷଣା କରିଥିଲେ। ୧.୧.୨୨ରିଖରୁ ସିଧାସଳଖ ଭାବେ ସପ୍ତମ ବେତନ ନଦେଇ ୧.୧.୨୦୧୮ରିଖରୁ ୧.୧.୨୦୨୨ ପର୍ଯ୍ୟନ୍ତ ନୋସନାଲ ଭାବେ ପ୍ରଦାନ କରି ଉଦେଶ୍ୟମୂଳକ ଭାବେ ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନଙ୍କୁ ନାର୍ଯ୍ୟ ବେତନରୁ ବଞ୍ଚିତ କରାଯାଇଛି ବୋଲି ସଙ୍ଘ ଅଭିଯୋଗ କରିଛି। ଷଷ୍ଠ ବେତନରେ ୬୦ ପ୍ରତିଶତ, ୭୫ପ୍ରତିଶତ ପାଉଥିବା ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନଙ୍କୁ ଅନୁପାତ ଭିତ୍ତିକ ଭାବେ ସପ୍ତମ ବେତନ ପ୍ରଦାନର ବ୍ୟବସ୍ଥା, ଯେଉଁ ବିଦ୍ୟାଳୟ ଗୁଡିକ ୧.୧.୨୨ରିଖରେ ଶତ ପ୍ରତିଶତ ଅନୁଦାନ ନିମନ୍ତେ ଯୋଗ୍ୟ ବିବେଚିତ ହେଲେ ସେମାନଙ୍କୁ ସପ୍ତମ ବେତନରେ ଅନ୍ତର୍ଭୁକ୍ତ କରିବା ଏବଂ ସମସ୍ତ ବିଦ୍ୟାଳୟ ମାନଙ୍କରେ କାର୍ଯ୍ୟରତ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ପାଇଁ ସପ୍ତମ ବେତନ ନିର୍ଦ୍ଧାରଣର ସର୍ବନିମ୍ନ ଗ୍ରେଡ ପେ ୧୭୦୦ଟଙ୍କା ପ୍ରଦାନ ପ୍ରଭୃତି ଅନେକ କଥା ସରକାର ବିଚାରକୁ ନେଇନଥିବାରୁ ଏହା ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ସ୍ୱାର୍ଥ ବିରୋଧୀ ବୋଲି ସଙ୍ଘ କହିଛି। ତେଣୁ ସରକାର ଏସମସ୍ତ ବିଷୟ ଗୁଡିକ ସହୃଦୟତାର ସହ ବିଚାର କରି ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନଙ୍କୁ ଅବିକଳ ସପ୍ତମ ବେତନ ପ୍ରଦାନ କରିବାକୁ ସଙ୍ଘ ଦାବି କରିଛି। ଗଣଶିକ୍ଷା ମନ୍ତ୍ରୀଙ୍କ ଉଦେଶ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀ ସଞ୍ଜିବ କୁମାର ସିଂଙ୍କୁ ଜିଲ୍ଲା ଓଷ୍ଟାର ସମ୍ପାଦକ ନିର୍ମଳ କୁମାର ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଣବ କୁମାର ଜେନା, ଉପସଭାପତି ଅଶୋକ କୁମାର ପରିଡା, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ରମେଶ ଚନ୍ଦ୍ର ସାହୁ, ସରୋଜିନୀ ସ୍ୱାଇଁ, ମାର୍ଶାଘାଇ ବ୍ଲକ ସମ୍ପାଦକ ଭଗବାନ ସାହୁ, ଶିକ୍ଷକ ନେତା ସୁରେଶ ଚନ୍ଦ୍ର ସ୍ୱାଇଁ, ଭାସ୍କର ନାୟକ, ପ୍ରିୟରଞ୍ଜନ ବିଶ୍ୱାଳ, ମିନତୀ ସ୍ୱାଇଁ ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିଥିଲେ।

# ପାଣି ପମ୍ପ ଚୋରୀ ବେଳେ ଚାଷୀଙ୍କ ହାତରେ ଧରା ପଡିଲା ଚୋର

ଚମ୍ପୁଆ (ପିଏନ୍): ଚମ୍ପୁଆ ବ୍ଲକ ଅନ୍ତର୍ଗତ ସରେଇ ପଂଚାୟତର ଟୁଣ୍ଡୁଟୁଣାଠାରେ ଗତ ୧୭ ତାରିଖ ରାତି ୨ ଘଟିକା ସମୟରେ ଘର ବାରଣ୍ଡାରୁ ପାଣି ପମ୍ପ ଚୋରୀ କରୁଥିବା ବେଳେ ଚାଷୀମାନେ ଜଣେ ଚୋରକୁ ଧରି ପୋଲିସର ଜିମା ଦେଇଥିବା ଜଣାଯାଇଛି। ସୂଚନା ଅନୁସାରେ ଟୁଣ୍ଡୁଟୁଣାଠାରେ ଥିବା ଉଠା ଜଳସେଚନ ପଏଂଟ ନୋ-୪ର ଦୁଇ ଗୋଟି ମୋଟର ଉକ୍ତ ପାଣି ପଂଚାୟତର ଚାଷୀ ପ୍ରଦୀପ ନାଏକଙ୍କ ଘର ବାରଣ୍ଡାରେ ରହିଥିଲା। ଅଭିଯୋଗ ଅନୁଯାୟୀ ଚୋରମାନେ ରାତି ୨ଟା ବେଳେ ଉକ୍ତ ବାରଣ୍ଡାରୁ ଗୋଟାଏ ମୋଟର ନେଇ ଯାଉଥିବା ସମୟରେ ପ୍ରଦୀପ ନାଏକଙ୍କ ସ୍ତ୍ରୀ ଘରୁ ବାହାରକୁ ଆସି ଡାକ ପକାଇବାରୁ ସ୍ଥାନୀୟ ଘରର ଲୋକମାନେ ଚୋରଙ୍କୁ ଦୌଡାଇଥିଲେ ଏବଂ ଜଣଙ୍କୁ ଧରିବାରେ ସକ୍ଷମ ହୋଇଥିବା ବେଳେ ଚୋରମାନେ ଛାଡିଯାଇଥିବା ଟିଭିଏସ ଭିକ୍ଟୋର ମୋଟର ସାଇକେଲ ସହ ନମ୍ବର ବିହିନ ଏକ ଟିଭିଏସ ଲୁନାକୁ ଜବଦ କରିଥିଲେ। ଧରାପଡିଥିବା ଚୋରନାମ ମିରଜମାମ ଶେଖ ଘର ମୁର୍ସିଦାବାଦ ବୋଲି ଚାଷୀଙ୍କୁ ଚୋରଟି କହିଥିଲା ଏବଂ ଦୁଇ ଜଣ ଚୋର ଉକ୍ତ ସ୍ଥାନରୁ ଦୌଡି ପଳାଇବାରେ ସକ୍ଷମ ହୋଇଥିଲେ। ଏ ନେଇ ପାଣି ପଂଚାୟତ ସଭାପତି ପୁରୁଷତମ ନାଏକ ଚମ୍ପୁଆ ଥାନାରେ ଅଭିଯୋଗ କରିବା ସହିତ ପୋଲିସକୁ ଜିମା ଦେଇଥିଲେ। ସୂଚନା ଯୋଗ୍ୟକି ବାହାର ରାଜ୍ୟରୁ ବିଭିନ୍ନ ଜିନିଷ ବିକ୍ରି ପାଇଁ ଓଡିଶା ମଧ୍ୟକୁ ଯୁବକମାନେ ପ୍ରବେଶ କରୁଥିଲେ ମଧ ଏମାନଙ୍କ ପ୍ରତି ପ୍ରଶାସନିକ ଅଙ୍କୁଶ ନଥିବାରୁ ଏଭଳି ଘଟଣା ଘଟୁଥିବା ବୁଦ୍ଧିଜିବୀମାନେ ମତ ଦେଇଛନ୍ତି। ଅନ୍ୟ ପକ୍ଷରେ ଦୁଇ ଦିନ ତଳେ ଚମ୍ପୁଆ ବ୍ଲକର ରଙ୍ଗାମାଟିଆ ପଂଚାୟତର ରରୁଆଁଠାରୁ ୩ ଗୋଟି ପାଣି ମୋଟର ଚୋରୀ ହୋଇଯାଇଥିଲେ ମଧ ବର୍ତମାନ ସୁଦ୍ଧା ଏହାର ସୁରାକ ମିଳିପାରିନାହିଁ।

# ମାଗଣା ସ୍ୱାସ୍ଥ୍ୟ ପରାମର୍ଶ ଶିବିର

ଚଣ୍ଡିଖୋଲ (ପି.ଏନ.)- ବଡ଼ଚଣା ବ୍ଲକ ଶାଳପଡା ପଂଚାୟତରେ ଏକ ମାଗଣା ସ୍ୱାସ୍ଥ୍ୟ ପରାମର୍ଶ ଶିବିର ଓ ଔଷଧ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି.ପଶ୍ଚିମ ବଡ଼ଚଣା ଅଞ୍ଚଳର ଶାଳପଡା ପଂଚାୟତ ଏକ ଆଦିବାସୀ ଅନୁନ୍ୟତ ଅଞ୍ଚଳ ହେଇଥିବାରୁ ବିଶେଷକରି ମହିଳାମାନେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାରେ ବହୁ ଦୂରରେ ଥିବା ବଡ଼ଚଣା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇଥାନ୍ତି। ଏହାକୁ ଆଖିଆଗରେ ରଖି ଡାକ୍ତର କୃଷ୍ଣଚନ୍ଦ୍ର ରାୟଙ୍କ ତତ୍ୱାବଧାନରେ କଟକ ବଡ ମେଡିକାଲର ଶଲ୍ୟବିଶେଷଜ୍ଞ ଡାକ୍ତର କୈଳାଶ ଚନ୍ଦ୍ର ମହାପାତ୍ର ଯୋଗଦେଇ ୮୪ ଜଣ ମହିଳାଙ୍କ ରକ୍ତ ଶର୍କରା ପରୀକ୍ଷା କରିବାସହ ମାଗଣାରେ ଔଷଧ ବଣ୍ଟନ କରିଥିଲେ.ବହୁମୁତ୍ର ରୋଗହେଲେ ରୋଗକୁ କିପରି ନିୟନ୍ତ୍ରଣରେ ରଖାଯାଇପାରିବ ସେ ବିଷୟରେ ଶିବିରରେ ପରାମର୍ଶ ଦିଆଯାଇଥିଲା.ଅତି ଗୁରୁତର ରୋଗୀମାନେ କଟକ ବଡମେଡିକାଲ ଯାଇ ସରକାରଙ୍କ ଦ୍ୱାରା ଦିଆଯାଉଥିବା ବିଭିନ୍ନ ମାଗଣା ସୁବିଧାର ଲାଭ ଉଠାଇବାକୁ ଡାକ୍ତର ମହାପାତ୍ର ପରାମର୍ଶ ଦେଇଥିଲେ.ଏଥିରେ ପଂଚାୟତର ସରପଂଚ ନମିତା ରାଉତ, ଗ୍ରାମର ମୁରବୀ ସୁଲଭ ଚରଣ ନାୟକ, ଗୋକୁଳାନନ୍ଦ ଶତପଥି, ବସନ୍ତ କୁମାର ରାଉତ,ଲେଥେକା ସରପଂଚ ଓମପ୍ରକାଶ ଦାସ, ଗଣେଶ୍ୱର ପାତ୍ର, ଗନ୍ଧର୍ବ ପାତ୍ର ,କୈଳାଶଚନ୍ଦ୍ର ନାୟକ, ମଦନ ମୋହନ ସେଠ ପ୍ରମୁଖ ଶିବିରରେ ସହଯୋଗ କରିଥିଲେ। ପ୍ରତିମାସରେ ଥରେ ଡାକ୍ତର ମହାପାତ୍ର ଶାଳପଡ଼ାକୁ ଆସି ରୋଗୀମାନଙ୍କୁ ଦେଖିବା ପାଇଁ ଶିବିରରେ ଘୋଷଣା କରିଥିଲେ।

# ବନ୍ୟପ୍ରାଣୀ ସୁରକ୍ଷାର ଅଭିନବ ଉପାୟ

ଭୁବନେଶ୍ୱର (ପିଏନ୍): ବନ୍ୟପ୍ରାଣୀଙ୍କୁ ଶିକାରୀମାନଙ୍କ ଲୋଲୁପ ଦୃଷ୍ଟିରୁ ରକ୍ଷାକରିବା ସକାଶେ ଏବେ ବୈଜ୍ଞାନିକମାନେ ଏକ ଅଭିନବ ଉପାୟ ଚିନ୍ତା କରିଛନ୍ତି। ଏହାଦ୍ୱାରା ଆଉ ଶିକାରୀମାନେ ବିରଳ ବନ୍ୟପ୍ରାଣୀଙ୍କୁ ହତ୍ୟା କରିବେ ନାହିଁ କି ସେମାନଙ୍କ ବଂଶ ଲୋପ ପାଇବ ନାହିଁ ବୋଲି ଆଶା କରାଯାଉଛି। ଏଥିନେଇ ଦକ୍ଷିଣ ଆଫ୍ରିକାର ଏକ କମ୍ପାନୀ ଯେଉଁ ଉପାୟଟି ଚିନ୍ତା କରିଛି ତାହା ହେଲା ବୈଜ୍ଞାନିକ ପଦ୍ଧତିରେ ହାତୀ, ଗଣ୍ଡା ଏବଂ ଅନ୍ୟାନ୍ୟ ପଶୁପକ୍ଷୀମାନଙ୍କ ଶରୀରର କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ସୃଷ୍ଟି। ବିଜ୍ଞାନାଗାରରେ ଏହି ସବୁ ଅଙ୍ଗପ୍ରତ୍ୟଙ୍ଗ ଏପରି ଭାବେ ପ୍ରସ୍ତୁତ କରାଯିବ ଯେ ତାହା ଲୋକମାନଙ୍କ ଚାହିଦା ପୂରଣ କରିପାରିବ ଓ ଜଙ୍ଗଲରେ ପଶୁପକ୍ଷୀମାନେ ନିର୍ଭୟରେ ବସବାସ କରିପାରିବେ। ଯେଉଁ କମ୍ପାନୀ ଏଭଳି ଅଭିନବ କାର୍ଯ୍ୟରେ ହାତ ଦେଇଛି ତା'ର ନାମ ପେମ୍ବିଏଣ୍ଟ। ପରୀକ୍ଷାମୂଳକ ଭାବେ ପେମ୍ବିଏଣ୍ଟକମ୍ପାନୀ ଏବେ ଗଣ୍ଡାର ଶିଙ୍ଗ ପ୍ରସ୍ତୁତି କାର୍ଯ୍ୟରେ ଲାଗିପଡ଼ିଛି। ଏ ଦିଗରେ ଏହାକୁ ସଫଳତା ବି ମିଳିସାରିଛି। ତେବେ ଏଥିରେ କିଛି ପରିବର୍ତ୍ତନ ଘଟାଇବା ଓ ଏହା ଯେପରି ଆନ୍ତର୍ଜାତୀୟ ବଜାରରେ ପର୍ଯ୍ୟାପ୍ତ ମାତ୍ରାରେ ଉଲବ୍ଧ ହୋଇପାରିବ ସେଥିପାଇଁ ଅଧିକରୁ ଅଧିକ ଶିଙ୍ଗ ଉତ୍ପାଦନ ପାଇଁ କମ୍ପାନୀ ଉଦ୍ୟମ ଚଳାଇଛି ବୋଲି କହିଛନ୍ତି ପେମ୍ବିଏଣ୍ଟର ସିଇଓ ମାଥ୍ୟୁ ମୁର୍କୁସ୍। ହାତୀଦାନ୍ତଠାରୁ ଆରମ୍ଭ କରି ଗଣ୍ଡାଙ୍କ ଶିଙ୍ଗ ପର୍ଯ୍ୟନ୍ତ ବନ୍ୟପ୍ରାଣୀଙ୍କ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗର ଚାହିଦା ବିଶ୍ୱ ବଜାରରେ ଢ଼େର ବେଶୀ। ଏହାର କାରଣ ଯାହା ହୋଇଥାଉ ନା କାହିଁକି ବିଭିନ୍ନ ବନ୍ୟପ୍ରାଣୀଙ୍କ ଚମଡ଼ା, ଦାନ୍ତ, ଶିଙ୍ଗ, ଲୋମ, ପିତ୍ତ ଏବଂ ଅନ୍ୟାନ୍ୟ ଅଙ୍ଗକୁ ସୌଖିନ ଓ ରାଇସ୍ ଲୋକମାନେ ଲକ୍ଷ ଲକ୍ଷ ଡଲାର ଦେଇ କିଣିଥା'ନ୍ତି। ଯେମିତିକି ଗଣ୍ଡାର ଶିଙ୍ଗର ମୂଲ୍ୟ ଆନ୍ତର୍ଜାତୀୟ ଚୋରା ବଜାରରେ ଆକାଶଛୁଆଁ। ଏହାର ପ୍ରତି କିଲୋ ପିଛା ଦାମ ପ୍ରାୟ ୬୦,୦୦୦ ଡଲାର। ସେଇଭଳି ହାତୀଦାନ୍ତର କିଲୋପିଛା ମୂଲ୍ୟ ପ୍ରାୟ ୨୧୦୦୦ ଡଲାର। ବାଘଛାଲ ଓ ଦାନ୍ତ, ମୃଗଚର୍ମ ଓ ଶିଙ୍ଗ, ଭାଲୁର ଲୋମ, ଚର୍ମ ଓ ପିତ୍ତ, କୁମ୍ଭୀର ଚମଡ଼ାର ଚୋରା ବଜାରର ଅଦୃଶ୍ୟ ଜାଲ ପୃଥିବୀସାରା ବିଛେଇ ହୋଇ ରହିଚି। ବିଶେଷକରି ଆଫ୍ରିକା ମହାଦେଶର ବିଭିନ୍ନ ରାଷ୍ଟ୍ରରୁ ଏବଂ ଏସୀୟ ଦେଶମାନଙ୍କରୁ ଏସବୁ ଦ୍ରବ୍ୟ ଚାଲାଣ କରି ଚୋରା ବେପାରୀମାନେ କୋଟି କୋଟି ଡଲାର ଉପାର୍ଜନ କରିଥା'ନ୍ତି। ଏହାର କ୍ରେତା ଦୁଇ ପ୍ରକାରର। ପ୍ରଥମତଃ କିଛି କ୍ରେତା ପ୍ରାଚୁର୍ଯ୍ୟ ବଳରେ ଏସବୁ ଦ୍ରବ୍ୟ କିଣି ନିଜ ପାଖରେ ରଖିବାକୁ ପସନ୍ଦ କରିଥା'ନ୍ତି। ଏହାବ୍ୟତୀତ ଦ୍ୱିତୀୟ ଶ୍ରେଣୀର କ୍ରେତା ବନ୍ୟପଶୁପକ୍ଷୀଙ୍କ ଶରୀରର ଅଙ୍ଗକୁ ବ୍ୟବହାର କରି ପାରମ୍ପରିକ ଔଷଧ ପ୍ରସ୍ତୁତ କରିଥା'ନ୍ତି। ପୁଣି କେହି କେହି ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଏସବୁ ଦ୍ରବ୍ୟ କିଣି ପାଖରେ ରଖିଥା'ନ୍ତି। ତେବେ ସେ ଯାହା ହେଉନା କାହିଁକି, ଏଥିପାଇଁ ଅବାଧ ଶିକାର ଏତେ ମାତ୍ରାରେ ବୃଦ୍ଧି ପାଇଛି ଯେ ହାତୀ, ବାଘ, ସିଂହ, ଭଲ୍ଲୁକ ବିଭିନ୍ନ ପ୍ରଜାତିର ମୃଗ, ଗଣ୍ଡା ଅନେକ ଧରଣର ପକ୍ଷୀ ବିଲୁପ୍ତ ହୋଇଗଲେଣି ଅଥବା ବିଲୁପ୍ତିର ମହାମାର୍ଗରେ ଏବେ ଅଗ୍ରସର ହେଉଛନ୍ତି। କୌଣସି ଦେଶ ଶିକାରୀମାନଙ୍କ ଅବାଧ ବନ୍ୟପ୍ରାଣୀ ଶିକାରକୁ ରୋକିପାରିନାହାନ୍ତି। ଏଭଳି ବନ୍ୟପ୍ରାଣୀଙ୍କ ଅଙ୍ଗପ୍ରତ୍ୟଙ୍ଗ କିଣିବା ତାଲିକାରେ ବିଶ୍ୱରେ ସର୍ବାଗ୍ରେ ରହିଛି ଚୀନ। ଚୀନରେ ପାରମ୍ପରିକ ଔଷଧ ପ୍ରସ୍ତୁତିରେ ଅଧିକାଂଶ ପଶୁଙ୍କ ଶରୀରର ଅଙ୍ଗ ଉପଯୋଗ କରାଯାଇଥାଏ। ଏବେ ସିନ୍ଥେଟିକ୍ ଅଙ୍ଗ ପ୍ରସ୍ତୁତି ପ୍ରସଙ୍ଗକୁ ଆସିବା। ପେମ୍ବିଏଣ୍ଟ କମ୍ପାନୀର ଏଭଳି ଉଦ୍ୟମକୁ କିନ୍ତୁ ବିଶ୍ୱ ବନ୍ୟପ୍ରାଣୀ ସଂରକ୍ଷଣ ସଂସ୍ଥାଠାରୁ ଆରମ୍ଭ କରି ପର୍ଯ୍ୟାବରଣବିତ ଓ ପ୍ରାଣୀପ୍ରେମୀମାନେ ବିରୋଧ କରିଛନ୍ତି। ସେମାନଙ୍କ ମତରେ ଏଭଳି ନକଲି ଅଙ୍ଗପ୍ରତ୍ୟଙ୍ଗ ବଜାରରେ ଉପଲବ୍ଧ ହେଲେ ସୁଦ୍ଧା ଅସଲି ଦ୍ରବ୍ୟର ଚାହିଦା କମିବ ନାହିଁ। ତେଣୁ ଚୋରାଶିକାର ପୂର୍ବବତ୍ ଜାରି ରହିବ। ବରଂ ତାହା ବୃଦ୍ଧିପାଇବ ବୋଲି ସେମାନେ ଆଶଙ୍କା ପ୍ରକଟ କରନ୍ତି। ତେଣୁ ସେମାନେ ପେମ୍ବିଏଣ୍ଟ କମ୍ପାନୀର ଏଭଳି ପ୍ରୟାସକୁ ଘୋର ବିରୋଧ କରିଛନ୍ତି। ସେମାନେ ଏହାର ଏକ ଉଦାହରଣ ଦେଇ କହିଛନ୍ତି ଯେ ଗତ ଦଶବର୍ଷ ଭିତରେ ବିଶ୍ୱରେ ଗଣ୍ଡା ଶିକାର ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି। ୨୦୦୭ ମସିହାରେ ଦକ୍ଷିଣ ଆଫ୍ରିକାରେ ମାତ୍ର ୧୩ଟି ଗଣ୍ଡାଙ୍କୁ ମରାଯାଇଥିବାବେଳେ ୨୦୧୫ରେ ୧୧୭୫ଟି ଗଣ୍ଡା ଚୋରା ଶିକାରୀଙ୍କ ଦ୍ୱାରା ନିହତ ହୋଇଛନ୍ତି। ତେଣୁ ଏଭଳି ବିକଳ୍ପ ଉପାୟ ବନ୍ୟପ୍ରାଣୀଙ୍କ ସୁରକ୍ଷା ଦିଗରେ ବିଶେଷ ସହାୟକ ହେବନାହିଁ ବୋଲି ସେମାନେ ଦୃଢ଼ ଯୁକ୍ତି ବାଢ଼ନ୍ତି। କିନ୍ତୁ ବଜାରରେ ଯେ ଖୁବ୍‌ଶୀଘ୍ର ସିନ୍ଥେଟିକ ହାତୀଦାନ୍ତ ଓ ଗଣ୍ଡା ଶିଙ୍ଗ ମିଳିବ ତାହା ସମସ୍ତଙ୍କ ପାଇଁ ଏବେ ଖୁସି ଖବର ପାଲଟିଛି।

# ପ୍ରଖ୍ୟାତ ସାହିତ୍ୟିକା ବୀଣାପାଣି ମହାନ୍ତିଙ୍କ ବିୟୋଗରେ ଶୋକ

ଖୋର୍ଦ୍ଧା (ପିଏନ୍): ପ୍ରଥିତଯଶା ସାହିତ୍ୟିକା, ପ୍ରାଧ୍ୟାପିକା ପଦ୍ମଶ୍ରୀ ବୀଣାପାଣି ମହାନ୍ତିଙ୍କ ବିୟୋଗରେ ଏକ ଶୋକସଭା ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ବିଜେବି ନଗର ଗାୟତ୍ରୀ ଶକ୍ତିପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ତାଙ୍କର ସାହିତ୍ୟକୃତୀ ସଂପର୍କରେ ଗାଳ୍ପିକ ଡ. ସୁରେଶ ଛୋଟରାୟ, କବି ଜ୍ଞାନରଂଜନ ଦାଶ, ଗୋବିନ୍ଦ ଚନ୍ଦ୍ର ମହାରଣା, ଇତିଶ୍ରୀ ସାହୁ, ଜ୍ୟୋତିପ୍ରଭା ପଟ୍ଟନାୟକ, ଡ. ଚପଳା ପଣ୍ଡା, ରାଜକିଶୋର ବଳିଆରସିଂହ, ସମରେନ୍ଦ୍ର ବଳିଆରସିଂହ, ନାରାୟଣ ଦାସ, ବିଳାସିନୀ ଦାଶ ପ୍ରମୁଖ ସ୍ମୃତିଚାରଣ କରିଥିଲେ। କସ୍ତୁରୀ ମୃଗ ଓ ସବୁଜ ଅରଣ୍ୟ, ପାଟଦେଇ, ବସ୍ତ୍ରହରଣ, ଆରୋହଣ ଭଳି ଗଳ୍ପ ସଂକଳନ; ସୀତାର ଶୋଷିତ, ମନସ୍ୱିନୀ, କୁନ୍ତୀ କୁନ୍ତଳା ଶକୁନ୍ତଳା ଭଳି ଉପନ୍ୟାସ; କବିତା ସଂକଳନ ଆସିବାର ବେଳା; କ୍ରାନ୍ତି, ପ୍ରେମଚାନ୍ଦ, ଗୋଲଡେନ୍ କି' ଭଳି ଉପନ୍ୟାସ ରଚନା କରି ସ୍ୱର୍ଗତା ମହାନ୍ତି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛନ୍ତି ବୋଲି ବକ୍ତାମାନେ ମତ ଦେଇଥଲେ। ୨୦୧୦ ମସିହା ଏପ୍ରିଲ ୧୪ ତାରିଖ ଖୋର୍ଦ୍ଧା ବିଷୁବ ମିଳନ ଉତ୍ସବରେ ମୁଖ୍ୟଅତିଥି ଭାବେ ବୀଣାପାଣି ମହାନ୍ତି ଯୋଗଦେଇ ଖୋର୍ଦ୍ଧା ଅଂଚଳର ଭାଷା, ସାହିତ୍ୟ ଓ ପରମ୍ପରାର ଭୂୟସୀ ପ୍ରଶଂସା କରିଥିଲେ। ମଣିଷର ମର୍ମ ବେଦନାକୁ ସେ ତିଳେ ତିଳେ ଅନୁଭବ କରି ତଦନୁଯାୟୀ ଲେଖନୀ ଚାଳନା କରିଥିଲେ। ଓଡ଼ିଆ ସାହିତ୍ୟ ଆକାଶରେ ସେ ସଦାସର୍ବଦା ସ୍ମରଣୀୟ ହୋଇ ରହିବେ ବୋଲି ବକ୍ତାମାନେ ମତ ଦେଇଥିଲେ।

# ଓଡ଼ିଶା ସୀମା ଦେଇ ଯାଇଥିବା ରେଳଷ୍ଟେସନଗୁଡ଼ିକର ନାମକରଣ ଓଡ଼ିଆରେ ହେବାପାଇଁ ଦାବି

ବାଲେଶ୍ୱର (ପିଏନ୍)-ଓଡ଼ିଶାର ସୀମା ତଥା ଛତିସ୍‌ଗଡ଼, ବିହାର, ପଶ୍ଚିମବଙ୍ଗଠାରୁ ଆରମ୍ଭ କରି ପଡ଼ୋଶୀ ଆନ୍ଧ୍ର ପ୍ରଦେଶ, ତାମିଲନାଡୁ ପର୍ଯ୍ୟନ୍ତ ଲମ୍ବିଥିବା ରେଳପଥରେ ଥିବା ଓଡ଼ିଆ ଭାଷା ଅଞ୍ଚଳର ଷ୍ଟେସନଗୁଡ଼ିକର ନାମକରଣ ଓଡ଼ିଆରେ ହେଉ ବୋଲି ଦାବି ହୋଇଆସୁଛି। ଏ ଦିଗରେ ବର୍ତ୍ତମାନର ରେଳମନ୍ତ୍ରୀ ତଥା ଓଡ଼ିଶା ବିଧାନସଭାରୁ ରାଜ୍ୟସଭା ସଦସ୍ୟ ଭାବେ ନିର୍ବାଚିତ ହୋଇଥିବା ଅଶ୍ୱିନୀ ବୈଷ୍ଣବଙ୍କୁ ଏକ ଦାବୀପତ୍ର ପ୍ରଦାନ କରାଯାଇଛି ବୋଲି ଉତ୍କଳ ସମ୍ମିଳନୀର ଅଧ୍ୟକ୍ଷ ଡ଼. ଅଦ୍ୱୈତ କୁମାର ପାତ୍ର ପ୍ରକାଶ କରିଛନ୍ତି। ଡ଼. ପାତ୍ର ବାଲେଶ୍ୱର ଠାରେ ଉତ୍କଳ ସମ୍ମିଳନୀ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନଙ୍କ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ ଅବସରରେ ଏ କଥା ପ୍ରକାଶ କରିଛନ୍ତି। ବାଲେଶ୍ୱରର ସାମ୍ବାଦିକ ଓ ବୁଦ୍ଧିଜୀବୀ ଉକ୍ତ ବୈଠକରେ ଉପସ୍ଥିତ ରହି ଏହାକୁ ସମର୍ଥନ ଜଣାଇବା ସହିତ ମଧୁସୂଦନଙ୍କ ୧୭୫ତମ ଜୟନ୍ତୀ ଦିନ ଏକ ସ୍ମାରକ ପତ୍ର ପ୍ରଦାନ ପାଇଁ ମଧ ପ୍ରସ୍ତାବ ନିଆଯାଇଥିଲା। ଏହି ପ୍ରସ୍ତୁତି ବୈଠକରେ ଉତ୍କଳ ସମ୍ମିଳନୀ ବାଲେଶ୍ୱର ଜିଲ୍ଲା ସଭାପତି ବୈଦ୍ୟନାଥ ଷଡଙ୍ଗୀ, ସଂପାଦକ କାଳୀପଦ ପଣ୍ଡା, ସଂଗଠନ ସଂପାଦକ ଉତ୍ପଳ ମହାନ୍ତି, ଯୁଗ୍ମ ସଂପାଦିକା ଗୋପାମୁଦ୍ରା ମହାପାତ୍ର, ସଦସ୍ୟା ଅପର୍ଣ୍ଣା ମହାପାତ୍ର, ବରିଷ୍ଠ ସଦସ୍ୟ ଦିନବନ୍ଧୁ ଲେଙ୍କା, ସତ୍ୟପ୍ରିୟ ମହାନ୍ତି, ବ୍ରହ୍ମାନନ୍ଦ ସ୍ୱାଇଁ, ସୁଧାକର ସେଠୀ ପ୍ରମୁଖ ଉପସ୍ଥିତ ରହି ମଧୁବାବୁଙ୍କ ଜୟନ୍ତୀ ଅବସରରେ ମାଲ୍ୟାର୍ପଣ ଓ ବିବିଧ କାର୍ଯ୍ୟକ୍ରମ କରାଯିବା ପାଇଁ ମଧ ପ୍ରସ୍ତାବ ନିଆଯିବା ସହ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଓଡ଼ିଆ ଭାଷା ସୁରକ୍ଷାର ଅନ୍ୟତମ ସେନାପତି ଫକୀରମୋହନଙ୍କର ପୂର୍ଣ୍ଣ ଅବୟବ ପ୍ରତି ଭକ୍ତି ସ୍ଥାପନା ପାଇଁ ଦାବି ହେଉଛି। ଗଡ଼ଗଡ଼ିଆ ଘାଟରେ ରାଧାନାଥଙ୍କ ପ୍ରତିମୂର୍ତ୍ତି ପାଖରେ ମଧୁସୂଦନ ଓ ଫକୀରମୋହନଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ମଧ ଦାବି ହୋଇଛି।

# ପ୍ରକାଶ ପାଇଲା କୋଣାର୍କର ମନୋଜ ଦାସ ବିଶେଷାଙ୍କ

ବାଲେଶ୍ୱର (ପିଏନ୍)- ବାଲେଶ୍ୱର ମାଟିରେ ଜନ୍ମିତ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ପ୍ରଖ୍ୟାତ କଥାକାର ପଦ୍ମଭୂଷଣ ମନୋଜ ଦାସଙ୍କ ଜୀବନ ଓ କୃତି ଆଧାରିତ କୋଣାର୍କର ବିଶେଷ ସଂଖ୍ୟା ମନୋଜ ଦାସ ବିଶେଷାଙ୍କ ତାଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପକ୍ଷରୁ ପ୍ରକାଶ ପାଇଛି। କରୋନା ମହାମାରୀ ମଧ୍ୟରେ ସାଧକ ମନୋଜ ଦାସଙ୍କ ପରଲୋକ ଗମନ ଘଟିଥିବାରୁ ତାଙ୍କର ଶେଷକୃତ୍ୟ ପଣ୍ଡିଚେରୀ ସ୍ଥିତ ଶ୍ରୀମା ଶ୍ରୀଅରବିନ୍ଦ ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଥିଲା ବେଳେ ରାଜ୍ୟ ସରକାର ଏଇ ମହାନ ଓଡ଼ିଆ ଲେଖକଙ୍କ ପୁଣ୍ୟସ୍ମୃତିରେ ତାଙ୍କର ଜନ୍ମପୀଠ ଭୋଗରାଇ ଶଙ୍ଖାରୀ ଗ୍ରାମ ସ୍ଥିତ ବାସଭବନକୁ ସ୍ମାରକୀସ୍ଥଳ ଘୋଷଣା କରିଥିବା ବେଳେ ସାହିତ୍ୟ ଏକାଡ଼େମୀ ତାର ମୁଖପତ୍ର କୋଣାର୍କର ୨୦୩ତମ ସଂଖ୍ୟାକୁ ମନୋଜ ଦାସ ବିଶେଷାଙ୍କ ରୂପେ ପ୍ରକାଶ କରିଛନ୍ତି। ଏଥିରେ ଓଡ଼ିଶାର ୩୬ ଜଣ ଗବେଷକ ଓ ବିଶିଷ୍ଟ ଲେଖକ ମନୋଜ ଦାସଙ୍କ କାଳଜୟୀ ସୃଷ୍ଟିର ସମୀକ୍ଷା ସହ ତାଙ୍କ ସହ ବିତାଇଥିବା ଘଟଣାକୁ ନିଜ ନିଜର ଆଲେଖ୍ୟରେ ପ୍ରକାଶ କରାଇଛନ୍ତି। ମନୋଜ ଦାସଙ୍କ ସମ୍ପର୍କରେ ଅଧିକ ଜାଣିବା ନିମନ୍ତେ ଜିଜ୍ଞାସୁ ପାଠକ, ଛାତ୍ରଛାତ୍ରୀ ଓ ଗବେଷକଙ୍କ ପକ୍ଷରେ ଏହା ବିଶେଷ ସହାୟକ ହେବ ବୋଲି ଜଣାପଡ଼ିଛି। ଆଗ୍ରହୀ ମନୋଜପ୍ରେମୀ ପାଠକଙ୍କ ପାଇଁ ଏହାକୁ ସଂଗ୍ରହ କରିବା ନିମନ୍ତେ ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର ସ୍ଥିତ କାର୍ଯ୍ୟାଳୟ ସହ ବାଲେଶ୍ୱର ଜିଲ୍ଲାର ଆଗ୍ରହୀ ପାଠକ ମାନେ ସାହିତ୍ୟ ଏକାଡ଼େମୀର ସଦସ୍ୟ କାଳୀପଦ ପଣ୍ଡାଙ୍କ ବାଲେଶ୍ୱର ସହରସ୍ଥ ନେଳିଆବାଗ ବାସଭବନ ଠିକଣାରେ ଯୋଗାଯୋଗ କରିବାକୁ ଶ୍ରୀ ପଣ୍ଡା ଅନୁରୋଧ ଜଣାଇଛନ୍ତି।

# ଦଳୀୟ ସମର୍ଥକଙ୍କୁ ବିଧାୟକଙ୍କ ମାଡ଼ ଓ ଗାଳି ଅଭିଯୋଗ

ବାଲେଶ୍ୱର (ପିଏନ୍)-ବିଜେଡ଼ିର ଗୋଷ୍ଠୀ କନ୍ଦଳ ଦାଣ୍ଡରେ ପଡ଼ି ହାଟରେ ଗଡ଼ିଲା। ବାଲେଶ୍ୱର ସଦର ପୂର୍ବତନ ସରପଞ୍ଚ ରବିନାରାୟଣ ପାଣିଗ୍ରାହୀଙ୍କୁ ସଦର ବିଧାୟକ ଓ ତାଙ୍କ କର୍ମୀମାନେ ଗାଳିଗୁଲଜ କରିବା ସହିତ ଧମକାଇଥିବା ପ୍ରତିବାଦରେ ସମ୍ପୃକ୍ତ ପଞ୍ଚାୟତର ଶତାଧିକ ବିଜେଡ଼ି ସମର୍ଥକଙ୍କ ପକ୍ଷରୁ ବିଜେଡ଼ି ଜିଲ୍ଲା ସଭାପତି ରବିନ୍ଦ୍ର କୁମାର ଜେନାଙ୍କ ଜରିଆରେ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଗତ ମାସ ୨୨ ତାରିଖରେ ସଦର ବ୍ଲକ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତ ସମିତି ବୈଠକ ସରିବା ପରେ ପୂର୍ବତନ ସରପଞ୍ଚ ରବିନାରାୟଣ ପାଣିଗ୍ରାହୀ ବିଧାୟକଙ୍କୁ ଜୁଣଗଡ଼ିଆ ପାନୀୟ ଜଳ ପ୍ରକଳ୍ପକୁ ଉଦ୍ଘାଟନ କରିବା ପାଇଁ ନିମନ୍ତ୍ରଣ କରିଥିଲେ। ମାତ୍ର ଦଳବିରୋଧି ଲୋକଙ୍କ କାର୍ଯ୍ୟକ୍ରମକୁ ଯିବେ ନାହିଁ କିମ୍ବା ପ୍ରକଳ୍ପ କାର୍ଯ୍ୟ କରିବା ପାଇଁ ଦେବିନାହିଁ ବୋଲି ସେ କହିଥିଲେ। ବିଧାୟକଙ୍କ ଏଭଳି ଅସନ୍ତୋଷଜନକ ଉତ୍ତରରେ ପାଣିଗ୍ରାହୀ କହିଥିଲେ ଆପଣଙ୍କୁ ଆମ୍ଭେମାନେ ଉପନିର୍ବାଚନରେ ଭୋଟ ଦେଇ ଜିତାଇଥିଲୁ ଆପଣ ଏମିତି କାହିଁକି କହୁଛନ୍ତି। ତୁମେ ଦଳବିରୋଧି ଲୋକ, ତୁମ ସହିତ ମୋର କୌଣସି ସମ୍ପର୍କ ନାହିଁ ବୋଲି ବିଧାୟକ ଦାସ ନିଜ ପ୍ରତିକ୍ରିୟାରେ କହି ବ୍ଲକ ପରିସରରୁ ବାହାରିଯାଇଥିଲେ। ତେବେ ବିଧାୟକଙ୍କ ଯିବାପରେ ତାଙ୍କର ୨ ଜଣ ସହଯୋଗୀ ସତ୍ୟନାରାୟଣ ଦାସ ଓ ଚିଣ୍ଟୁ ବ୍ଲକ ନିକଟକୁ ଯାଇ ପାଣିଗ୍ରାହୀଙ୍କୁ ଗାଳିଗୁଲଜ କରିଥିଲେ। ଜୋର ଜବର୍ଦସ୍ତ ବାଇକରେ ବସାଇ ବିଧାୟକଙ୍କ ଘରକୁ ନେଇ ସେଠାରେ ବିଧାୟକଙ୍କ ଉପସ୍ଥିତିରେ ତାଙ୍କ ସହଯୋଗୀମାନେ ପାଣିଗ୍ରାହୀଙ୍କୁ ଗାଳିଗୁଲଜ କରିବା ସହିତ ମାଡ଼ ମାରିଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଓଡ଼ଙ୍ଗୀ ପଞ୍ଚାୟତ ବିଜେଡ଼ି ସମର୍ଥକଙ୍କ ଅଭିଯୋଗକୁ ସଦର ବିଧାୟକ ଖଣ୍ଡନ କରିଛନ୍ତି ଏବଂ ଏହା ମିଥ୍ୟା ବୋଲି କହିଛନ୍ତି।

# ଆନନ୍ଦପୁର ଅବକାରୀ ବିଭାଗର ଚଢାଉ, ୨ ଗିରଫ

ଆନନ୍ଦପୁର (ପିଏନ୍): କେନ୍ଦୁଝର ଜିଲ୍ଲା ଅବକାରୀ ଅଧିକ୍ଷକ ସୀତାରାମ ମୁଦୁଲିଙ୍କ ନିର୍ଦ୍ଦେଶକ୍ରମେ ଆନନ୍ଦପୁରର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ଚଢାଉରେ ୫୬ଲିଟର ମହୁଲି ମଦ ସହିତ ୬୦୦ କେ.ଜି. ମହୁଲି ପୋଚ ଜବତ କରାଯିବା ସହ ୨ଜଣଙ୍କୁ ଗିରଫ କରାଯାଇଛି । ଅବକାରୀ ନୀରିକ୍ଷକ ପ୍ରଫୁଲ କୁମାର ମହାନ୍ତ, ଉପନୀରିକ୍ଷକ ନରେନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ଆନନ୍ଦପୁର ଥାନା ଅନ୍ତର୍ଗତ ରାଇପାଳ, କଣ୍ଟିପାଳ, ଶାଳବଣି ପ୍ରଭୃତି ଗ୍ରାମର ବିଭିନ୍ନ ସ୍ଥାନରେ ଚୋରାମଦ ବିକ୍ରୀ ଆଡ୍ଡା ଉପରେ ଚଢାଉ କରିଥିଲେ । ଚଢାଉ ବେଳେ ମଦ ପ୍ରସ୍ତୁତି ପାଇଁ ରଖିଥିବା ଅନେକ ସରାମ ଓ ଚୋରା ମହୁଲି ମଦ ଜବତ ସହ ଏହି କାରବାରରେ ସମ୍ପୃକ୍ତ ଥିବା ରାଇପାଳ ଗ୍ରାମର ଭୀମ ହୋ ଓ ରାମ ହୋଙ୍କୁ ଗିରଫ କରି ମାମଲା ରୁଜୁ କରାଯାଇଥିଲା । ଏହି ଚଢାଉରେ ଅବକାରୀ କର୍ମଚାରୀ ସଂଜୀବ ସେଠୀ, ସୁଶାନ୍ତ ରାଉତ, ଲକ୍ଷ୍ମଣ ମହାନ୍ତ, ନିବେଦିତା ମାଝୀ ପ୍ରମୁଖ ସାମିଲ ଥିଲେ ।

# ବାଙ୍କୀ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ଶିବିର ଅନୁଷ୍ଠିତ



ବାଙ୍କୀ (ପିଏନ୍)- ବାଙ୍କୀ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନସ୍ଥ ବୈଦ୍ୟେଶ୍ୱର ଉପସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ବୈଦ୍ୟେଶ୍ୱର ପ୍ରାଥମିକ ବିଦ୍ୟାଳୟ ଠାରେ ସ୍ୱାଧୀନତାର ୭୫ବର୍ଷ ଉପଲକ୍ଷେ ଆଜାଦିକି ଅମୃତ ମହୋତ୍ସବ ଅବସରରେ ଏକ ବ୍ଲକ ସ୍ତରୀୟ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସ୍ୱାସ୍ଥ୍ୟମେଳାକୁ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଡାକ୍ତର ଅମରେଶ ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ସଂଜୟ ପାତ୍ର, ଜିଲ୍ଲା ପରିଷଦ ସଦସ୍ୟା ରଶ୍ମିତା ସାହୁ, ସ୍ଥାନୀୟ ସରପଞ୍ଚ ସୁରଞ୍ଜନ ପଣ୍ଡା, ସମିତି ସଭ୍ୟ ମହେଶ୍ୱର ମହାପାତ୍ର, ଶିକ୍ଷାବିତ୍ କାଳନ୍ଦୀ ସାହୁ, ରୋଗୀକଲ୍ୟାଣ ସମିତି ସଦସ୍ୟ ଅନନ୍ତ ଦାସ, ପ୍ରମୁଖ ଯୋଗଦେଇଥିବା ବେଳେ ଉକ୍ତ ସ୍ୱାସ୍ଥ୍ୟମେଳାରେ ବିଭିନ୍ନ ବିଭାଗ ଯଥା ହୃଦରୋଗ, ଭେଷଜ ତଥା ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା ୭୪୮ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଏଥିନେଇ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଏହି ସ୍ୱାସ୍ଥ୍ୟମେଳାକୁ ସ୍ୱାସ୍ଥ୍ୟକେନ୍ଦ୍ରର ବି.ପି.ଏମ୍. ସଂଗୀତା ଦାଶ, ସଂପ୍ରସାରଣ ଅଧିକାରୀ ପ୍ରଦୀପ କୁମାର ସାହୁ, ସୁପରଭାଇଜର ମାନଭଞ୍ଜନ ଦଳେଇ, ଫାର୍ମାଶିଷ୍ଟ ସନ୍ତୋଷ ସାହୁ, ଡାଟା ମ୍ୟାନେଜର ଆଶିଷ ବିଭୂତି ରାୟ ଏହାକୁ ପରିଚାଳନା କରିଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Praggyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

# ମୋ ସହର




ବିଶ୍ୱ ଲୁପସ ଦିବସ ସଚେତନତା ରାଲି: ଓଏଆରସି, ସହୀଦ ନଗର ଓଡ଼ିଶା ଆର୍ଥ୍ରାଇଟିସ୍ ଆଣ୍ଡ ରିଉମାଟୋଲୋଜି ଫାଉଣ୍ଡେସନ ଟ୍ରଷ୍ଟ

## ଜାତୀୟ ପ୍ରଯୁକ୍ତି ବିଜ୍ଞାନ ଦିବସ ପାଳିତ

ଭୁବନ, (ପି.ଏନ): ଓଡ଼ିଶା ବିଜ୍ଞାନ ମଣ୍ଡଳ, ଢେଙ୍କାନାଳ ଶାଖା ଆନୁକୂଲ୍ୟରେ ଭୁବନ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ପ୍ରଯୁକ୍ତି ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଓଡ଼ିଶା ବିଜ୍ଞାନ ମଣ୍ଡଳ ଢେଙ୍କାନାଳ ଶାଖା ସମ୍ପାଦକ ଅଧ୍ୟାପକ ଶୁଭମ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ହେଉଥିବା ଏହି ସେମିନାରରେ ପଦାର୍ଥ ବିଜ୍ଞାନୀ ତଥା ବାଜି ରାଉତ କଲେଜର ପୂର୍ବତନ ଅଧକ୍ଷ ଡ଼ କିଶୋର ଚନ୍ଦ୍ର ଦାଶ ପରମାଣୁ ଇତିହାସ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାଚୀନ ଯୁଗରୁ ମହର୍ଷି କନ୍ନଡ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଓ ଷଷ୍ଠ ମଧ୍ୟରେ ଅଣୁ, ପରମାଣୁ ସମ୍ବନ୍ଧରେ ଆବିଷ୍କାର କରିଥିଲେ। ସେହି ସମୟରୁ ଆଜି ପର୍ଯ୍ୟନ୍ତ ଅଣୁ ଓ ପରମାଣୁ ସମ୍ବନ୍ଧରେ ଗବେଷଣା ଜାରି ରହିଛି। ଆଜିର ଦିନରେ ଭାରତ ପରମାଣୁ ବୋମା ପରୀକ୍ଷା କରି କରି ସଫଳତା ହାସଲ କରିଥିଲା ଓ ଭାରତ ପରମାଣୁ ରାଷ୍ଟ୍ର ଭାବେ ପରିଗଣିତ ହୋଇଥିଲା। ଆଇଆଇଟି ରୁଡ଼କିର ପୂର୍ବତନ ଛାତ୍ର ଡ ସତ୍ୟ ତାପସ ପରମାଣୁ ଗବେଷଣା ଓ ଭାରତ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କାମାକ୍ଷା ନଗର ପ୍ରଧାନ ଆଚାର୍ଯ୍ୟ ଗୌର ଚରଣ ନନ୍ଦ, ଓଡ଼ିଶା ବିଜ୍ଞାନ ମଣ୍ଡଳ ଗଠନ ସଂପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭ ରେ ମହାବିଦ୍ୟାଳୟର ଅଧକ୍ଷ ଦିଲ୍ଲୀପ କୁମାର ଦାସ ସ୍ୱାଗତ ଭାଷଣ ଦେଇ କୌଶଳ ସହ ପ୍ରଯୁକ୍ତିର ମିଳନରେ ଦେଶକୁ ବିକାଶଶୀଳ କରିବାରେ ସହାୟକ ହୁଏ ବୋଲି ମତବ୍ୟକ୍ତ କରିଥିଲେ।

# ବିହାରରେ କୁଳପତି ଆଚାର୍ଯ୍ୟ ଶିବପୂଜନ ସହାୟ ସ୍ମୃତି ସମ୍ମାନରେ ସମ୍ମାନିତ

ଜୟପୁର, (ପି.ଏନ): ପାଟନାଠାରେ ଅନୁଷ୍ଠିତ ବିହାର ହିନ୍ଦୀ ସାହିତ୍ୟ ସମ୍ମିଳନୀର ୪୨ତମ ସମ୍ମିଳନୀ ଅବସରରେ ବିହାର ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକରଙ୍କ ଦ୍ୱାରା ସମ୍ମାନିତ ପ୍ର. ଚକ୍ରଧର ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଗତ ୧୦ ମଇ ରେ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର ଏକାଡେମିକ ଓ ପ୍ରଶାସନ ଉପଦେଷ୍ଟା ପ୍ରଫେସର ସୁଧେନ୍ଦୁ ମଣ୍ଡଳଙ୍କ ଅଧକ୍ଷତାରେ କ୍ୟାମ୍ପସରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହିନ୍ଦୀ ଭାଷା ଓ ସାହିତ୍ୟର ପ୍ରଚାର ପ୍ରସାର ଦିଗରେ ତାଙ୍କର ମୂଲ୍ୟବାନ ଅବଦାନ ପାଇଁ ପ୍ରଫେସର ତ୍ରିପାଠୀଙ୍କୁ ସମ୍ମିଳନୀର ଅଧକ୍ଷ ଡ. ଅନିଲ ସୁଲଭ ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ମାନ୍ୟବର ରାଜ୍ୟପାଳ ସମ୍ମାନଜନକ ଆଚାର୍ଯ୍ୟ ଶିବପୂଜନ ସହାୟ ସ୍ମୃତି ସମ୍ମାନରେ ସମ୍ମାନିତ କରିଥିଲେ। ଉକ୍ତ ସମ୍ମିଳନୀ ରେ ମଧ୍ୟ ବିଶ୍ୱବିଦ୍ୟାଳୟର ଦୁଇ ଅତିଥି ପ୍ରଫେସର ଡ. ଜେବି ପାଣ୍ଡେ ଓ ଡ. ହେମରାଜ ମୀନାଙ୍କୁ ଯଥାକ୍ରମେ ଆଚାର୍ଯ୍ୟ ଦେବେନ୍ଦ୍ର ନାଥ ଶର୍ମା ଓ ରାଜା ରାଧିକା ରମଣ ପ୍ରସାଦ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ପ୍ରଫେସର ମଣ୍ଡଳ ପ୍ରଫେସର ଚକ୍ରଧର ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରିଥିବା ବେଳେ ପ୍ରଫେସର ଏସ୍ କେ ପାଲିତା ଡ. ଜେବି ପାଣ୍ଡେଙ୍କୁ ଓ ପ୍ରଫେସର ଏନ୍ ସି ପଣ୍ଡା ଡ. ହେମରାଜ ମୀନାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।ଏହି ଅବସରରେ ପ୍ର. ମଣ୍ଡଳ କହିଥିଲେ ଯେ କୁଳପତି ପ୍ର. ତ୍ରିପାଠୀ, ଡ. ଜେବି ପାଣ୍ଡେ ଓ ଡ. ହେମରାଜ ମୀନାଙ୍କ ସମ୍ମାନ ବିଶ୍ୱବିଦ୍ୟାଳୟର ସମ୍ମାନ। ବିହାର ମାଟିରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଏହି ତିନି ବିଶିଷ୍ଟ ଶିକ୍ଷାବିତ ତଥା ସାହିତ୍ୟିକ ଓଡ଼ିଶାର ଗାରିମା ଆଣିଥିବାରୁ ଆଜି ଏହା ଅମପାଇଁ ଏକ ଗର୍ବ ଓ ଗୌରବର ଦିନ ଅଟେ । କୁଳପତି ଓ ଅନ୍ୟ ଦୁଇ ଜଣ ଶିକ୍ଷକଙ୍କ ସମ୍ମାନରେ ଆମେ ଆନନ୍ଦିତ ଓ ଉତ୍ସାହିତ ବୋଲି ଡ. ଏସ୍ କେ ପାଲିତା କହିଥିଲେ । ପ୍ର. ଏନ୍ ସି ପଣ୍ଡା ମଙ୍ଗଳାଚରଣ ପାଠ କରି ସେମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଏହା ସମଗ୍ର ରାଜ୍ୟ ପାଇଁ ଗୌରବର ମୁହୂର୍ତ୍ତ ବୋଲି କହିଥିଲେ। ପ୍ର. ହିମାଂଶୁ ମହାପାତ୍ର କହିଥିଲେ ଯେ, ପ୍ରଫେସର ତ୍ରିପାଠୀଙ୍କ ଏକାଡେମିକ ଉତ୍କର୍ଷତା ଦ୍ୱାରା ବିଶ୍ୱବିଦ୍ୟାଳୟ ସମୁଦାୟ ବହୁତ ପ୍ରେରିତ ହୋଇଛି ।ଏହି ଖୁସିର ମୁହୂର୍ତ୍ତରେ ପ୍ରଫେସର ତ୍ରିପାଠୀ କହିଥିଲେ ଯେ ଜଣେ ମଣିଷ ତାର ସାଙ୍ଗ-ସାଥୀଙ୍କ ଦ୍ୱାରା ଚିହ୍ନି ହୁଏ । ଏହି ଚତୁରପାର୍ଶ୍ୱ ମଣିଷର ଜୀବନ ଏବଂ ବ୍ୟକ୍ତିତ୍ୱ ଏବଂ ଭବିଷ୍ୟତର ଖ୍ୟାତିକୁ ପ୍ରଭାବିତ କରିଥାଏ । ତେଣୁ ସମସ୍ତେ ସାଂସ୍କୃତିକ ମୂଲ୍ୟବୋଧ ସହିତ ଏକ ଭଲ ସାଙ୍ଗ-ସାଥୀରେ ଜୀବନ ବିତାଇବା ସହ ଦେଶ ନିର୍ମାଣରେ ଯୋଗଦାନ କରିବାକୁ ସେ ପରାମର୍ଶ ଦେଇଥିଲେ। "ଆମକୁ ଏକାଠି ହୋଇ ସମଗ୍ର ହୃଦୟ ଓ ଆତ୍ମା ସହିତ ବିଶ୍ୱବିଦ୍ୟାଳୟର ବିକାଶ କରିବାକୁ ହେବ ଏବଂ ଯେତେବେଳେ ଆମେ ଆଉ ଜଣେ ମହାନ ହୋଇପାରିବା, ସେତେବେଳେ ଆମେ ସଫଳତାର ଶୀର୍ଷରେ ରହିବୁ" ବୋଲି ସେ କହିଥିଲେ। ବିଶ୍ୱବିଦ୍ୟାଳୟର ପ୍ରତ୍ୟେକ ବିଭାଗ ଓଡ଼ିଶାର ବିକାଶରେ ନେତୃତ୍ୱ ନେବାକୁ ସେ ବିଶ୍ୱବିଦ୍ୟାଳୟର ଶିକ୍ଷାବିତ୍ ସମୁଦାୟଙ୍କୁ ଅନୁରୋଧ କରିଥିଲେ। ଏହି ଅବସରରେ ସେ ଘୋଷଣା କରିଥିଲେ ଯେ ବିଶ୍ୱବିଦ୍ୟାଳୟ କୃଷି, ଜଙ୍ଗଲ ପରିଚାଳନା ଏବଂ ଗୋପାଳନ କ୍ଷେତ୍ରରେ ବିଭିନ୍ନ କାର୍ଯ୍ୟକ୍ରମ ଯଥାଶୀଘ୍ର ଆରମ୍ଭ କରିବ ।ଡକ୍ଟର ଜେବି ପାଣ୍ଡେ କହିଛନ୍ତି ଯେ ଗୌରବ ସେତେବେଳେ ଆସିଥାଏ ଯେତେବେଳେ ଆମେ ଅନୁଭବ କରିଥାଉ ଯେ ଆମେ କିଛି କରିଛୁ ଏବଂ ଯେତେବେଳେ ବିଶ୍ୱ ଅନୁଭବ କରେ ଯେ ଆମେ କିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଛୁ ସେତେବେଳେ ଆମେ ସମ୍ମାନ ପାଇଥାଉ । ଡ. ହେମ ରାଜ ମୀନା ବିହାର ହିନ୍ଦୀ ସାହିତ୍ୟ ସମ୍ମିଳନୀକୁ କୃତଜ୍ଞତା ଜ୍ଞାପନ କରିଥିଲେ। ଡ. ରୁଦ୍ରାଣୀ ମହାନ୍ତି ଏହି କାର୍ଯ୍ୟକ୍ରମର ପରିଚାଳନା କରିଥିବା ବେଳେ ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଶିକ୍ଷକ ଓ କର୍ମଚାରୀ କୁଳପତି ପ୍ର. ଚକ୍ରଧର ତ୍ରିପାଠୀ, ଡ. ହେମରାଜ ମୀନା ଓ ଡ. ଜଙ୍ଗବାହାଦୁର ପାଣ୍ଡେଙ୍କୁ ଅଭିନନ୍ଦନ ଜଣାଇବା ସହ ଶୁଭେଚ୍ଛା ଜଣାଇଥିଲେ । ଜନସମ୍ପର୍କୀୟ ଅଧିକାରୀ ଡ. ଫଗୁନାଥ ଭୋଇ, ସୂଚନା ଦେଇଛନ୍ତି।

## ଆଜି ଭଉଁରି ୨୧ ଘେରା ଚାପ ଖେଳିବେ ମହାପ୍ରଭୁ

ପୁରୀ, (ପି.ଏନ): ଆସନ୍ତାକାଲି ଶୁକ୍ରବାର ପବିତ୍ର ଶ୍ରୀକ୍ଷେତ୍ର ଭଉଁରି। ବାହାର ଚନ୍ଦନଯାତ୍ରାର ଅନ୍ତିମ ଦିନ। ମହାପ୍ରଭୁ ମଦନମୋହନ, ରାମକୃଷ୍ଣ ଓ ଭୂଦେବୀ, ଶ୍ରୀଦେବୀ ସମେତ ପଂଚ ମହାଦେବ ନରେନ୍ଦ୍ର ପୁଷ୍କରଣୀରେ ୨୧ ଘେରା ଚାପ ଖେଳିବେ। ଆସନ୍ତାକାଲି ଶେଷ ଦିନ ହୋଇଥିବାରୁ ପ୍ରବଳ ଭକ୍ତଙ୍କ ଗହଳି ହେବ। ସେଥିପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ପୁଷ୍କରଣୀ କୂଳରେ ଲାଇଫଗାର୍ଡ଼ ଓ ଅଗ୍ନିଶମ ବିଭାଗ ସଜାଗ ଅଛନ୍ତି। ରଙ୍ଗୀନ ଆଲୋକମାଳାରେ ଦିପିଦାଣ୍ଡି, ଚନ୍ଦନ ବେଢ଼ା ଓ ଚକଡ଼ାକୁ ସୁସଜ୍ଜିତ କରାଯାଇଛି। ମହାପ୍ରଭୁଙ୍କ ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଭଜନ ଓ ଓଡ଼ିଶୀ ନୃତ୍ୟ କରାଯାଉଛି। ୨୧ ଘେରା ଚାପ ସମୟରେ ଭକ୍ତଙ୍କ ହରିବୋଲ ଓ ହୁଳହୁଳି ସହ ସଂକୀର୍ତ୍ତନ ମଣ୍ଡଳିଙ୍କ ସଂକୀର୍ତ୍ତନରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେବ।

## ସ୍ୱାସ୍ଥ୍ୟ ସେବାର ବିକଳ ଚିତ୍ର : ମାନବିକତାର ଅଭାବ ରହୁଛି

ସୁବର୍ଣ୍ଣପୁର, (ପି.ଏନ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ କପାସିରା ଗ୍ରାମର ଜଣେ ସାମ୍ବାଦିକ ପରିବାର ସ୍ୱାସ୍ଥ୍ୟ ସେବାରେ କିଭଳି ମାନସିକ ଚାପଗ୍ରସ୍ତ ହୋଇଥିଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି । ଆହୁରି ଚକିତ କରିଛି ଖୋଦ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜିଲ୍ଲା ତଥା ବ୍ଲକରେ। ଡୁଙ୍ଗୁରିପାଲିରୁ ପ୍ରକାଶିତ ହୋଇ ଆସିଥିବା 'ବନ୍ ତୁଳସୀ' ପାକ୍ଷିକ ଖବର କାଗଜର ପ୍ରକାଶକ ସାରଥି ପଧାନଙ୍କୁ ପୁଅ ସମ୍ରାଟ ପଧାନ(୨୭) । ତାଙ୍କ ସ୍ତ୍ରୀ କୁନି ପଧାନ । ଗତ ମାସେ ତଳେ ସୋନପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରସୂତୀ ପାଇଁ ଭର୍ତ୍ତି କରିଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ ବୁର୍ଲା ପଠାଯାଇଥିଲା। ସେଠାରେ ଅସ୍ତ୍ରୋପଚାର କରି ଏକ ଶିଶୁପୁତ୍ର ଜନ୍ମ ହୋଇଥିଲା । ଶିଶୁପୁତ୍ରର ପରିସ୍ରା ନଳୀରେ ସମସ୍ୟା ଥିବାରୁ ତାଙ୍କୁ କଟକ ଶିଶୁ ଭବନକୁ ପଠାଯାଇଥିଲା । ସେଠାରେ ଚିକିତ୍ସା ପରେ ଘରକୁ ଫେରି ଥିଲେ । ଗତ୮ ତାରିଖରେ ଶିଶୁଙ୍କୁ କଟକ ଶିଶୁ ଭବନରେ ପରୀକ୍ଷା କରାଇବାକୁ କପସିରାରୁ ଭାୟା ସୋନପୁର ଦେଇ କଟକ ଯାଉଥିଲେ। ସୋନପୁରଠାରେ ଖାଇବାରେ ଶିଶୁର ସମସ୍ୟା ଦେଖାଦେବାରୁ ସୋନପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରଙ୍କୁ ଦେଖାଇଥିଲେ । ସେଠାରେ ଚିକିତ୍ସାଧିନ ଡାକ୍ତର ଅଧିକ ଚିକିତ୍ସା ପାଇଁ ବୁର୍ଲା ପଠାଇ ଦେଇଥିଲେ। ଏକ ୧୦୮ ଆମ୍ବୁଲାନ୍ସ ଯୋଗେ ବୁର୍ଲା ନେବା ବାଟରେ ତାଙ୍କର ଉଲୁଣ୍ଡା (ମେଟାକାନୀ ଛକ) ନିକଟରେ ମୃତ୍ୟୁ ହୋଇଥିବା ଶିଶୁର ବାପାମା ଜାଣିବାକୁ ପାଇଥିଲେ । ଉଲୁଣ୍ଡାଠା ଡାକ୍ତରଖାନାକୁ ନେଇଥିଲେ। ସେଠାରେ କାର୍ଯ୍ୟରତ ସେବୀକା ଜଣକ ଡାକ୍ତରଙ୍କୁ ଫୋନ ମାଧ୍ୟମରେ ଡକାଇଥିଲେ। ଡାକ୍ତର ପହଂଚି ଶିଶୁକୁ ନ ଦେଖି ଯେଉଁଠିକୁ ରେଫର ହୋଇଛି ଅଥବା ଯେଉଁଠାରୁ ରେଫର ହୋଇଛି ସେଠାକୁ ନେବାକୁ ପରାମର୍ଶ ଦେଇଥିଲେ। ମୃତ ଶିଶୁର ବାପାଙ୍କ ଅଭିଯୋଗ ଯେ, ଚିକିତ୍ସାରେ ସେ କୌଣସି ଅଭିଯୋଗ ନଥିଲେ ମଧ୍ୟ ଡାକ୍ତରମାନଙ୍କ ମାନବିକତାକୁ ସେ ସହ୍ୟ କରିପାରିନ ଥିଲେ । ଉଲୁଣ୍ଡା ଡାକ୍ତରଖାନାର ଡାକ୍ତର ଜାଣିବା କଥା ଯେ, ଜଣେ ବାପା ମା ମୃତ ଶିଶୁକୁ କିପରି ବୁର୍ଲା ବା ସୋନପୁର ନେବ। ସେଠାରେ ତାଙ୍କର ମୃତ ଘୋଷଣା କରିଥିଲେ ସେ କପାସିରାକୁ ଫେରି ଆସିଥାନ୍ତି । ଏହା ନହେବାରୁ ଉଭୟ ସ୍ୱାମୀ ସ୍ତ୍ରୀ ମୃତ ଶିଶୁପୁତ୍ରକୁ ଧରି ସୋନପୁର ପହଂଚିଥିଲେ। ସେଠାରେ ମଧ୍ୟ ଡାକ୍ତର ମୃତ ଘୋଷଣା କରିବାକୁ ମନା କରିଥିଲେ । ଶେଷରେ ଜିଲ୍ଲପାଳଙ୍କ ହସ୍ତକ୍ଷେପ ପରେ ସମସ୍ୟାରେ ସମାଧାନ ହୋଇଥିଲା। ଡାକ୍ତରଙ୍କୁ ଦ୍ୱିତୀୟ ଭଗବାନ କହୁଥିବା ବେଳେ ଏଠାରେ ଡାକ୍ତରମାନଙ୍କ ମାନବିକତା ରହିଲା କେଉଁଠି ।

## ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀକୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତ୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ୍ୟ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ। କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

## ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଛା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ। ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ। ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା। ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି। ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି। ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି।

## କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ । ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

## ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକଉତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ୍ୟ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ୍ୟ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।



ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Bhubaneswar Friday May 12, 2023 ଭୁବନେଶ୍ବର ଶୁକ୍ରବାର, ମଇ ୧୨,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ବୌଦ୍ଧ ଜିଲ୍ଲାର ଜିଲ୍ଲା ପରିଷଦ, ଦିଶା ଏବଂ ଜିଲ୍ଲା ଯୋଜନା କମିଟି ବୈଠକ ଅନୁଷ୍ଠିତ

ବୌଦ୍ଧ,(ପି.ଏନ): ବୌଦ୍ଧ ଜିଲ୍ଲାପାଳଙ୍କ ସଦଭାବନା ସଭା ଗୃହ ରେ ବୌଦ୍ଧ ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏହି ବୈଠକରେ ପଂଚାୟତି ରାଜ ଓ ପାନୀୟ ଜଳ, ଜଙ୍ଗଲ ଓ ପରିବେଶ ତଥା ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, କନ୍ଧମାଳ ସାଂସଦ ଡଃ. ଅଚ୍ୟୁତାନନ୍ଦ ସାମନ୍ତ, କଂଟାମାଳ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ମହୀଧର ରଣା ଏବଂ ଜିଲ୍ଲା ପରିଷଦ ଅଧ୍ୟକ୍ଷା ପ୍ରଭାସିନୀ ଦାସ ଯୋଗ ଦେଇଥିଲେ । ସମସ୍ତ ଜିଲ୍ଲା ପରିଷଦ ସଦସ୍ୟ ସଦସ୍ୟା, ସମସ୍ତ ପଂଚାୟତ ସମିତି ଅଧ୍ୟକ୍ଷ ଅଧ୍ୟକ୍ଷା, ତଥା ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ହୋଇ ଜିଲ୍ଲାର ବିଭିନ୍ନ ଉନ୍ନୟନ ମୂଳକ ଯୋଜନାଗୁଡିକର ଅଗ୍ରଗତୀ ଉପରେ ସମୀକ୍ଷା ରେ ଭାଗ ନେଇ ଥିଲେ । ଜିଲ୍ଲାପାଳ ସତ୍ୟ ରଞ୍ଜନ ସାହୁଙ୍କ ଆବାହକତ୍ୱରେ ଏହି ବୈଠକ ସହିତ କନ୍ଧମାଳ ସାଂସଦ ଡଃ. ସାମନ୍ତଙ୍କ ସଭାପତିତ୍ୱ ରେ ଜିଲ୍ଲା ଉନ୍ନୟନ ସମନ୍ୱୟ ପରିଚାଳନା କମିଟି ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା । ତତ୍ପରେ ମାନ୍ୟବର କଣ୍ଟାମାଳ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ମହୀଧର ରଣାଙ୍କ ଅଧ୍ୟକ୍ଷତା ରେ ଜିଲ୍ଲା ଯୋଜନା କମିଟି ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା । ବୈଠକରେ ଜିଲ୍ଲା କୃଷି ଅଧିକାରୀ ଜିଲ୍ଲାରେ କପା ଚାଷ ପାଇଁ ପର୍ଯ୍ୟାପ୍ତ ସୁବିଧା ସୁଯୋଗ ରହିଥିବା ପ୍ରକାଶ କରିଥିଲେ । ଏଥିନିମନ୍ତେ ଆବଶ୍ୟକୀୟ ସାର କୀଟନାଶକ ଓ ରସାୟନ ଯୋଗାଇ ଦେବାକୁ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ସହକାରୀ ନିର୍ଦ୍ଦେଶକ, ଉଦ୍ୟାନ କୃଷି ବିଭାଗ ଜିଲ୍ଲାରେ ହଳଦୀ ଓ ଅଦା ଚାଷ ପାଇଁ ଚଳିତ ବର୍ଷ ୧୦୦ ହେକ୍ଟର ଲକ୍ଷ୍ୟ ଥିବା କହିଥିଲେ । ଆମ୍ବ ଚାଷ ସହିତ ଏହି ଚାଷ କରାଯାଇ ପାରିବ । ପ୍ରାୟ ଏକ କୋଟି ଟଙ୍କା ବ୍ୟୟରେ ୨୫୦ ମେଟ୍ରିକ ଟନ ବିଶିଷ୍ଟ ସୌର ଚାଳିତ ପନିପରିବା ସାଇତା ଘର ପ୍ରତି ବ୍ଲକ୍ ରେ ନିର୍ମାଣ କରାଯିବାର ଯୋଜନା ରହିଥିବା କହିଥିଲେ । ପି. ଡି. ୱାଟରସେଡ କଂଟାମାଳ ବ୍ଲକରେ ଚେକ ଡ୍ୟାମ ଓ ଫାର୍ମ ପଣ୍ଡ ରେ ଅନିୟମିତତା କରିଥିବା ଗୃହରେ ଅଭିଯୋଗ ଆସିଥିଲା । ଏଥି ନିମନ୍ତେ ଜିଲ୍ଲାପାଳ ନିଜେ ଅନୁଧ୍ୟାନ କରି ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ବୈଠକରେ ମତାମତ ପ୍ରକାଶ ପାଇଥିଲା । ୯ ଗୋଟି କମିଟି ମଧ୍ୟରୁ ୬ ଗୋଟି ଗଠିତ ହୋଇଛି । ଅନ୍ୟ ୩ ଗୋଟି ଯେପରି ଶୀଘ୍ର ଗଠିତ ହେବ ପଦକ୍ଷେପ ନେବାକୁ କୁହା ଯାଇଥିଲା । କାର୍ଯ୍ୟ ସରିଥିବା କ୍ଷେତ୍ରରେ ଏମ. ଆର. ଦ୍ୱାରା ୭ ଦିନ ଭିତରେ ତୁରନ୍ତ ପେମେଣ୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । କେଉଟିପାଲି ଆଦି ଗ୍ରାମରେ ପେମେଂଟ ହେଉ ନ ଥିବା ଅଭିଯୋଗ ଆସିଥିଲା । ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରକାଶ କରିଥିଲେ ଯେ ତିନି ପର୍ଯ୍ୟାୟ ରେ ଅଦ୍ୟାବଧି ଜିଲ୍ଲାରେ ୫୭ ଗୋଟି ଉଚ୍ଚ ବିଦ୍ୟାଳୟକୁ ୫ଟି ଅଧୀନରେ ହାତକୁ ନିଆ ଯାଇ ସାରିଛି ।ଆଉ ୧୯ ଗୋଟି ମଧ୍ୟ ଖୁବ ଶୀଘ୍ର ହାତକୁ ନିଆଯିବ । ଆମିକସ କ୍ୟୁରୀଙ୍କ ଦ୍ୱାରା ଜିଲ୍ଲାର ୭ ଗୋଟି ବିଦ୍ୟାଳୟ ପରିଦର୍ଶନ କରଯାଇଥିଲା ଏବଂ ତାଙ୍କ ରିପୋର୍ଟ ଆଧାରରେ ଜିଲ୍ଲାରେ ସମସ୍ତ ବିଦ୍ୟାଳୟ ଗୁଡିକରେ ଗୁଣାତ୍ମକ ମାନ ବୃଦ୍ଧି ନିମନ୍ତେ ପଦକ୍ଷେପ ନିଆଯାଉଛି ।ସର୍ବ ଶିକ୍ଷା ଅଭିଯାନରେ କେତେ ଟଙ୍କା ଆବଶ୍ୟକ ଆକଳନ କରି ପ୍ରସ୍ତାବ ଦେବାକୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ସ୍ୱାସ୍ଥ୍ୟ କ୍ଷେତ୍ରରେ ଧନୁଷ୍ଟଙ୍କାର ଆଦି ରୋଗ ମୂଳୋତ୍ପାଟନ ହେତୁ ଜିଲ୍ଲା ଜାତୀୟ ସ୍ତରରେ ପୁରସ୍କୃତ ହୋଇଥିବା ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଗୃହରେ ପ୍ରକାଶ କରିଥିଲେ । ନିର୍ବାହୀ ଯନ୍ତ୍ରୀ ଜଳସେଚନଙ୍କୁ ବାଘ ନଦୀ ଏବଂ ମହାନଦୀ କୂଳରେ ଆଡି ବନ୍ଧ ନିର୍ମାଣ ନିମନ୍ତେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଜିଲ୍ଲା ମତ୍ସ୍ୟ ଅଧିକାରୀ ଜିଲ୍ଲାରେ ଚଳିତ ବର୍ଷ ୮୫ଲକ୍ଷ ମାଛ ଜାଆଁଳ ଯୋଗାଇ ଦେବାର ଲକ୍ଷ୍ୟ ଥିବା କହିଥିଲେ । ଏମ. ଆଇ. ପ୍ରକଳ୍ପ ଗୁଡିକରେ ମାଛ ଚାଷ ସହିତ ଚିଙ୍ଗୁଡି ଚାଷ କରିବାକୁ ପ୍ରସ୍ତାବ ଦିଆଯାଇଥିଲା । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ତିନି ଗୋଟି ବ୍ଲକରେ ତିନିଗୋଟି ଆଦର୍ଶ ଅଙ୍ଗନ ବାଡି କେନ୍ଦ୍ର ନିର୍ମାଣ ନିମନ୍ତେ ପ୍ରସ୍ତାବ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ହିତାଧିକାରୀଙ୍କ ଖାତାକୁ ଯେପରି ଭତା ପଇସା ସୁରୁଖୁରୁରେ ଯାଇପାରିବ ବ୍ୟାଙ୍କ ଗୁଡିକ ସହିତ ନିୟମିତ ବୈଠକ କରି ସ୍ଥିର କରିବାକୁ କୁହାଯାଇଥିଲା । ମୃତ୍ୟୁ ଜନିତ ହରିଶଚନ୍ଦ୍ର ସହାୟତା ରାଶି ଯେପରି ତୁରନ୍ତ ପଇଠ ହୋଇପାରିବ ନିର୍ଦ୍ଦେଶ ଦିଆଗଲା । ନିର୍ବାହୀ ସଂସ୍ଥା ଗୁଡିକ ଦ୍ୱାରା ଯେପରି ସବୁ ପ୍ରକଳ୍ପ ରେ ସୂଚନା ଫଳକ ଲଗାଯାଇ ପାରିବ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । କେତେକ ଅଂଚଳରେ ଗମନାଗମନ ଅସୁବିଧା ଥିବାରୁ ପଂଚାୟତି ରାଜ ବିଭାଗ ରାସ୍ତା ଗୁଡିକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର ନିମନ୍ତେ ପ୍ରସ୍ତାବ ଦେବାକୁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା । ମାର୍ଗଦର୍ଶୀ ଅନୁସାରେ ଗାର୍ଡ ୱାଲ ନିର୍ମାଣ କରିବାକୁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଗଲା । ଯୋଗେନ୍ଦ୍ରପୁର, ଖଟଖଟିଆ, ବୀରନରସିଂହପୁର ଆଦି ଗ୍ରାମ ପଂଚାୟତରେ ନୂତନ ସେବା ସମବାୟ ସମିତି ଗଠନ ନିମନ୍ତେ ପ୍ରସ୍ତାବ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଟାଟା ପାୱାର ଦ୍ୱାରା ତେଲ ନଦୀ ଉପରେ ଟାୱାର ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବାରୁ କଂଟାମାଳ ଠାରେ ୧୩୨/୩୩ ଗ୍ରୀଡ ଷ୍ଟେସନ ସ୍ଥାପନ ପାଇଁ ପଦକ୍ଷେପ ନେବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ପରାମର୍ଶ ଦିଆଯାଇଥିଲା । ମନରେଗା ଯୋଜନାରେ ଅଧିକରୁ ଅଧିକ ପ୍ରକଳ୍ପ ସଂପୂର୍ଣ୍ଣ କରିବାକୁ ବୈଠକରେ ମତାମତ ପ୍ରକାଶ ପାଇଥିଲା । ଗ୍ରାମୀଣ ଆବାସ ଯୋଜନାରେ ଯେପରି ସ୍ଥାନ ପାଇ ନ ଥିବା ଯୋଗ୍ୟ ହିତାଧିକାରୀଙ୍କୁ ପଞ୍ଜୀକୃତ କରାଯାଇପାରିବ ସେଥି ନିମନ୍ତେ ସଦସ୍ୟ ସଦସ୍ୟାମାନେ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ । ପୋର୍ଟାଲ କାର୍ଯ୍ୟକ୍ଷମ କରିବା ପାଇଁ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ମତ ପ୍ରକାଶ ପାଇଥିଲା । ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅଶ୍ୱିନୀ କୁମାର ମେହେର ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ବୌଦ୍ଧ ଜିଲ୍ଲା ଉପରେ ଏକ ପ୍ରାମାଣିକ ଚଳଚିତ୍ର "ମୋ ବୌଦ୍ଧ, ଭାରୀ ସୁନ୍ଦର" ପ୍ରଦର୍ଶନ କରଯାଇଥିଲା ।

## ରେଳ ଉପଭୋକ୍ତା ସଂଘର ସାଂସଦଙ୍କୁ କୃତଜ୍ଞତା ଜ୍ଞାପନ

ବଲାଙ୍ଗୀର, (ପି.ଏନ): ବଲାଙ୍ଗୀର ରେଳ ଉପଭୋକ୍ତା ସଂଘ ବିଭିନ୍ନ ସମୟରେ ବିଭିନ୍ନ ସମସ୍ୟାକୁ ନେଇ ଲୋକଲୋଚନକୁ ଆଣି ଜିଲ୍ଲାର ପ୍ରତିନିଧି ଏବଂ ରେଳ ବିଭାଗର ଉପରିସ୍ଥ କର୍ମଚାରୀଙ୍କୁ ଜଣାଇ ଆସିଛନ୍ତି । ଆଜି ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ଏହି ଦାବୀଗୁଡିକୁ ନେଇ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଏକ ଚିଠି ମାଧ୍ୟମରେ ବଲାଙ୍ଗିରବାସୀଙ୍କ ଦୁଃଖ ଜଣାଇଥିବାରୁ ସଂଘ ତରଫରୁ ସଭାପତି ପ୍ରଫେସର ତରୁଣ କୁମାର ମିଶ୍ର, ଦିବାକର ହୋତା, ଅଶୋକ ଚାନ୍ଦ, ନାରାୟଣ ପାଢୀ, ପ୍ରଭାକର ମିଶ୍ର, ଧର୍ମବ୍ରତ ରଥ ପ୍ରମୁଖ ସାଂସଦଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଏହି ଦାବିମାନଙ୍କ ମଧ୍ୟରେ ମୁଖ୍ୟତଃ ଦିଲ୍ଲୀ-ପ୍ରୟାଗରାଜକୁ ସିଧାସଳଖ ଟ୍ରେନର ବ୍ୟବସ୍ଥା, ଭୁବନେଶ୍ୱରକୁ ଗୋଟିଏ ଦିନରେ ଫେରି ଆସିବା ବ୍ୟବସ୍ଥା, ବଲାଙ୍ଗିର ଖୋର୍ଦ୍ଧା ରେଳପଥର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ବଲାଙ୍ଗିର ଷ୍ଟେସନକୁ ଗ୍ରେଡ ଏ ମାନ୍ୟତା ଦେବା, ରେଳ ବଗି ଧୋଇବା ବ୍ୟବସ୍ଥା, ଖରାକୁ ଦେଖି ଯାତ୍ରୀଙ୍କ ଉପରେ ଶୀତଳ ଜଳ ସିଂଚନ ଓ ପ୍ରାଥମିକତା ଭାବରେ ବୟସ୍କ ଓ ରୋଗୀମାନଙ୍କ ପାଇଁ ଦୁଇଟି ଲିଫ୍ଟର ବ୍ୟବସ୍ଥା ସହ ଅନ୍ୟ ଏକ ପାଦଚଲା ପଥ ନିର୍ମାଣ, ୨ ଏବଂ ୩ ନଂ. ପ୍ଲାଟଫର୍ମରେ ପିଇବା ପାଣିର ବ୍ୟବସ୍ଥା କରିବା ପାଇଁ ଏଥିରେ ଉଲ୍ଲେଖ ଅଛି ।

## ଚଢେଇବର ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ



ବାଲକାଟି,(ପି.ଏନ): ବୁଧବାର ଅପରାହ୍ନ ସମୟରେ କ୍ରୀଡା ଜୀବନକୁ ସରସ ସୁନ୍ଦର କରିବାସହ ଶରୀରକୁ ସୁସ୍ଥ ଓ ନିରାମୟ ରଖିଥାଏ ବୋଲି ସ୍ଥାନୀୟ ଚଢେଇ ବର ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଆୟୋଜିତ ଏହି ସଭାରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁଦର୍ଶନ ସାମନ୍ତରାୟ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ବାଲିଅନ୍ତା ବ୍ଲକ ଶିକ୍ଷା ଅଧିକାରୀ ପ୍ରଜ୍ଞା ପରମିତା ଜେନା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଆଦର୍ଶ ଶିକ୍ଷକ ନାରାୟଣ ବେହେରା , ସମାଜସେବୀ ତଥା ଓଡିଆ ସିନେ ପ୍ରଯୋଜକ ସତ୍ୟପ୍ରିୟ ବେହେରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କୁନି ଦେଇ , ସୁବାଶିନୀ ଦାସ, ଅବସର ପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଅଧିକାରୀ ସ୍ୱର୍ଣ୍ଣଲତା ପତି, ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ, ମୋ ସ୍କୁଲ ଅଧ୍ୟକ୍ଷ ଜୟରାମ ନାୟକ, ବ୍ଲକ ବିଜେଡି ଯୁବ ସଭାପତି ପ୍ରଦୀପ୍ତ ମହାନ୍ତି, ସିଆରସିସି ଶରତ ଜେନା ଯୋଗଦେଇ ବିଦ୍ୟାଳୟର ସାମଗ୍ରିକ ବିକାଶ କାର୍ଯ୍ୟ ସାଙ୍ଗକୁ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ହାର ଏବ ବିଭିନ୍ନ ସମସ୍ୟା ସମ୍ପର୍କରେ ବର୍ତବ୍ୟ ଦେଇଥିଲେ । ଏଥିସହିତ ସ୍କୁଲର୍ ବାର୍ଷିକ କ୍ରୀଡା କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ଏହା ଛଡା ସ୍ଥାନୀୟ ଅଞ୍ଚଳର ବ୍ୟକ୍ତି ବିଶେଷ ଏବଂ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରିଥିଲେ । ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୋଗେନ୍ଦ୍ର ସେଠୀଙ୍କ ନିର୍ଦେଶିତ କୁନି କୁନି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପାଇକ ଅଖାଡା, 'ମୋ ସ୍କୁଲ, ମୋ ସମ୍ମାନ ' ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଉପସ୍ଥିତ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇଥିଲା କ୍ଷ ମଞ୍ଚପରିଚାଳନା କରିଥିଲେ ମୃତ୍ୟୁଞ୍ଜୟ ପ୍ରଧାନ, କୁନିଲତା ନାୟକ, ସ୍ନିଗ୍ଧା ବେହେରା, ରିତାଞ୍ଜଳୀ ବେହେରା, ଜୟଶ୍ରୀ ସାହୁ, ମନଜ୍ୟୋସ୍ନା ଖଟୁଆ, ଶୁଭରାତ୍ରୀ ଘଟୁଆରୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ସାମ୍ବାଦିକ ଭବନ ପରିଦର୍ଶନ କଲେ ପୌରାଧକ୍ଷା

ବଲାଙ୍ଗୀର, (ପି.ଏନ): ବଲାଙ୍ଗୀର ପୌରାଧକ୍ଷା ଲିକା ସାହୁ ଆଜି ସାମ୍ବାଦିକ ଭବନ ପରିଦର୍ଶନ କରି ବିଭିନ୍ନ ଉନ୍ନୟନମୂଳକ କାମ କରାଯିବା ନେଇ ପ୍ରତିଶୃତି ଦେଇଛନ୍ତି । ସଂଘର ସଭାପତି ଶିବପ୍ରସାଦ ପରିଡାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳି ପୂର୍ବରୁ ପୌରାଧକ୍ଷାଙ୍କୁ ସାକ୍ଷାତ କରି ସମସ୍ୟା ଉପସ୍ଥାପନ କରିଥିଲେ । ପୌରାଧକ୍ଷା ଆଜି ସାମ୍ବାଦିକଭବନ ଗସ୍ତ କରି ଦରକାର ଥିବା ବିଭିନ୍ନ କାର୍ଯ୍ୟ ନିହାତି କରାଯିବ ବୋଲି କହିଛନ୍ତି । ପରିଦର୍ଶନ ସମୟରେ ସଂଘର ସଭାପତି ଶ୍ରୀ ପରିଡା, ସଂପାଦକ ଶିଶିରକାନ୍ତ ଶତପଥି ଓ ସଦସ୍ୟମାନେ ଉପସ୍ଥିତ ରହି ସଂଘର ଉନ୍ନୟନମୂଳକ କାମ କଣ ସବୁ ଦରକାର ସେ ନେଇ ବିଷଦ ଭାବରେ ଆଲୋଚନା କରିଥିଲେ । ସାମ୍ବାଦିକ ଭବନ ପଛ ପଟ ଖାଲି ସ୍ଥାନରେ ଏକ ଓପନ ଥିଏଟର ଏବଂ ସାମ୍ବାଦିକ ଭବନ କୋଠାର ଆବଶ୍ୟକୀୟ ମରାମତି କାମ ସବୁ କରାଯିବା ନେଇ ସଦସ୍ୟମାନେ ପୌରାଧକ୍ଷାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଯାହା ସମ୍ଭବ ସବୁ କାମ କରାଯିବ ବୋଲି ପୌରାଧକ୍ଷା ଲିକା ସାହୁ କହିଥିଲେ । ଆଲୋଚନା ସମୟରେ ବରିଷ୍ଠ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଗୋପବନ୍ଧୁ ଶତପଥି, ବଳରାମ ମିଶ୍ର, ବିଭୂକଲ୍ୟାଣ ଗଡତ୍ୟା, ଚନ୍ଦ୍ରଭାନୁ ମୌଲାନା, ଗୋପାଳ ପ୍ରଧାନ, ଦୀପକ ପୁରୋହିତ, ସୁନିଲ ମହାନ୍ତି, ପ୍ରଦୀପ୍ତ କୁମାର ମିଶ୍ର,ଶରତଚନ୍ଦ୍ର ମିଶ୍ର, ବିଶ୍ୱଜିତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

## ପୁଣି ସକ୍ରିୟ ହେଲେ ଲାଲ ବାହିନୀ : ଘରୁ ଡାକି ନେଇ ଗୁଳି କରି ହତ୍ୟା

ଫୁଲବାଣୀ ,(ପି.ଏନ):କିଛି ଦିନ ବ୍ୟବଧାନ ପରେ ପୁଣି ସକ୍ରିୟ ହେଲେ ଲାଲ ବାହିନୀ । ଗତ କାଲି ରାତି ୯ ଟା ସମୟରେ ଘରୁ ଡ଼ାକିନେଇ ଗୁଳି କରି ହତ୍ୟା କରିଛନ୍ତି ମାଓ ବାଦୀ । ସୂଚ୍ନା ମୁତାବକ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଅନ୍ତର୍ଗତ ସମର ବନ୍ଦ ପଞ୍ଚାୟତ ସାଉଲ୍ ପଡ଼ଠାରେ ସୁବଳ କହଁର ଘରେ ଥିବା ସମୟରେ ତିନିଜଣ ମାଓବାଦୀ ଘରୁ ଡାକି ନେଇ ସୁବଳଙ୍କ ଘରଠାରୁ ୨୦୦ ମିରର ଦୂରରେ ପାଞ୍ଚ ରାଉଣ୍ଡ ଗୁଳି କରି ହତ୍ୟା କରିଛି ଲାଲ ବାହିନୀ । ମାଓବାଦୀମାନେ ହତ୍ୟା କରି ପୁଣି ଥରେ ନିଜର ସ୍ଥିତି ଜାହିର କରିଛନ୍ତି । ସୁବଳ କହଁର ପୂର୍ବତନ ସରପଞ୍ଚ ବୋଲି ଜଣା ପଡିଛି କ୍ଷ କେଉଁ କାରଣ ଯୋଗୁଁ ଏହି ହତ୍ୟା କରାଯାଇଛି ତାହା ସ୍ୱଷ୍ଟ ହୋଇ ନାହିଁ । ବର୍ତ୍ତମାନ ସେଇ ଗ୍ରାମ ଜନ ଶୂନ୍ୟ ହୋଇ ଥିବା ବେଳେ ପୋଲିସ ଘଟଣା ସ୍ଥଳରେ ପହଁଚ଼ି ନାହିଁ ।

## କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କର ଜିଲା ସ୍ତରୀୟ ସମୀକ୍ଷା ବୈଠକ

ଜୟପୁର(ପି.ଏନ), କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କର ମୁଖ୍ୟ କାଯ୍ୟାଳୟରେ ଜିଲାସ୍ତରୀୟ ସମିକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଏହି ସମିକ୍ଷା ବୈଠକରେ କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ଉପସ୍ଥିତ ରହି ସଭାପତିତ୍ୱ କରିଥିଲେ । ଏଥିରେ ବ୍ୟାଙ୍କର ବରିଷ୍ଠ ନିର୍ଦ୍ଦେଶକ ରମାକାନ୍ତ ରାଉଳ, ରାଜ୍ୟ ସମବାୟ ବ୍ୟାଙ୍କର ନିଦ୍ଦେଷକ ଜଗନ୍ନାଥ ନୁନ୍ଦ୍ରୁକା, ଡିଆରସିଏସ ସିଏଚ ପ୍ରଭାନୀ ପ୍ରସାଦ, ଏଆରସିଏସ ଲକ୍ଷ୍ମୀ ଧର ରାଉତ, ବ୍ୟାଙ୍କର ସମ୍ପାଦକ କୃଷ୍ଣ ଚନ୍ଦ୍ର ଜାନି, ବରିଷ୍ଠ ଅଧିକାରି ହରି ହର ତ୍ରିପାଠି, ଅରୁଣ କୁମାର ସାହୁ. ଲ୍ୟାମ୍ପ ଓ ବ୍ୟାଙ୍କ ୟୁନିୟନର ସଭାପତି ଦିଗାମ୍ବର ନାୟକ ଉପସ୍ଥିତ ଥିଲେ । ଉକ୍ତ ସଭାରେ ସମବାୟ ଆନ୍ଦୋଳନକୁ ଜିଲାରେ ଅଧିକ କ୍ରିୟାଶିଳ କରି ଚାଷ ଓ ଚାଷୀର ଉନ୍ନତିରେ ସମବାୟ ସଂସ୍ଥାର ସହଭାଗିତା ସୁନିଶ୍ଚିତ କରିବା ପାଇ ତଥା ଓଡିଶା ରାଜ୍ୟ ସରକାରଙ୍କ କୃଷି ଓ କୃଷକର ଉନ୍ନତି ପାଇ ପ୍ରଣିତ ବିଭିନ୍ନ ଯୋଜନା ଗୁଡିକ କାଯ୍ୟକାରି କରିବା ପାଇଁ ଆଲୋଚନା କରାଯାଇଥିଲା । ଗତ ରବି ରୁତୁରେ ଶେଷ୍ଠ ପ୍ରଦର୍ଶନ କରିଥିବା ସେମିଳିଗୁଡା ବ୍ରାଂଚ ମ୍ୟାନେଜର ସୁରେନ୍ଦ୍ର ନାଥ ନାୟକ, ପଟ୍ଟାଙ୍ଗି ଲ୍ୟାମ୍ପ ପରିଚାଳନା ନିଦ୍ଦେଷକ ଦିଗାମ୍ବର ନାୟକ, ବୋରିଗୁମ୍ମା ବ୍ରାଂଚ ଇନଚାର୍ଜ ପି. ହର ପ୍ରସାଦ ରାଓ ତଥା ସମଗ୍ରୀକ ଶ୍ରେଷ୍ଠ ପ୍ରଦର୍ଶନ ପାଇ ବୋରିଗୁମ୍ମା ବ୍ରାଂଚ ମ୍ୟାନେଜର ମନୋଜ କୁମାର ଦାସଙ୍କ ପୁରସ୍କାର ପ୍ରଦାନ କରାଯାଇଥିଲା ।

## ଜବର ଦଖଲ ଉଛେଦ କଲେ ପୌର ପ୍ରଶାସନ

ଜୟପୁର, :- ଜୟପୁର ପୌର ପ୍ରଶାସନ ତରଫରୁ ଜବର ଦଖଲ ଉଛେଦ ହୋଇଛି । ଲକ୍ଷ୍ମୀ ପଣ୍ଡା ଛକ ଠାରୁ ଟ୍ରାଫିକ ଛକ ଯାଏ ଜାତୀୟ ରାଜପଥ ରାସ୍ତା କଡ ଡ୍ରେନ ଉପରେ ଜବର ଦଖଲ କରି ବ୍ୟବସାୟ କରୁଥିଲେ । ସେହି ସବୁ ଜବର ଦଖଲକୁ ଉଛେଦ କରାଯାଇଛି । ଏହା ସହ ମୁଖ୍ୟ ରାସ୍ତାର ଜଗତ ଜନନୀ ଛକ ଯାଏ ମଧ୍ୟ ଉଭୟ ପଟେ ଦୋକାନୀମାନେ ଜବର ଦଖଲ କରି ବ୍ୟବସାୟ କରୁଥିବାରୁ ଉଛେଦ କରାଯାଇଛି । ଏନେଇ ଉଛେଦ କରିବା ପାଇଁ ଆଗରୁ ପୌର ପ୍ରଶାସନ ତରଫରୁ ଡାକ ବାଜୀ ଯନ୍ତ୍ର ଦ୍ୱାରା ବ୍ୟବସାୟୀଙ୍କୁ ସଚେତନ ମଧ୍ୟ କରାଯାଇଥିଲା । ବ୍ୟବସାୟ କରିବା ଦ୍ୱାରା ରାସ୍ତା ଜାମ ହେବା ସହ ଟ୍ରାଫିକ ସମସ୍ୟା ଦେଖାଯାଉଥିଲା ।

## ଆଇସିଏଆଇ ପକ୍ଷରୁ ୪୦ତମ ପ୍ରତିଷ୍ଠା ଦିବସ ପାଳିତ




ଭୁବନେଶ୍ୱର,(ପି.ଏନ): ସ୍ଥାନୀୟ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଚାଟାର୍ଡ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ ଭୁବନେଶ୍ୱର ଶାଖା ପକ୍ଷରୁ ଏହାର ୪୦ତମ ଶାଖା ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଅଡିଟ୍ ଟ୍ରେଲ୍ ଏବଂ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ସମ୍ବନ୍ଧୀୟ ଏକ ସେମିନାର ଆୟୋଜିତ ହୋଇଥିଲା । ଏହି ସେମିନାରରେ ଭୁବନେଶ୍ୱର ଶାଖାର ପୂର୍ବତନ ଅଧ୍ୟକ୍ଷ ସିଏ ମିହିର କୁମାର ସାହୁ ଅଧ୍ୟକ୍ଷତା କରିଥିଲେ । ଅଡିଟ୍ ଟ୍ରେଲ୍‌ରେ ଅଂଶଗ୍ରହଣକାରୀଙ୍କୁ ଶାଖାର ପୂର୍ବତନ ଅଧ୍ୟକ୍ଷ ସିଏ ବିଶ୍ୱରନ ସୂତାର ସମ୍ବନ୍ଧିତ କରିଥିଲାବେଳେ ସୁସ୍ଥ ଖାଦ୍ୟ ଗ୍ରହଣ କରିବା ସଂପର୍କରେ ଡାଏଟିସିଆନ୍ କମ୍ ଡାଇବେଟିସ୍ ଶିକ୍ଷାବିତ୍ ତଥା ଓଲିଉଡ୍ ଅଭିନେତ୍ରୀ ସୁଶ୍ରୀ ନିହାରିକା ଦାସ ବର୍ଣ୍ଣନା କରିଥିଲେ । ଶାଖାର ଅଧ୍ୟକ୍ଷ ସିଏ ପ୍ରଦୀପ କୁମାର ସାହୁ, ଉପାଧ୍ୟକ୍ଷ ତଥା ଛାତ୍ର ସଂଗଠନର ଅଧ୍ୟକ୍ଷ ସିଏ ଗଗନ ବିହାରୀ ଦାସ, ସଚିବ ସିଏ ମହେନ୍ଦ୍ର କୁମାର ସାହୁ ଏବଂ କୋଷାଧ୍ୟକ୍ଷ ସିଏ ଶାଶ୍ୱତ ତ୍ରିପାଠୀ ଏହି ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଏହି ସେମିନାରରେ ୯ମଇ ୧୯୮୩ରେ ପ୍ରତିଷ୍ଠା ହୋଇଥିବାବେଳେ ଶାଖା ସମ୍ପର୍କିତ ତଥ୍ୟ ଉକ୍ତ ଶାଖାର ପୂର୍ବତନ ଅଧ୍ୟକ୍ଷ ସିଏ ଶରତ ଚନ୍ଦ୍ର ଭଦ୍ରା, ସିଏ ଅଶ୍ୱିନୀ କୁମାର କର, ସିଏ ଅରୁଣ କୁମାର ସାବତ, ସିଏ ପ୍ରଶାନ୍ତ ପଣ୍ଡା, ସିଏ ଅରୁଣ କୁମାର ବର୍ମା, ସିଏ ସୁନୀଲ କୁମାର ସାହୁ ଏବଂ ଅନ୍ୟ ବରିଷ୍ଠ ସଦସ୍ୟମାନେ ସେମାନଙ୍କର ଅଭିଜ୍ଞତା ବଖାଣିଥିଲେ । ଏହି ଉତ୍ସବରେ ଭୁବନେଶ୍ୱରର ୨୦୦ ସଦସ୍ୟ ଏବଂ ଛାତ୍ରଛାତ୍ରୀମାନେ ଯୋଗ ଦେଇ ଜ୍ଞାନ ଆହରଣ କରିବା ସହ ଏକ ଇଣ୍ଟରାକ୍ଟିଭ୍ ଅଧିବେଶନରେ ଅଂଶଗ୍ରହଣ କରିଥିଲେ । ଏହି ସେମିନାରରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲାବେଳେ ସମସ୍ତ ସିଏ ସଦସ୍ୟ ଏବଂ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏହା ପରିବେଷଣ କରାଯାଇଥିଲା । ଏହି ସାଂସ୍କୃତିକ ସନ୍ଧ୍ୟାରେ ବିଶିଷ୍ଟ ଗାୟକ ଏନ୍. ଶ୍ରୀ ନିବାସ ଏବଂ ତାଙ୍କ ଦଳ ମଧ୍ୟ ଯୋଗ ଦେଇଥିଲେ । ସିଏ ଗୌତମ ଲେଙ୍କା ଏବଂ ଭୁବନେଶ୍ୱର ଶାଖାର ଅନ୍ୟ ପରିଚାଳନା କମିଟି ସଦସ୍ୟଙ୍କ ଦ୍ୱାରା କାର୍ଯ୍ୟକ୍ରମଟି ପରିଚାଳନା ହୋଇଥିଲା ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray